- Vol.- 46, Issue No. 78
- Thursday,18 June 2026
- ଗୁରୁବାର,୧୮ ଜୁନ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


॥ ୪୫ତମ ଏଚଏଲସିଏ ବୈଠକ ॥

# ୨୦ ପ୍ରକଳ୍ପକୁ ଅନୁମୋଦନ

## ନିବେଶ ହେବ ୭୬ ହଜାର ୬୧୨ କୋଟି ଟଙ୍କା

## ୫୦ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ



ଭୁବନେଶ୍ୱର,୧୭।୬: ଓଡିଶାର ଶିଳ୍ପ ମହତ୍ତ୍ୱାକାଂକ୍ଷାକୁ ଏକ ଐତିହାସିକ ପ୍ରୋତ୍ସାହନ ସ୍ୱରୂପ, ରାଜ୍ୟର ଉଚ୍ଚ-ସ୍ତରୀୟ କ୍ଲିୟରାନ୍ସ ଅଥରିଟି (ଏଚଏଲସିଏ) ୭୬,୬୧୧.୮୬ କୋଟି ଟଙ୍କାର ୨୦ଟି ପ୍ରମୁଖ ପ୍ରକଳ୍ପକୁ ସ୍ୱୀକୃତି ଦେଇଛି। ଏହା ନଅଟି ଜିଲ୍ଲାରେ ୫୦,୫୧୭ରୁ ଅଧିକ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ପ୍ରତିଶ୍ରୁତି ଦେଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ତାଙ୍କ ସରକାରଙ୍କ ଦୁଇ ବର୍ଷ ପୂରଣ ଅବସରରେ ଏହି ଅନୁମୋଦନଗୁଡ଼ିକ ଉଚ୍ଚ-ପ୍ରଯୁକ୍ତି ଉତ୍ପାଦନ, ସବୁଜ ଶକ୍ତି ଏବଂ ମୂଲ୍ୟଯୁକ୍ତ ଖଣିଜ ପଦାର୍ଥ ଆଡକୁ ଏକ ନିର୍ଣ୍ଣାୟକ ପରିବର୍ତ୍ତନର ସଙ୍କେତ ଦେଇଛି। ଲାବୋରେଟୋରୀରେ ଉତ୍ପାଦିତ ହୀରା ଏବଂ ନୂତନ ଯୁଗର ଶିକ୍ଷ କେନ୍ଦ୍ର ସ୍ଥାନ ପାଇଛି, ଯାହା ପାରମ୍ପରିକ କ୍ଷେତ୍ରରୁ ଭବିଷ୍ୟତ କ୍ଷେତ୍ର ଆଡ଼କୁ ଓଡ଼ିଶାର ସାହସିକ ପଦକ୍ଷେପକୁ ପ୍ରତିଫଳିତ କରେ। କେବଳ ଖୋର୍ଦ୍ଧାରେ ତିନୋଟି ଅତ୍ୟାଧୁନିକ ଲାବୋରେଟୋରୀରେ ଉତ୍ପାଦିତ ହୀରା ୟୁନିଟ୍ ୯,୮୧୭.୫୦ କୋଟି ଟଙ୍କା ଆକର୍ଷିତ କରିବ ଏବଂ ୮,୧୦୦ ନିଯୁକ୍ତି ସୃଷ୍ଟି କରିବ।ଟାଟା ପାୱାର ନବୀକରଣ ଶକ୍ତି ଗଞ୍ଜାମରେ ଏକ ଇନଗଟ୍, ୱେଫର୍ସ ଏବଂ ସୋଲାର ପିଭି ସେଲ୍ ସୁବିଧା ପାଇଁ ୧୦,୦୦୦ କୋଟି ଟଙ୍କା ପ୍ରତିବଦ୍ଧତା ସହିତ ସବୁଜ ଶକ୍ତି ଉପକରଣ ଉତ୍ପାଦନକୁ ଏକ ବଡ଼ ପ୍ରୋତ୍ସାହନ ମିଳିଛି। ଏହା ୫,୦୦୦ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ସାତ୍ତ୍ୱିକ ସୋଲାର ଇଣ୍ଡଷ୍ଟ୍ରିଜ୍ ସେହି ଜିଲ୍ଲାରେ ଆଉ ୧,୭୦୯.୮୧ କୋଟି ଟଙ୍କାର ସୌର ପିଭି ସେଲ୍ ପ୍ଲାଣ୍ଟ ଯୋଡୁଛି।ରେୟାର ଆର୍ଥ-ଆଧାରିତ ମୂଲ୍ୟଯୁକ୍ତ ଉତ୍ପାଦର ପ୍ରକଳ୍ପଗୁଡ଼ିକରେ ନାନ୍ ମ୍ୟାଗ୍ନେଟେକ୍ର ୧,୨୫୦ କୋଟି ଟଙ୍କାର ଇଭି-ଗ୍ରେଡ୍ ଏନଡିଫେବ୍ ଚୁମ୍ବକ ୟୁନିଟ୍ ଏବଂ ଲାର୍ସନ୍ ଆଣ୍ଡ ଟୁବ୍ରୋର ୨,୪୦୦ କୋଟି ଟଙ୍କାର ସିଣ୍ଟେର୍ଡ ଚୁମ୍ବକ ସୁବିଧା ଅନ୍ତର୍ଭୁକ୍ତ। ବିଶ୍ୱ ଟାଇଟାନିୟମ୍ ଶିଳ୍ପର ୨୮୦୦ କୋଟି ଟଙ୍କାର ଟାଇଟାନିୟମ୍ ଡାଇଅକ୍ସାଇଡ୍ ପ୍ରକଳ୍ପ ରଣନୈତିକ ସାମଗ୍ରୀରେ ଓଡ଼ିଶାର ପାଦଚିହ୍ନକୁ ଆହୁରି ମଜଭୁତ କରୁଛି। ଯାଜପୁରରେ ରଶ୍ମି ମେଟାଲର୍ଜିକାଲର ୧୫,୦୦୦ କୋଟି ଟଙ୍କାର ବିଶାଳ ୪ ସମନ୍ୱିତ ଇସ୍ପାତ କାରଖାନା। ସମ୍ବଲପୁରରେ ଶ୍ୟାମ ମେଟାଲିକ୍ସର ୭,୫୮୦ କୋଟି ଟଙ୍କାର ଇସ୍ପାତ ୟୁନିଟ୍ ପ୍ରଭୃତି ଏଥିରେ ଯୋଡ଼ି ହୋଇଛି।

ମୋଦି-ଟ୍ରମ୍ପ ଆଲୋଚନା: ଟ୍ରମ୍ପ ଦେଲେ ପ୍ରତିଶ୍ରୁତି

# କେହି ଆକ୍ରମଣ କଲେ ଦେବୁ ସହାୟତା

- ହର୍ମୁଜ ଖୋଲିବା ବିଶ୍ୱ ପାଇଁ ଜରୁରୀ :ମୋଦି
- ନାବିକଙ୍କ ସୁରକ୍ଷା ପ୍ରସଙ୍ଗ: ନିଶ୍ଚିତ ଭାବେ ମିଶି କାମ କରିବୁ: ଟ୍ରମ୍ପ

ଏଭିନ(ଫ୍ରାନ୍ସ),୧୭।୬: ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।ପ୍ରଧାନମନ୍ତ୍ରୀ ମୋଦି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ କହିଛନ୍ତି ଯେ, 'ପଶ୍ଚିମ ଏସିଆରେ ଶାନ୍ତି ପ୍ରୟାସ ଦିଗରେ ହୋଇଥିବା ଅଗ୍ରଗତି ପାଇଁ ମୁଁ ଆପଣଙ୍କ ନେତୃତ୍ୱକୁ ପ୍ରଶଂସା କରୁଛି । ପୁଣି କହିଥିଲେ ହର୍ମୁଜ ଖୋଲିବା ବିଶ୍ୱ ପାଇଁ ଜରୁରୀ। ଆଲୋଚନା କାଳରେ ସର୍ବସମ୍ମୁଖରେ ଭାରତକୁ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱରେ ଥିବା ସମୟରେ ଯଦି ଭାରତ ଉପରେ ଆକ୍ରମଣ ହୁଏ, ତା'ହେଲେ ଆମେରିକା ନିଶ୍ଚିତ ଭାବେ ସହଯୋଗ କରିବାକୁ ଆଗେଇ ଆସିବ । ଟ୍ରମ୍ପ ଏଭଳି ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ସେ ଦିଲ୍ଲୀ ରଣନୀତିକ ଦୃଷ୍ଟିରୁ ପରସ୍ପର ସହଯୋଗରେ କାର୍ଯ୍ୟ କରିବେ ବୋଲି ସଙ୍କେତ ଦେଇଛନ୍ତି। ଟ୍ରମ୍ପ ସିଧାସଳଖ ମୋଦିଙ୍କ ଆଡ଼କୁ ଇଙ୍ଗିତ କରି କହିଛନ୍ତି ଯେ "ଯଦି ଏହି ବ୍ୟକ୍ତି(ମୋଦି)ଙ୍କୁ କେହି ଆକ୍ରମଣ କରିବେ, ଆମେ ସେଠାରେ ପହଞ୍ଚିବୁ। ଏବେ, ଯଦି ସେଠାରେ ନୂଆ ନେତା କେହି ଆସିବେ, ତା'ହେଲେ ମୁଁ ସହାୟତାକୁ ନେଇ ନିଶ୍ଚିତ ନୁହେଁ।" ଅନ୍ୟପକ୍ଷରେ ଦୁଇ ନେତା ଦ୍ୱିପାକ୍ଷିକ ଆଲୋଚନା ବେଳେ ବାଣିଜ୍ୟ, ଆର୍ଥିକ ସହଭାଗିତା ଓ ଆଞ୍ଚଳିକ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମୋଦିଙ୍କ ବୁଝାମଣା ଦକ୍ଷତାର ପ୍ରଶଂସା କରି କହିଛନ୍ତି ଯେ "ଭାରତ-ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନାରେ ମୋଦି ଜଣେ ଦୃଢ଼ ଓ ଦକ୍ଷ ବ୍ୟବସାୟୀ।" ଆଲୋଚନା ସମୟରେ ମୋଦି ସମୁଦ୍ରରେ କାର୍ଯ୍ୟରତ ଲକ୍ଷାଧିକ ଭାରତୀୟ ନାବିକଙ୍କ ସୁରକ୍ଷା ଭାରତ ପାଇଁ ସର୍ବୋଚ୍ଚ ପ୍ରାଥମିକତା ବୋଲି ଟ୍ରମ୍ପଙ୍କୁ ଜଣାଇଛନ୍ତି। ମଧ୍ୟପ୍ରାଚ୍ୟର ବିଭିନ୍ନ ସମୁଦ୍ରରେ ଭାରତୀୟ କ୍ରୁ ସଦସ୍ୟ ରହିଥିବା ଜାହାଜ ଉପରେ ହେଉଥିବା ଆକ୍ରମଣକୁ ନେଇ ମଧ ମୋଦି ଚିନ୍ତା ପ୍ରକଟ କରିଛନ୍ତି। ଏହାର ଉତ୍ତରରେ ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଭାରତୀୟ ନାବିକମାନଙ୍କ ସୁରକ୍ଷା ପ୍ରସଙ୍ଗରେ ଆମେରିକା ନିଶ୍ଚିତ ଭାବେ ଭାରତ ସହ ମିଶି କାମ କରିବ।




## କନ୍ଧମାଳରୁ ମିଳିଲା ବିପୁଳ ଅସ୍ତ୍ର ଓ ବିସ୍ଫୋରକ

ଫୁଲବାଣୀ,୧୭।୬: କନ୍ଧମାଳ ଜିଲ୍ଲାର ଘଞ୍ଚ ଜଙ୍ଗଲ ଭିତରେ ଲୁଚାଇ ରଖାଯାଇଥିବା ନକ୍ସଲଙ୍କ ଏକ ବଡ଼ ଅସ୍ତ୍ରଭଣ୍ଡାରକୁ ସୁରକ୍ଷା ବାହିନୀ ଠାବ କରିଛି । ଅଭିଯାନ ସମୟରେ ୬ଟି ଅଗ୍ନେୟାସ୍ତ୍ର, ବହୁ ପରିମାଣର ଜୀବନ୍ତ ଗୁଳି ଏବଂ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ଜବତ ସାମଗ୍ରୀକୁ ସୁରକ୍ଷିତ ଭାବେ ଥାନାକୁ ଅଣାଯାଇ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ବରିଷ୍ଠ ପୋଲିସ ଅଧିକାରୀଙ୍କ କହିବା ଅନୁସାରେ, କନ୍ଧମାଳ ସମେତ ପଡ଼ୋଶୀ ଜିଲ୍ଲାଗୁଡ଼ିକରେ ହିଂସାତ୍ମକ କାର୍ଯ୍ୟକଳାପ ଚଳାଇବା ପାଇଁ ନକ୍ସଲମାନେ ଏହି ଅସ୍ତ୍ରଶସ୍ତ୍ର ମହଜୁଦ ରଖିଥିଲେ। ଜବତ ଅସ୍ତ୍ର ଓ ବିସ୍ଫୋରକର ଉତ୍ସ ଖୋଜିବା ସହ ଏଥିରେ ସଂପୃକ୍ତ ନକ୍ସଲ ସଂଗଠନ ଓ ସଦସ୍ୟଙ୍କ ଚିହ୍ନଟ ପାଇଁ ତଦନ୍ତ ଜୋରଦାର କରାଯାଇଥିବା ଏକ ସୂତ୍ରରୁ ପ୍ରକାଶ।

## ୨୦ରେ ସମ୍ବଲପୁରରେ ସରକାରୀ ଛୁଟି

ଭୁବନେଶ୍ୱର, ୧୭।୬(ନିପ୍ର): ପ୍ରସିଦ୍ଧ ଶୀତଳ ଷଷ୍ଠୀ ପାଇଁ ଆସନ୍ତା ୨୦ ତାରିଖରେ ସମ୍ବଲପୁରରେ ସରକାରୀ ଛୁଟି ଘୋଷଣା କରାଯାଇଛି । ଏହି ପର୍ବ ପାଇଁ ଜିଲ୍ଲାର ସବୁ ସରକାରୀ ଅଫିସ୍ ଛୁଟି ରହିବ । ଏଥି ସହ ସମ୍ବଲପୁର ଉପଖଣ୍ଡର ସମସ୍ତ ଶିକ୍ଷାନୁଷ୍ଠାନ ମଧ୍ୟ ଛୁଟି ଘୋଷଣା କରାଯାଇଛି । ଉତ୍ତରାଞ୍ଚଳ ଆରଡିସିଙ୍କ ପୂର୍ବ ବିଜ୍ଞପ୍ତି ଅନୁଯାୟୀ ଛୁଟି ଘୋଷଣା କରାଯାଇଛି ।

## ଅନୁଗୋଳ, ସୁନ୍ଦରଗଡ଼ରେ ୨୨ରେ ଖୋଲିବ ସ୍କୁଲ

### ସୁବର୍ଣ୍ଣପୁର, ବଲାଙ୍ଗୀରରେ ୨୦

ଅନୁଗୋଳ/ସୁବର୍ଣ୍ଣପୁର,୧୭।୬: ଗୁରୁବାର ରାଜ୍ୟର କେତେକ ଜିଲ୍ଲାର ସ୍କୁଲ ଖୋଲିବାକୁ ଥିବା ବେଳେ ଅନୁଗୋଳ ଜିଲ୍ଲାରେ ୨୨ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମଛୁଟିକୁ ବଢ଼ାଇ ଦିଆଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଜୁନ ୨୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ବନ୍ଦ ରହିବ। ଜିଲ୍ଲାରେ ସରକାରୀ ଓ ବେସରକାରୀ ସ୍କୁଲମାନଙ୍କ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହିଭଳି ଭାବରେ ସୁବର୍ଣ୍ଣପୁରରେ ୨୦ ତାରିଖ ଯାଏଁ ସ୍କୁଲ ଛୁଟି । ଆସନ୍ତା ୧୮ ତାରିଖରେ ରାଜ୍ୟର ସମସ୍ତ ସ୍କୁଲ ଖୋଲିବା ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଥିଲେ।

ସୂଚନାଯୋଗ୍ୟ ଯେ, ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରାଜ୍ୟ ସରକାର ମେ' ୧୨ରୁ ଜୁନ୍ ୧୮ ପର୍ଯ୍ୟନ୍ତ ଗ୍ରୀଷ୍ମ ଛୁଟି ଘୋଷଣା କରିଥିଲେ । ବଲାଙ୍ଗୀର ଜିଲାରେ ବଢ଼ିଲା ଖରାଛୁଟି ଅବଧି। ୨୦ ତାରିଖ ଯାଏ ଖରାଛୁଟି ଅବଧି ବଢ଼ିଛି। ତେବେ ୨୨ ତାରିଖରେ ବଲାଙ୍ଗୀରରେ ଶିକ୍ଷାନୁଷ୍ଠାନ ଖୋଲିବ। ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲାପାଳ ଏହି ନିଷ୍ପତ୍ତି ନେଇଛନ୍ତି। ସେହିପରି ସୁନ୍ଦରଗଡ ଜିଲାରେ ବି ଆସନ୍ତାକାଲି ଖୋଲିବନି ସ୍କୁଲ। ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଜିଲାପାଳ ୨୨ ତାରିଖରେ ସ୍କୁଲ ଖୋଲିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।

ଭିବି ଜି ରାମଜୀ - ଗ୍ରାମୀଣ : ସରକାର ଦେଲେ ଗ୍ୟାରେଣ୍ଟି

# ଯୋଗ୍ୟଙ୍କୁ ୧୨୦ ଦିନର ରୋଜଗାର

- ★ ଜୁଲାଇ ୧ରୁ ଲାଗୁ ହେବ
- ★ ଗ୍ରାମୀଣ ଅର୍ଥନୀତି ହେବ ସୁଦୃଢ଼
- ★ ଆବେଦନର ୧୫ ଦିନରେ କାମ ନ ମିଳିଲେ ମିଳିବ ବେକାରି ଭତ୍ତା
- ★ ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ଗଠନ କରାଯିବ
- ★ ଯୋଜନାରେ ସ୍ୱଚ୍ଛତା ପାଇଁ ବାୟୋମେଟ୍ରିକ୍ ଉପସ୍ଥିତି, ଜିଓ-ଟ୍ୟାଗିଂ

ଭୁବନେଶ୍ୱର,୧୭।୬: ଓଡିଶାରେ ବୁଧବାରଠାରୁ ଲାଗୁ ହୋଇଛି ଭିବି-ଜି-ରାମଜି ଗ୍ରାମୀଣ ଯୋଜନା। ଏହାକୁ ସରକାରୀ ମଂଜୁରି ମିଳିଛି। ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବା ଏବଂ ଗ୍ରାମାଞ୍ଚଳରେ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ଓଡ଼ିଶା ସରକାର 'ବିକଶିତ ଭାରତ-ଗ୍ରାମୀଣ ରୋଜଗାର ଓ ଆଜୀବିକା ମିଶନ (ଗ୍ରାମୀଣ)' ଯୋଜନାର ବିଜ୍ଞପ୍ତି ଜାରି କରିଛନ୍ତି। ଆସନ୍ତା ଜୁଲାଇ ୧ ରୁ ଯୋଜନାଟି ରାଜ୍ୟରେ ଲାଗୁ ହେବ। ଏହା ଅଧୀନରେ ପ୍ରତ୍ୟେକ ଯୋଗ୍ୟ ପରିବାରକୁ ବର୍ଷକୁ ୧୨୦ ଦିନର ଅକୁଶଳ ଶ୍ରମଭିତ୍ତିକ ରୋଜଗାର ନିଶ୍ଚିତ କରାଯିବ। ଆବେଦନର ୧୫ ଦିନ ମଧ୍ୟରେ କାମ ଯୋଗାଇ ଦିଆନଗଲେ ବେକାର ଭତ୍ତା ପ୍ରଦାନର ବ୍ୟବସ୍ଥା ରହିଛି। ସେହିପରି ମଜୁରି ପ୍ରଦାନରେ ବିଳମ୍ବ ହେଲେ କ୍ଷତିପୂରଣ ଦେବାକୁ ମଧ ସ୍ପଷ୍ଟ ବ୍ୟବସ୍ଥା କରାଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନାର ଅନୁଭୂତିକୁ ଆଧାର କରି ଏହି ନୂଆ ଯୋଜନା ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ନିଜ ଅଞ୍ଚଳର ଆବଶ୍ୟକତା ଓ ସମ୍ପଦ ଆଧାରରେ ବିକାଶ ଯୋଜନା ପ୍ରସ୍ତୁତ କରିବ ଏବଂ ସେହି ଯୋଜନା ଅନୁସାରେ କାମ ଚୟନ କରାଯିବ। ଏହା ଫଳରେ ଉପରୁ ତଳକୁ ଯୋଜନା ପ୍ରଣୟନ ପରିବର୍ତ୍ତେ ତଳସ୍ତରରୁ ଯୋଜନା ପ୍ରସ୍ତୁତିକୁ ପ୍ରାଧାନ୍ୟ ମିଳିବ। ଯୋଜନାର କାର୍ଯ୍ୟକାରୀ ରୂପାୟନ ପାଇଁ ରାଜ୍ୟ ସ୍ତରରେ 'ଓଡ଼ିଶା ରାଜ୍ୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ପରିଷଦ' ଓ 'ରାଜ୍ୟ ସ୍ତରୀୟ ଷ୍ଟିୟରିଂ କମିଟି' ଗଠନ କରାଯିବ। ଜିଲ୍ଲାପାଳମାନେ ଜିଲ୍ଲା କାର୍ଯ୍ୟକ୍ରମ ସମନ୍ୱୟକାରୀ ଭାବେ ଯୋଜନାର ରୂପାୟନ ତଦାରଖ କରିବେ। ସରକାର ଡିଜିଟାଲ୍ ନିରୀକ୍ଷଣ ଉପରେ ମଧ ବିଶେଷ ଜୋର୍ ଦେଇଛନ୍ତି। ବାୟୋମେଟ୍ରିକ୍ ଉପସ୍ଥିତି, ଜିଓ-ଟ୍ୟାଗିଂ, ଏମ୍ଆଇଏସ୍ ଆଧାରିତ ମନିଟରିଂ, ସାମାଜିକ ନିରୀକ୍ଷଣ ଓ ଅଭିଯୋଗ ନିବାରଣ ବ୍ୟବସ୍ଥା ଯୋଜନାରେ ସାମିଲ କରାଯାଇଛି।



## ପିଏମ-ଭିବିଆର୍‌ୱାଇ : ଆକାଉଣ୍ଟକୁ ଆସିବ ୧୫ହଜାର

ନୂଆଦିଲ୍ଲୀ,୧୭।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁନ୍ ୧୯ ତାରିଖରେ 'ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା' ଅଧୀନରେ ପ୍ରାୟ ୨,୪୦୦ କୋଟିର ପ୍ରୋତ୍ସାହନ ରାଶି ଜାରି କରିବେ। ପ୍ରଥମ ଥର ପାଇଁ ଚାକିରି ପାଇଥିବା କର୍ମଚାରୀଙ୍କୁ ୧୫,୦୦୦ ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ମିଳିବ। କ୍ରମାଗତ ଭାବରେ ରୋଜଗାର ସୃଷ୍ଟିକୁ ପ୍ରୋତ୍ସାହନ ଦେବା ପାଇଁ, ନିଯୁକ୍ତିଦାତାମାନେ ପ୍ରତ୍ୟେକ ଅତିରିକ୍ତ କର୍ମଚାରୀଙ୍କ ପାଇଁ ମାସିକ ୩,୦୦୦ ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ ହେବେ। ପ୍ରଧାନମନ୍ତ୍ରୀ ମୋଦୀ ୧୯ ଜୁନ୍, ୨୦୨୬ ରିଖ ସନ୍ଧ୍ୟା ୫:୦୦ ଟାରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା' (ପିଏମ-ଭିବିଆର୍‌ୱାଇ) ଅଧୀନରେ ପ୍ରାୟ ୨,୪୦୦ କୋଟିର ପ୍ରୋତ୍ସାହନ ରାଶି ବିତରଣ କରିବେ।

## ପିଏମ୍ ସ୍ୱନିଧି ଯୋଜନା: ଷ୍ଟାମ୍ପ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼

ଭୁବନେଶ୍ୱର,୧୭।୬(ନିପ୍ର): ପିଏମ୍ ସ୍ୱନିଧି ଯୋଜନାରେ ଷ୍ଟ୍ରିଟ୍ ଭେଣ୍ଡର ହିତାଧିକାରୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । ୩ଟି ଋଣ ପର୍ଯ୍ୟାୟରେ ଷ୍ଟାମ୍ପ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ କରିଛନ୍ତି ରାଜ୍ୟ ସରକାର । ହାଇପୋଥିକେସନ୍ ଚୁକ୍ତିପତ୍ର ଉପରେ ଲାଗୁଥିବା ଷ୍ଟାମ୍ପ ଶୁଳ୍କ ସମ୍ପୂର୍ଣ୍ଣଛାଡ଼ କରାଯାଇଛି । ଭାରତୀୟ ଷ୍ଟାମ୍ପ ଆଇନ, ୧୮୯୯ ଧାରା ୯ (୧) (କ) ଅନୁଯାୟୀ ନିଷ୍ପତ୍ତି ନିଆଯାଇଛି।

ଉପବାଚସ୍ପତିଙ୍କ ଜାଲ ଦସ୍ତଖତ କରିବା ମାମଲା

## ଯନ୍ତ୍ରୀଙ୍କୁ ବାନ୍ଧିଲା ପୋଲିସ

### ମୋନାଲିସାଙ୍କ ବିରୁଦ୍ଧରେ ଯାଞ୍ଚ ଚାଲିଛି

ଭୁବନେଶ୍ୱର,୧୭।୬: ଉପ-ବାଚସ୍ପତିଙ୍କ ଜାଲ ଦସ୍ତଖତ କରିବା ଅଭିଯୋଗରେ ସହକାରୀ ଯନ୍ତ୍ରୀ ଗିରଫ ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ସହକାରୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମଙ୍କୁ ଗିରଫ କରାଯିବା ପରେ ଭୁବନେଶ୍ୱର ଆଣିଛି କ୍ୟାପିଟାଲ୍ ଥାନା ପୋଲିସ । ଭୁବନେଶ୍ୱର ଜୋନ୍-୧, ଏସିପି ରମେଶ ବିଷୋୟୀ, ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯେ ଚଳିତ ମାସ ୧୩ ତାରିଖରେ ଉପ-ବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ନିରଞ୍ଜନ କୁମାର ସାହା ଉପବାଚସ୍ପତିଙ୍କ ଜାଲ୍ ଦସ୍ତଖତ କରାଯାଇଥିବାର କ୍ୟାପିଟାଲ ଥାନାରେ ଏତଲା ଦେଇଥିଲା। ହରିଚନ୍ଦନପୁର ବ୍ଲକ୍ ସହକାରୀ ଯନ୍ତ୍ରୀ, ଲକ୍ଷ୍ମଣ ହେମ୍ବ୍ରମ୍ ଏବଂ ବାଂଶପାଳ ବ୍ଲକ୍ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ମୋନାଲିସା ବେହେରାଙ୍କ ନାମରେ ଏତଲା ଦିଆଯାଇଥିଲା । ଏହି ଦୁଇ ଜଣ ଉପ-ବାଚସ୍ପତିଙ୍କ ଦସ୍ତଖତକୁ ନକଲ କରି ସେମାନଙ୍କର ଚାକିରି ସ୍ଥାନାନ୍ତରଣ କରିଥିଲେ । ପୋଲିସ ଉଭୟଙ୍କ ନାମରେ ମାମଲାର ରୁଜୁ କରିବା ପରେ ତଦନ୍ତ କରିଥିଲା । ପ୍ରମାଣ ମିଳିବା ପରେ ଲକ୍ଷ୍ମଣ ହେମ୍ବ୍ରମଙ୍କୁ କେନ୍ଦୁଝରରୁ ଗିରଫ କରାଯାଇଛି। ତାଙ୍କ ଭୁବନେଶ୍ୱରକୁ ଅଣାଯାଇ ଜେରା କରାଯାଉଛି। ଅପରପକ୍ଷେ ମୋନାଲିସାଙ୍କ ବିରୁଦ୍ଧରେ ଯାଞ୍ଚ ଚାଲିଛି । ପ୍ରମାଣ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସିପି କହିଛନ୍ତି।

# ପାଠ୍ୟପୁସ୍ତକରେ ତ୍ରୁଟି: ମୁଖ୍ୟମନ୍ତ୍ରୀ ଗମ୍ଭୀର



- ତୁରନ୍ତ ସୁଧାରିବାକୁ ଦେଲେ ନିର୍ଦ୍ଦେଶ
- ୩ ଜଣିଆ ଉଚ୍ଚସ୍ତରୀୟ କମିଟି ଗଠିତ,
- ୭ ଦିନରେ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ
- ଦୋଷୀଙ୍କ ବିରୁଦ୍ଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୭।୬(ନିପ୍ର): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ପାଠ୍ୟପୁସ୍ତକରେ ପରିଲକ୍ଷିତ ହୋଇଥିବା ତ୍ରୁଟିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଆଭାସୀ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଏହି ତ୍ରୁଟି ସୁଧାରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ ଏକ ତିନି ଜଣିଆ କମିଟି ଗଠନ କରାଯାଇ ଏହି ତ୍ରୁଟି ପାଇଁ କେଉଁ ଅଧିକାରୀ/ସଂସ୍ଥା ଦାୟୀ ତାହା ନିର୍ଣ୍ଣୟ କରିବା ପାଇଁ ବୈଠକରେ ମୁଖମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୭ ଦିନ ମଧ୍ୟରେ ଏହି କମିଟି ରିପୋର୍ଟ ଦାଖଲ କରିବେ ଏବଂ କମିଟିର ରିପୋର୍ଟ ଆଧାରରେ ଦାୟୀ ଅଧିକାରୀ/ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ନିର୍ଭୁଲ ପାଠ୍ୟପୁସ୍ତକ ତୁରନ୍ତ ଯୋଗାଇ ଦିଆଯାଉ: ଓଷ୍ଟା

ଭୁବନେଶ୍ୱର,୧୭।୬ (ନିପ୍ର)ରାଜ୍ୟସରକାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ନୂତନ ପାଠ୍ୟଖସଡ଼ା ଆଧାରରେ ଛପାଇଥିବା ବହିରେ ମାତ୍ରାଧିକ ତ୍ରୁଟି ରହିବା ଅତ୍ୟନ୍ତ ଉଦ୍‌ବେଗଜନକ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତିରେ କହିଛନ୍ତି । ସୂଚନାଥାଉକି, ରାଜ୍ୟରେ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ଛପା ଯାଇଥିବା ପାଠ୍ୟପୁସ୍ତକରେ ପ୍ରାୟ ୧୬୦୦ରୁ ଅଧିକ ତ୍ରୁଟି ଦୃଷ୍ଟିଗୋଚର ହୋଇଛି । ପାଖାପାଖି ତିନି ଲକ୍ଷ ବହି ପ୍ରସ୍ତୁତିରେ ଦୁଇକୋଟିରୁ ଅଧିକ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ବହି ଛପାଇବା ପାଇଁ ୪୫ରୁ ୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ମୋଟ୍ ୫୫ଟି ବହି ଛାପିବା ପାଇଁ ନିଷ୍ପତ୍ତି ନେଇ ଏକ କମିଟି ଗଠନ କରିଥିଲେ । ଗଣଶିକ୍ଷା ବିଭାଗର ସୂଚନାନୁଯାୟୀ ପାଠ୍ୟକ୍ରମ ପ୍ରସ୍ତୁତିର ରୂପରେଖ କିପରି ରହିବ, କ'ଣ ନୂଆ ବିଷୟ ରଖାଯିବ, କ'ଣ ଭଲ ହୋଇପାରିବ ଇତ୍ୟାଦି ଅନେକ ବିଷୟକୁ କମିଟି ପରଖି ନିରଖି ଥିଲା । କମିଟିରେ ଥିବା ଶିକ୍ଷାବିତ୍ ମାନେ ମଧ ଶିକ୍ଷାବ୍ୟବସ୍ଥାରେ କିପରି ପରିବର୍ତ୍ତନ ଆସିବ, ପିଲାମାନେ ଗୁଣାତ୍ମକ ଶିକ୍ଷା କିପରି ପାଇବେ ସେ ନେଇ ବାରମ୍ବାର ବୈଠକ ବସିଥିଲା । ନିଷ୍ପତ୍ତି ଥିଲା ଏନସିଆରଟି ପାଠ୍ୟପୁସ୍ତକ ଢାଞ୍ଚାରେ ଆମର ପ୍ରସ୍ତୁତ ହେଉଥିବା ଏନସିଆରଟି ପାଠ୍ୟପୁସ୍ତକକୁ ବିକଶିତ କରାଯିବ । ପାଠ୍ୟପୁସ୍ତକ ପ୍ରସ୍ତୁତି ପାଇଁ ସଂପୂର୍ଣ୍ଣ ଦାୟିତ୍ୱ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ(ଏନସିଆରଟି)କୁ ଦିଆଯାଇଥିଲା । ପାଠ୍ୟପୁସ୍ତକରେ ରହିଥିବା ମାତ୍ରାଧିକ ତ୍ରୁଟିକୁ ନେଇ ପିଲାମାନଙ୍କୁ କିପରି ପାଠ ପଢ଼ାଯିବ ସେ ନେଇ ଓଡ଼ିଶାର ଶିକ୍ଷାବିତ୍, ଅଭିଭାବକ, ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀ ମହଲରେ ଅନେକ ଅସନ୍ତୋଷ ସୃଷ୍ଟି ହୋଇଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି ।

# ପ୍ରଣାମର ପ୍ରକୃତ ଅର୍ଥ

ଭାରତୀୟ ପରମ୍ପରା ଏବଂ ସଂସ୍କୃତିରେ 'ନମସ୍କାର' କିମ୍ବା 'ପ୍ରଣାମ' କେବଳ ଏକ ସାଧାରଣ ଅଭିବାଦନ ନୁହେଁ, ବରଂ ଏହା ଏକ ଗଭୀର ଆଧ୍ୟାତ୍ମିକ ଏବଂ ବୈଜ୍ଞାନିକ ମହତ୍ତ୍ୱ ବହନ କରେ। ଦୁଇ ହାତ ଯୋଡ଼ି ନମସ୍କାର କରିବା ଭାରତୀୟ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ।

## ନମସ୍କାରର ଶାବ୍ଦିକ ଏବଂ ଆଧ୍ୟାତ୍ମିକ ଅର୍ଥ

ସଂସ୍କୃତ ଶବ୍ଦ 'ନମଃ' ରୁ ନମସ୍କାରର ଉତ୍ପତ୍ତି ହୋଇଛି, ଯାହାର ଅର୍ଥ ହେଉଛି ଅହଂକାରକୁ ତ୍ୟାଗ କରି ଅନ୍ୟ ଆଗରେ ନତମସ୍ତକ ହେବା। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ, ଏହାର ଅର୍ଥ ହେଉଛି 'ମୋ ଭିତରେ ଥିବା ଆତ୍ମା, ଆପଣଙ୍କ ଭିତରେ ଥିବା ଆତ୍ମାକୁ ପ୍ରଣାମ କରୁଛି'। ଏହା ମନୁଷ୍ୟ ମଧ୍ୟରେ ଥିବା ସମାନତା ଏବଂ ଦୈବୀ ଶକ୍ତିକୁ ସ୍ୱୀକୃତି ଦେଇଥାଏ।

## ବୈଜ୍ଞାନିକ ତଥା ମନୋବୈଜ୍ଞାନିକ ଦୃଷ୍ଟିକୋଣ

ଦୁଇ ହାତ ଯୋଡ଼ିବା ଦ୍ୱାରା ଶରୀରର ଡାହାଣ ଏବଂ ବାମ ମସ୍ତିଷ୍କ ମଧ୍ୟରେ ସମନ୍ୱୟ ରକ୍ଷା ହୋଇଥାଏ। ଆଙ୍ଗୁଠିର ଅଗ୍ରଭାଗ ପରସ୍ପର ସହ ସ୍ପର୍ଶ ହେବା ଦ୍ୱାରା ଏକ୍ୟୁପ୍ରେସର ପଏଣ୍ଟଗୁଡ଼ିକ ସକ୍ରିୟ ହୋଇଥାଏ, ଯାହା ଆଖି, କାନ ଏବଂ ମସ୍ତିଷ୍କର ସ୍ମୃତି ଶକ୍ତିକୁ ପ୍ରଖର କରିବାରେ ସାହାଯ୍ୟ କରିଥାଏ। ଏହାବ୍ୟତୀତ, ହାତ ମିଳାଇବା ପରିବର୍ତ୍ତେ ନମସ୍କାର କରିବା ଦ୍ୱାରା ଜୀବାଣୁ ସଂକ୍ରମଣରୁ ମଧ୍ୟ ରକ୍ଷା ମିଳିଥାଏ।

## ଭାରତୀୟ ସଂସ୍କୃତିରେ ପ୍ରଣାମର ମହତ୍ତ୍ୱ

ଭାରତରେ ବୟସ୍କ, ଗୁରୁ ଏବଂ ସମ୍ମାନନୀୟ ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାର ସହିତ ପ୍ରଣାମ କରିବା ଏକ ପ୍ରାଚୀନ ପରମ୍ପରା। ଏହା ଶୃଙ୍ଖଳା, ନମ୍ରତା ଏବଂ ସଂସ୍କାରର ପ୍ରତୀକ ଅଟେ। ଗୁରୁଜନମାନଙ୍କ ଚରଣ ସ୍ପର୍ଶ କରିବା ଦ୍ୱାରା ସମାନଙ୍କର ସକାରାତ୍ମକ ଶକ୍ତି ଏବଂ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।



# ଆଧ୍ୟାତ୍ମିକ ପଥରେ ସବୁଠୁ ବଡ଼ ବିପଦ ଆଳସ୍ୟ



ବେଦ ମଣିଷ ପାଇଁ କର୍ତ୍ତବ୍ୟ ନିର୍ଣ୍ଣୟ କରିଛନ୍ତି, ଯାହା ଦ୍ୱାରା ମନ ଏବଂ ଇନ୍ଦ୍ରିୟଗୁଡ଼ିକୁ ଶୃଙ୍ଖଳାବଦ୍ଧ କରାଯିବ। ପ୍ରକୃତରେ, ଆଳସ୍ୟକୁ ଆଧ୍ୟାତ୍ମିକ ପଥ ଉପରେ ସବୁଠାରୁ ବଡ଼ ବିପଦ ମଧ୍ୟରୁ ଗୋଟିଏ ଭାବରେ ବର୍ଣ୍ଣନା କରାଯାଇଛ। ଆଳସ୍ୟ ହେଉଛି ମଣିଷର ସବୁଠାରୁ ବଡ଼ ଶତ୍ରୁ। ଏହା ବିଶେଷ ଭାବରେ କ୍ଷତିକାରକ । କାରଣ ଏହା ଅଳସୁଆର ଶରୀରରେ ବାସ କରେ। ଖାଇବା, ସ୍ନାନ କରିବା ଏବଂ ଉପଯୁକ୍ତ ସ୍ୱାସ୍ଥ୍ୟ ବଜାୟ ରଖିବା ଭଳି ମୌଳିକ ଶାରୀରିକ କାର୍ଯ୍ୟକଳାପ ପାଇଁ ମଧ୍ୟ କାମ ଆବଶ୍ୟକ। ଏହି ବାଧ୍ୟତାମୂଳକ କାର୍ଯ୍ୟଗୁଡ଼ିକୁ ନିତ୍ୟ କର୍ମ କୁହାଯାଏ। ଏହି ମୌଳିକ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପକୁ ଅଣଦେଖା କରିବା ପ୍ରଗତିର ଲକ୍ଷଣ ନୁହେଁ, ଅନ୍ୟପକ୍ଷରେ, ଏକ ଯତ୍ନବାନ ଏବଂ ପୁଷ୍ଟ ଶରୀର ଆଧ୍ୟାତ୍ମିକତାର ପଥରେ ଏକ ସକାରାତ୍ମକ ସହାୟକ। ଡକାୟତ ହାତରେ ଥିବା ଛୁରୀ ହେଉଛି ଭୟଭୀତ କରିବା କିମ୍ବା ହତ୍ୟା କରିବା ପାଇଁ ଏକ ଅସ୍ତ୍ର। କିନ୍ତୁ ଜଣେ ଡାକ୍ତର ବା ସର୍ଜନଙ୍କ ହାତରେ ଲୋକଙ୍କ ଜୀବନ ରକ୍ଷା ପାଇଁ ବ୍ୟବହୃତ ଏକ ଅମୂଲ୍ୟ ଉପକରଣ। ଛୁରୀ ନିଜେ ହତ୍ୟାକାରୀ ନୁହେଁ କିମ୍ବା ମଙ୍ଗଳକାରୀ ନୁହେଁ - ଏହାର ପ୍ରଭାବ ଏହାକୁ କିପରି ବ୍ୟବହାର କରାଯାଏ ତାହା ଦ୍ୱାରା ନିର୍ଣ୍ଣୟ କରାଯାଏ। ଯେପରି ସେକ୍ସପିଅର କହିଥିଲେ: ' କିଛି ଭଲ କିମ୍ବା ମନ୍ଦ ନାହିଁ, କିନ୍ତୁ ଚିନ୍ତାଧାରା ଏହାକୁ ଏପରି କରିଥାଏ।' ସେହିପରି, କାମ ନିଜେ ଭଲ କିମ୍ବା ମନ୍ଦ ନୁହେଁ। ମନର ଅବସ୍ଥା ଉପରେ ନିର୍ଭର କରି, ଏହା ବନ୍ଧନକାରୀ କିମ୍ବା ଉନ୍ନତ ହୋଇପାରେ। ଜଣଙ୍କର ଇନ୍ଦ୍ରିୟର ଆନନ୍ଦ ଏବଂ ଜଣଙ୍କର ଗର୍ବର ପରିତୃପ୍ତି ପାଇଁ କରାଯାଇଥିବା କାର୍ଯ୍ୟ ଭୌତିକ ଜଗତରେ ବନ୍ଧନର କାରଣ, ଯେତେବେଳେ ପରମେଶ୍ୱରଙ୍କ ସନ୍ତୋଷ ପାଇଁ ପରୋପକାର ଓ ସେବା ଆଦି କରାଯାଇଥିବା କାର୍ଯ୍ୟ ମାୟାର ବନ୍ଧନରୁ ମୁକ୍ତ କରେ ଏବଂ ଦିବ୍ୟ କୃପାକୁ ଆକର୍ଷିତ କରେ।



ଆଜିର ଯୁବପିଢ଼ି ପ୍ରାୟତଃ ସଠିକ୍ ପଥରୁ ବିଚ୍ୟୁତ ହେଉଛନ୍ତି। ଭଗବଦ୍ ଗୀତାର ଶିକ୍ଷା ଲୋକଙ୍କୁ ସଠିକ୍ ଦିଗରେ ମାର୍ଗଦର୍ଶନ କରେ ଏବଂ ସତ୍ୟ, ନୀତି ଏବଂ ଆଦର୍ଶ ଉପରେ ଆଧାରିତ ଜୀବନଯାପନ କରିବାକୁ ପ୍ରେରଣା ଦିଏ।

# ଭଗବଦ୍ ଗୀତାରେ ଅଛି ଶାନ୍ତି ଏବଂ ସନ୍ତୁଳନର ସୂତ୍ର

ଆଜିର ସମାଜ ଦୁର୍ନୀତି, ହିଂସା, ମିଥ୍ୟା ଏବଂ ଅନ୍ୟାନ୍ୟ ଅନେକ ଅନୈତିକ କାର୍ଯ୍ୟ ଦ୍ୱାରା ଜର୍ଜରିତ। ଭଗବଦ୍ ଗୀତାର ଶିକ୍ଷା ବ୍ୟକ୍ତିମାନଙ୍କୁ ନୈତିକ ଏବଂ ସତ୍ୟବାଦୀ ହେବାକୁ ସଶକ୍ତ କରେ, ଯାହା ଏକ ସୁସ୍ଥ ସମାଜ ଆଡ଼କୁ ନେଇଯାଏ। ଆଜିର ବିଶ୍ୱରେ, ଲୋକମାନେ ଚିନ୍ତା, ଚାପ ଏବଂ ଅଶାନ୍ତି ସହିତ ବଞ୍ଚନ୍ତି। ଭଗବଦ୍ ଗୀତା ପଢ଼ିବା ଏବଂ ଶୁଣିବା ଦ୍ୱାରା ଜୀବନରେ ମନର ଶାନ୍ତି ଏବଂ ସନ୍ତୁଳନ ଆସେ। ଭଗବଦ୍ ଗୀତା ଲୋକଙ୍କୁ ପ୍ରେମ, ସହଯୋଗ ଏବଂ ଭ୍ରାତୃତ୍ୱ ଶିଖାଏ। ଏହା ସମସ୍ତ ଜାତି, ଧର୍ମ ଏବଂ ବର୍ଗର ଲୋକଙ୍କୁ ଏକତ୍ର କରିବାରେ ସାହାଯ୍ୟ କରେ। ଭଗବଦ୍ ଗୀତା ଆମକୁ ପରିବାର ଏବଂ ସମ୍ପର୍କର ଗୁରୁତ୍ୱ ବିଷୟରେ ଅନେକ ଶିକ୍ଷା ଦିଏ। ଏହା ପରିବାର ମଧ୍ୟରେ ପ୍ରେମ, ସମ୍ମାନ ଏବଂ ଏକତାକୁ ପ୍ରୋତ୍ସାହିତ କରେ। ଆଜିର ଯୁବପିଢ଼ି ପ୍ରାୟତଃ ସଠିକ୍ ପଥରୁ ବିଚ୍ୟୁତ ହୁଅନ୍ତି। ଭଗବଦ୍ ଗୀତାର ଶିକ୍ଷା ଲୋକଙ୍କୁ ସଠିକ୍ ଦିଗରେ ମାର୍ଗଦର୍ଶନ କରେ ଏବଂ ସତ୍ୟ, ନୀତି ଏବଂ ଆଦର୍ଶ ଉପରେ ଆଧାରିତ ଜୀବନଯାପନ କରିବାକୁ ପ୍ରେରଣା ଦିଏ।ଆଜିର ସମୟରେ, ବିଜ୍ଞାନ ଏବଂ



ପ୍ରଯୁକ୍ତିର ଉନ୍ନତି ସତ୍ତ୍ୱେ, ଲୋକଙ୍କ ମନରେ ମାନସିକ ଶାନ୍ତିର ଅଭାବ ରହିଛି। ଏହି ସମୟରେ ଭଗବଦ୍ ଗୀତାର ବହୁତ ଆବଶ୍ୟକତା ଅଛି। ଏହା ଲୋକଙ୍କୁ ଆତ୍ମବିଶ୍ୱାସ, ସହନଶୀଳତା ଏବଂ ଧୈର୍ଯ୍ୟ ପ୍ରଦାନ କରେ। ଭଗବଦ୍ ଗୀତା ଆମକୁ ଶିକ୍ଷା ଦିଏ ଯେ ପ୍ରକୃତ ଧନ ଆଧ୍ୟାତ୍ମିକ ସମ୍ପତ୍ତିରେ ନାହିଁ, ଭୌତିକ ସମ୍ପତ୍ତିରେ ଅଛି। ଏହା ଲୋକଙ୍କୁ ନିଜ ମନକୁ ନିୟନ୍ତ୍ରଣ କରିବାକୁ ଏବଂ ସରଳ ଜୀବନଯାପନ କରିବାକୁ ପ୍ରେରଣା ଦିଏ। ଭଗବଦ୍ ଗୀତା ପଠନ ସାମାଜିକ ଏକତାକୁ ମଜବୁତ କରେ। ଏକାଠି ବସିବା, ଭଗବଦ୍ ଗୀତା ଶୁଣିବା କିମ୍ବା ପଠନ ସହଯୋଗ, ଭାଇଚାରା ଏବଂ ବନ୍ଧୁତାକୁ ପ୍ରୋତ୍ସାହିତ କରେ। ଭଗବଦ୍ ଗୀତା ପଠନ ଆଧ୍ୟାତ୍ମିକ ଶାନ୍ତି, ନୈତିକ ଶକ୍ତି ଏବଂ ଜୀବନରେ ସଠିକ୍ ଦିଗ ପ୍ରଦାନ କରେ। ଏହା ଆମ ଜୀବନକୁ ଶୁଭ ଏବଂ ସଫଳ କରିବା ପାଇଁ ଏକ ଅତ୍ୟାବଶ୍ୟକ ଉପକରଣ। ଶ୍ରୀମଦ୍ ଭଗବଦ୍ ଗୀତା ଏକ ମୂଲ୍ୟବାନ ଧାର୍ମିକ ଏବଂ ସାମାଜିକ ଗ୍ରନ୍ଥ। ଏହାର ମହିମା ଅପାର ଏବଂ ଏହା ଲୋକଙ୍କୁ ନୈତିକ, ଆଧ୍ୟାତ୍ମିକ ଏବଂ ସାମାଜିକ ଭାବରେ ସଶକ୍ତ କରେ।

# କାହିଁକି ରାଜା ବଳିଙ୍କୁ ପାତାଳକୁ ଚାପିଦେଲେ ବାମନ ?

## ଶ୍ରୀମନ୍ଦିରରେ କେମିତି ପାଳନ ହୁଏ ବାମନ ଜନ୍ମ ?

ଯେତେବେଳେ ପୃଥିବୀରେ ଧର୍ମ ,ନୈତିକତା, ନ୍ୟାୟ, ସତ୍ୟଆଦି ଦୁର୍ବଳ ହୁଏ ଏବଂ ଅଧର୍ମ ,ଅନ୍ୟାୟ, ପାପ, ଅଶାନ୍ତିଆଦି ବୃଦ୍ଧି ପାଏ, ସେତେବେଳେ ସୃଷ୍ଟିର ସନ୍ତୁଳନ ରକ୍ଷା କରିବା ପାଇଁ ଭଗବାନ ବିଷ୍ଣୁ ବିଭିନ୍ନ ଅବତାର ରୂପେ ପୃଥିବୀକୁ ଆଗମନ କରନ୍ତି। ହିନ୍ଦୁ ଧର୍ମରେ ଭଗବାନ ବିଷ୍ଣୁଙ୍କୁ ପାଳନକର୍ତ୍ତା ବା ସଂରକ୍ଷକ ରୂପେ ବିବେଚନା କରାଯାଏ। ଏହା ହିଁ ବିଷ୍ଣୁଙ୍କ

## ଦଶାବତାରର ମୂଳ ଉଦ୍ଦେଶ୍ୟକୁ ସୂଚାଏ

ତାଙ୍କର ସମସ୍ତ ଅବତାରମାନଙ୍କ ମଧ୍ୟରୁ ସବୁଠାରୁ ପ୍ରସିଦ୍ଧ ହେଉଛି ଦଶାବତାର। ସୃଷ୍ଟିର ସନ୍ତୁଳନ ରକ୍ଷା କରିବା, ଧର୍ମ ପ୍ରତିଷ୍ଠା କରିବା ଏବଂ ଅଧର୍ମର ବିନାଶ ପାଇଁ ବିଷ୍ଣୁ ବିଭିନ୍ନ ରୂପରେ ପୃଥିବୀରେ ଅବତାର ଗ୍ରହଣ କରିଥାନ୍ତି। ଏହି ଅବତାରଗୁଡ଼ିକ ହିନ୍ଦୁ ପୁରାଣରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି ଏବଂ ଏହା ମାନବ ଜାତିର ବିକାଶ, ନୈତିକତା ଓ ଆଧ୍ୟାତ୍ମିକତାର ପ୍ରତୀକ ଅଟେ। ସତ୍ୟଯୁଗରେ ବିଷ୍ଣୁ ତାଙ୍କର ପ୍ରଥମ ଅବତାର ମତ୍ସ୍ୟ ରୂପରେ ମନୁଙ୍କୁ ଏକ ନୌକାରେ ରକ୍ଷା କରିଥିଲେ ଏବଂ ବେଦମାନଙ୍କୁ ଅସୁର ହୟଗ୍ରୀବଠାରୁ ଉଦ୍ଧାର କରିଥିଲେ। ଦ୍ୱିତୀୟ ଅବତାରରେ ବିଷ୍ଣୁ କଚ୍ଛପ ରୂପ ଧାରଣ କରି ମନ୍ଦର ପର୍ବତକୁ ନିଜ ପିଠିରେ ସ୍ଥିର ରଖି ସମୁଦ୍ର ମନ୍ଥନ ସମୟରେ ଦେବତା ଓ ଅସୁରମାନଙ୍କୁ ସାହାଯ୍ୟ କରିଥିଲେ।

ତୃତୀୟ ଅବତାରରେ ବିଷ୍ଣୁ ମହାପ୍ରଳୟ କାଳରେ ପୃଥିବୀ ଜଳମଗ୍ନ ହୋଇଥିବା ସମୟରେ ବରାହ ଅବତାର ହୋଇ ତାହାକୁ ଦାନ୍ତରେ ଧାରଣ କରିଥିଲେ। ଚତୁର୍ଥ ଅବତାରରେ ବିଷ୍ଣୁ ଅର୍ଦ୍ଧ ମନୁଷ୍ୟ ଓ ଅର୍ଦ୍ଧ ସିଂହ ରୂପେ ଅସୁର ହିରଣ୍ୟକଶିପୁକୁ ବଧ କରି ତାଙ୍କ ଭକ୍ତ ପ୍ରହ୍ଲାଦଙ୍କୁ ରକ୍ଷା କରିଥିଲେ। ଏହା ଧର୍ମ ଓ ଭକ୍ତିର ବିଜୟକୁ ଦର୍ଶାଏ। ପଞ୍ଚମ ଅବତାରରେ ବିଷ୍ଣୁ ବାମନ ରୂପରେ ରାଜା ବଳିଙ୍କଠାରୁ ତିନି ପାଦରେ ତିନି ଲୋକ ମାଗି ନେଇ ଅହଂକାରର ଦମନ କରିଥିଲେ। ଷଷ୍ଠ ଅବତାରରେ ବିଷ୍ଣୁ ପର୍ଶୁରାମ ରୂପେ କ୍ଷତ୍ରିୟମାନଙ୍କ ଅତ୍ୟାଚାରରୁ ପୃଥିବୀକୁ ମୁକ୍ତ କରିଥିଲେ। ସପ୍ତମ ଅବତାର ଶ୍ରୀରାମ ରାମାୟଣର ନାୟକ ଅଟନ୍ତି। ସେ ରାବଣଙ୍କୁ ବଧ କରି ଧର୍ମ, ନୈତିକତା ଓ ମର୍ଯ୍ୟାଦାର ଆଦର୍ଶ ପ୍ରତିଷ୍ଠା କରିଥିଲେ। ବିଷ୍ଣୁଙ୍କ ଅଷ୍ଟମ ଅବତାର ରୂପ ହେଉଛନ୍ତି କୃଷ୍ଣ ।ସେ ମହାଭାରତର ମୁଖ୍ୟ ଚରିତ୍ର। ସେ ଅସୁରମାନଙ୍କୁ ବଧ କରି ଓ ଗୀତା ମାଧ୍ୟମରେ ଜ୍ଞାନ ପ୍ରଚାର କରି ଧର୍ମ ପ୍ରତିଷ୍ଠା କରିଥିଲେ ।ନବମ ଅବତାରରେ ଗୌତମ ବୁଦ୍ଧ ବିଷ୍ଣୁଙ୍କ ଅବତାର ରୂପେ ଅହିଂସା, ଜ୍ଞାନ ଓ ସମ୍ୟକ ଜୀବନଶୈଳୀର ଶିକ୍ଷା ଦେଇଥିଲେ। ଦଶମ ଓ ଶେଷ ଅବତାର କଳ୍କି ରୂପ କଳିଯୁଗରେ ଆଗମନ କରିବେ ବୋଲି ବିଶ୍ୱାସ କରାଯାଏ। ସେ ଅଧର୍ମର ବିନାଶ କରି ସତ୍ୟଯୁଗର ପୁନଃପ୍ରତିଷ୍ଠା କରିବେ। ଦଶାବତାରର ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହତ୍ତ୍ୱ ହେଲା, ଏହାର କାହାଣୀ କେବଳ ଧାର୍ମିକ ନୁହେଁ, ଏହା ମାନବ ଜାତିର ବିକାଶଗତ ଓ ଆଧ୍ୟାତ୍ମିକ ଯାତ୍ରାର ପ୍ରତୀକ।

## ବାମନ ଅବତାର

ବାମନ ହେଉଛନ୍ତି ବିଷ୍ଣୁଙ୍କର ପଞ୍ଚମ ଅବତାର, ଯିଏ ତ୍ରେତୟା ଯୁଗରେ ନରସିଂହ ଅବତାର ପରେ ଆବିର୍ଭାବ ହୋଇଥିଲେ। ବେଦ, ପୁରାଣ ଓ ହିନ୍ଦୁ ମହାକାବ୍ୟରେ ତାଙ୍କୁ ତ୍ରିବିକ୍ରମ, ଉରୁକ୍ରମ, ଉପେନ୍ଦ୍ର, ଦଧିବାମନ ଏବଂ ବଳିବନ୍ଧନ ନାମରେ ମଧ୍ୟ ଜଣାଯାଏ। ମାତା ଅଦିତି ଏବଂ ଋଷି କଶ୍ୟପଙ୍କ ପୁତ୍ର ହେଉଛନ୍ତି ବାମନ। ଅଦିତିଙ୍କ ଅନ୍ୟ ପୁତ୍ରମାନଙ୍କ ମଧ୍ୟରେ ବାମନ ସବୁଠାରୁ କନିଷ୍ଠ। ବାମନ ଅବତାରର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଦୈତ୍ୟରାଜା ମହାବଳିଙ୍କଠାରୁ ତ୍ରୈଲୋକ୍ୟ (ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ) ନେଇ ବିଶ୍ୱର ବ୍ରାହ୍ମଣ୍ୟ ଶୃଙ୍ଖଳା ପୁନଃସ୍ଥାପନ କରିବା।

ମହାବଳି ଜଣେ ନ୍ୟାୟପରାୟଣ ଧାର୍ମିକ ରାଜା ଥିଲେ। ଜାଗଯଜ୍ଞ କରି ସେ ବହୁ ପୁଣ୍ୟର ଅଧିକାରୀ ହେଲେ। କିନ୍ତୁ ତାଙ୍କର ଅଧିକାର ଦେବତାମାନଙ୍କୁ ବିପଦରେ ପକାଇଥିଲା। ବାମନ ଏକ କ୍ଷୁଦ୍ର ବ୍ରାହ୍ମଣ ବାଳକ ରୂପରେ ମହାବଳିଙ୍କ ରାଜସଭାରେ ଉପସ୍ଥିତ ହୋଇଥିଲେ। ସେ ମହାବଳିଙ୍କଠାରୁ ତିନିପାଦ



ଜମି ଦାନ ମାଗିଥିଲେ। ମହାବଳି ଦାନ ଦେବାକୁ ରାଜି ହେବା ପରେ, ବାମନ ନିଜର ବିରାଟ ତ୍ରିବିକ୍ରମ ରୂପ ଧାରଣ କରିଥିଲେ। ପ୍ରଥମ ପାଦରେ ସେ ପୃଥିବୀ, ଦ୍ୱିତୀୟ ପାଦରେ ସ୍ୱର୍ଗ ଏବଂ ତୃତୀୟ ପାଦ ପାଇଁ ମହାବଳିଙ୍କ ମସ୍ତକ ଉପରେ ପାଦ ରଖି ତାଙ୍କୁ ପାତାଳକୁ ପଠାଇଥିଲେ।

## କିଏ ଏହି ମହାବଳି

ଅସୁର ବଂଶରେ ଜନ୍ମିତ ମହାବଳି ହେଉଛନ୍ତି ବିଷ୍ଣୁଙ୍କ ପରମ ଭକ୍ତ ପ୍ରହ୍ଲାଦଙ୍କ ନାତି ଏବଂ ବିଲୋଚନଙ୍କ ପୁତ୍ର। ପ୍ରହ୍ଲାଦଙ୍କର ବିଷ୍ଣୁଭକ୍ତିର ପରମ୍ପରାରେ ଅନୁପ୍ରାଣିତ ମହାବଳି ମଧ୍ୟ ବିଷ୍ଣୁଙ୍କ ପ୍ରତି ଭକ୍ତି ରଖୁଥିଲେ। ଅସୁର ବଂଶରେ ଜନ୍ମିତ ମହାବଳି ଜଣେ ଦୟାଳୁ, ନ୍ୟାୟପରାୟଣ ଏବଂ ଦାନବୀର ରାଜା ଥିଲେ। ତାଙ୍କର ଶାସନ କାଳରେ ସେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ଆଦି ତିନିଲୋକରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ ।ସେ ନିଜର ଦାନବୀରତା ପାଇଁ ଅହଙ୍କାରୀ ହୋଇପଡ଼ିଥିଲେ।

ବିଷ୍ଣୁ, ବାମନ ରୂପରେ ମହାବଳିଙ୍କଠାରୁ ତିନିପାଦ ଜମି ମାଗିଥିଲେ। କିନ୍ତୁ ଅସୁର ଗୁରୁ ଶୁକ୍ରାଚାର୍ଯ୍ୟ, ଭଗବାନଙ୍କର ପ୍ରକୃତ ସ୍ୱରୂପ ଜାଣିପାରି ମହାବଳି ରାଜାଙ୍କୁ ଚେତାବନୀ ଦେଇଥିଲେ। ମାତ୍ର ଦାନୀ ହେବାର ଅହଙ୍କାର ହେତୁ ରାଜା କୌଣସି କଥାକୁ ଗୁରୁତ୍ୱ ନଦେଇ ବାମନଙ୍କୁ ତିନିପାଦ ଜମି ଦାନ ଦେବାର ପ୍ରତିଜ୍ଞା କରିଦେଲେ। ଫଳରେ ବାମନ ନିଜର ବିରାଟ ତ୍ରିବିକ୍ରମ ରୂପ ଧାରଣ କରି, ପ୍ରଥମ ପାଦରେ ପୃଥିବୀ, ଦ୍ୱିତୀୟ ପାଦରେ ସ୍ୱର୍ଗ ଏବଂ ତୃତୀୟ ପାଦ ପାଇଁ ମହାବଳିଙ୍କ ମସ୍ତକ ଉପରେ ପାଦ ରଖି ତାଙ୍କୁ ପାତାଳକୁ ପଠାଇଥିଲେ।

## ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି

ସକାଳ ଧୂପ ଶେଷ ହେବା ପରେ ମହାସ୍ନାନ ଓ ସର୍ବାଙ୍ଗ ହୁଏ। ଗତଦିନ ଅଧିବାସ ହୋଇଥିବା ପବିତ୍ର ଚାଙ୍ଗୁଡ଼ିକୁ, ପଣ୍ଡା, ପତି, ମୁଦିରସ୍ତ ଓ ତିନିଜଣ ପାଳିଆ ପୁଷ୍ପାଳକ ବିଧି ଅନୁସାରେ ପଟୁଆର ହୋଇ ଜୟବିଜୟ ଦ୍ୱାର ଦେଇ ବଡ଼ ଦେଉଳକୁ ତିନି ଘେରା ବୁଲି ରତ୍ନସିଂହାସନରେ ବିଜେ କରାନ୍ତି। ପବିତ୍ରା ଓ ଛଅ ମୂର୍ତ୍ତି ଅଳଙ୍କାର ଶ୍ରୀଜୀଉମାନେ ଲାଗି ହୁଅନ୍ତି। କର୍ପୂର ଲାଗି ପରେ ବେଶ ହୁଏ।

ମଧ୍ୟାହ୍ନ ଧୂପ ଉଠିଲେ ଜୟ ବିଜୟ ଦ୍ୱାର ବନ୍ଦ ହୋଇ, ଭିତର ଚନ୍ଦନ ଅର୍ଗଳିଠାରେ ପାଣି ପଡ଼ି ପୋଛା ମରାଯିବା ପରେ, ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ମଣ୍ଡଳ ଅଙ୍କନ କରନ୍ତି। ତିନି ବାଡ଼ରେ ବନ୍ଦାପନା ପରେ ପୂଜାପଣ୍ଡା କଳସ ବରୁଣ ପୂଜା କରନ୍ତି। ଏହାପରେ ପତି ଓ ମୁଦିରସ୍ତ ଥାଇ ବ୍ରହ୍ମା ଆଚାର୍ଯ୍ୟ ବରଣ ହୋଇ ଦକ୍ଷିଣ ଘରେ ଭୋଗ ଶେଷ ପରେ ମହାଜନମାନେ କୃଷ୍ଣଙ୍କୁ ହାତରେ ଧରି ଭିତର ସିଂହାସନକୁ ବିଜେ କରାନ୍ତି। ମୁଦିରସ୍ତ ଶ୍ରୀଅଙ୍ଗରେ ଧଣ୍ଡି ପ୍ରସାଦ ଲାଗି କଲା ପରେ ମହାଜନେ କୃଷ୍ଣଙ୍କୁ ସର୍ବତ୍ର ଭଦ୍ରମଣ୍ଡଳ ଉପରେ ବିଜେ କରାନ୍ତି।

ଏଠାରେ ବଣିଆ ନିର୍ମାଣ କରିଥିବା ଏକ କ୍ଷୁଦ୍ରାକୃତି ସୁବର୍ଣ୍ଣ ବାମନ ପ୍ରତିମା ବିଜେ କରିଥା'ନ୍ତି। ପ୍ରତିମାଙ୍କୁ ପଞ୍ଚାମୃତରେ ମହାସ୍ନାନ କରି ଶୀତଳ ଭୋଗ କରାଯାଇ ଗର୍ଭ ଉଦକ ନିମନ୍ତେ ପଞ୍ଚ ଉପଚାରରେ ପୂଜା କରାଯାଇଥାଏ। ପରେ ଖଣ୍ଡୁଆ ଘୋଡ଼ାଇ ଜନ୍ମବିଧି ହୁଏ। ଏହା ପରେ ପୂଜାପଣ୍ଡା କୋରା, କ୍ଷୀର ଓ ଲହୁଣୀ ମଣୋହି କରନ୍ତି ଓ ମୁଦିରସ୍ତ ପ୍ରସାଦ ଲାଗି କରନ୍ତି। ପରେ ମହାଜନେ ଠାକୁରଙ୍କୁ ବିଜେ କରାଇ ଜୟ ବିଜୟ ଦ୍ୱାର ତଳେ ଠିଆ ହୁଅନ୍ତି। ଏଠାରେ ମାର୍କଣ୍ଡେଶ୍ୱର ସାହିର ଲୋକେ ଗୋଟିଏ ବାମନ ମୂର୍ତ୍ତି ପଟି ଦିଅନ୍ତି।

ବଟଦ୍ୱାର ଦେଇ ସୋମନାଥ ମଣ୍ଡପ (ମାଜଣା ମଣ୍ଡପ)ରେ ଖଟ ଉପରେ ବିଜେ କରାଯାଏ। ଭଣ୍ଡାରରୁ ଦୁର୍ଗା ପ୍ରତିମାଙ୍କୁ ପତି ମହାପାତ୍ର ହାତରେ ବିଜେ କରାଇ ଆଣି, ପଣ୍ଡା ଆଜ୍ଞାମାଳ ଦେବା ପରେ, ଉକ୍ତ ମଣ୍ଡପ ଖଟ ଉପରେ ବିଜେ କରାନ୍ତି। ଏଠାରେ ପୂଜାପଣ୍ଡା ବସୁଧାରା କରନ୍ତି ଓ ଯଜ୍ଞ ପବିତ୍ରା ଦିଅନ୍ତି । ପାଣି ପଡ଼ି ଶୀତଳ ଭୋଗ ପନ୍ତି ହୁଏ। ଦୁଧ ମଣୋହି କରି ମୁଦିରସ୍ତ ପ୍ରସାଦ ଲାଗି ପରେ ପୂଜାପଣ୍ଡା ପଞ୍ଚ ଉପଚାରରେ ପୂଜା କରନ୍ତି । ବନ୍ଦାପନା ଓ ପ୍ରସାଦ ଲାଗି ହୋଇ କୃଷ୍ଣ (ବାମନ) ଦକ୍ଷିଣ ଘରକୁ ଓ ଦୁର୍ଗା ଭଣ୍ଡାର ଘରକୁ ବିଜେ ହୁଅନ୍ତି। ଭଗବାନ ବିଷ୍ଣୁଙ୍କର ବାମନ ଅବତାର ବୁଦ୍ଧି, ନମ୍ରତା ଓ ଦୈବୀ ଶକ୍ତିର ପ୍ରତୀକ। ଏହା ଦୈତ୍ୟ ଓ ଦେବତାଙ୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବାର ଏକ ଉଦାହରଣ। ବାମନଙ୍କ ଜନ୍ମ ତାଙ୍କର କ୍ଷୁଦ୍ର ରୂପ ଓ ତ୍ରିବିକ୍ରମ ରୂପ ଦୁଇଟି ମନୁଷ୍ୟର ନମ୍ରତା ଏବଂ ଦୈବୀ ଶକ୍ତିର ସମନ୍ୱୟକୁ ଦର୍ଶାଏ।



# ସମର୍ପଣ

ଦୈନନ୍ଦିନ ସମସ୍ତ କର୍ମକୁ ଈଶ୍ୱରଙ୍କୁ ସମର୍ପଣ କରି କର୍ମ କରିବା ଓ ସମସ୍ତ କର୍ମ ଈଶ୍ୱରଙ୍କ ଉଦ୍ଦେଶ୍ୟରେ କରିବାକୁ କର୍ମଯୋଗ କୁହାଯାଏ । ଏଥିପାଇଁ ଗୀତାରେ ଭଗବାନ କହିଲେ "ଯତ୍କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସିଯତ୍ ଯତ୍ତପସ୍ୟସି କୌନ୍ତେୟ ତତ୍ କୁରୁଷ୍ୱ ମଦର୍ପଣମ୍' ।" ଅର୍ଥ-ତୁମ୍ଭେ ଯାହା କରୁଛ, ଯାହା ଖାଉଛ, ଯାହା ଅର୍ପଣ କରୁଛ, ଯାହା ଦାନ କରୁଛ ଏବଂ ଯେଉଁ ତପସ୍ୟା କରୁଛ, ଏ ସମସ୍ତ କର୍ମ ମୋତେ ଅର୍ପଣ କର । ଏହାର ଅର୍ଥ ହେଲା କାର୍ଯ୍ୟଟିଏ କରିବା ପୂର୍ବରୁ ଈଶ୍ୱରଙ୍କୁ ପ୍ରଣାମ କରି କାର୍ଯ୍ୟଟି ଆରମ୍ଭ କର । ଯେତେବେଳେ ଖାଉଛ ତାହା ଈଶ୍ୱରଙ୍କୁ ସମର୍ପଣ କର । ଯେଉଁ ବ୍ରତ, ଉପବାସ କରୁଛ ତାହା ଭକ୍ତି ସହକାରେ କର ଏବଂ ଏପରି କର୍ମ କର ଯେଉଁ କର୍ମରେ ଈଶ୍ୱର ସନ୍ତୁଷ୍ଟ ହେବେ। କର୍ମ ତ ସମସ୍ତେ କରୁଛନ୍ତି । କର୍ମ ନ କରି କ'ଣ କିଏ ବଞ୍ଚିପାରିବ ଶୋଇ ରହିଲେ ବି ଦେହ ଭିତରେ କାର୍ଯ୍ୟ ସବୁ ସମୟ ପାଇଁ ଚାଲିଛି।

ତେଣୁ କର୍ମକୁ ଏପରି ଭାବରେ ବାଛି ବାଛି କର, ଯାହାଦ୍ୱାରା ତୁମର ମଙ୍ଗଳ ହେବ, ପରିବାରର ମଙ୍ଗଳ ହେବ ଓ ସମାଜର ମଙ୍ଗଳ ହେବ । ସମାଜର ମଙ୍ଗଳ ପାଇଁ ଯେଉଁ କର୍ମ କରାଯାଏ ତାହା ହିଁ ହେଉଛି ଈଶ୍ୱରଙ୍କ ପାଇଁ କର୍ମ ଓ ତାହା ହିଁ ହେଉଛି ଈଶ୍ୱରଙ୍କର ସେବା । ତୁମ ପାଇଁ କିମ୍ବା ତୁମ ପରିବାର ପାଇଁ ତୁମ୍ଭେ ଯେଉଁ କର୍ମ କରୁଛ ତାହା କେବଳ କର୍ମ ହୋଇଯାଏ କିନ୍ତୁ ତାହା କର୍ମଯୋଗ ହୋଇପାରେନା ।

କର୍ମ ଭିତରେ ସ୍ୱାର୍ଥ, ଲୋଭ, ମୋହ, ଗର୍ବ ସବୁ ମନକୁ ମନ ପ୍ରବେଶ କରିଯାଏ । କିନ୍ତୁ କର୍ମଯୋଗ ଅର୍ଥାତ୍, କର୍ମ ଯେତେବେଳେ ଈଶ୍ୱରଙ୍କର ଉଦ୍ଦେଶ୍ୟରେ ବା ସମୂହ କଲ୍ୟାଣ ପାଇଁ କରାଯାଏ। ସେତେବେଳେ ତାହା କର୍ମଯୋଗରେ ପରିଣତ ହୋଇଯାଏ। ତୁମ୍ଭ ନିଜ ପରିବାର ପାଇଁ ଗୋଟିଏ କୂଅ ଖୋଳିବା ଓ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଗୋଟିଏ କୂଅ ଖୋଳିବାରେ ପ୍ରଭେଦ ଅଛି ନା ନାହିଁ ଉଭୟ କୂଅ ଖୋଳିବାରେ ପରିଶ୍ରମ ଏକା, ଖର୍ଚ୍ଚ ଏକା ଓ ସାମଗ୍ରୀ ମଧ୍ୟ ଏକା। କିନ୍ତୁ ଉଦ୍ଦେଶ୍ୟ ହୋଇଥାଏ ଭିନ୍ନ ଭିନ୍ନ। ଗୋଟିଏ ହୋଇଥାଏ ସ୍ୱାର୍ଥଜନିତ କର୍ମ।

**ସତ୍‌କର୍ମ ଦ୍ୱାରା ଉପାର୍ଜିତ ଧନ ସମ୍ପତ୍ତି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବିନିଯୋଗ କରାଗଲେ ସେଥିରୁ ସୁଫଳ ମିଳେ । କିନ୍ତୁ ଅସତ୍ କର୍ମ ଦ୍ୱାରା ଉପାର୍ଜିତ ଧନ ସମ୍ପଦକୁ ଈଶ୍ୱରଙ୍କ କାର୍ଯ୍ୟରେ ବିନିଯୋଗ କଲେ ତାହା ସୁଫଳ ବଦଳରେ କୁଫଳ ଦେଇଥାଏ।**

ଅନ୍ୟଟି ହୋଇଥାଏ ସମୂହ ସ୍ୱାର୍ଥଯୁକ୍ତ କର୍ମ । ତେଣୁ କର୍ମ ଓ କର୍ମଯୋଗ ମଧ୍ୟରେ ଏହା ହିଁ ହେଉଛି ପ୍ରଭେଦ । ସମସ୍ତ କର୍ମକୁ ମଧ୍ୟ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । (୧) ସତ୍‌କର୍ମ ଓ (୨) ଅସତ୍ କର୍ମ । ସତ୍‌କର୍ମ ଦ୍ୱାରା ଉପାର୍ଜିତ ଧନ ସମ୍ପତ୍ତି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବିନିଯୋଗ କରାଗଲେ ସେଥିରୁ ସୁଫଳ ମିଳେ।

## ଗଞ୍ଜାମ ଜିଲ୍ଲାରେ ୨୦ତାରିଖ ଯାଏଁ ସ୍କୁଲ ଛୁଟି

ଗଞ୍ଜାମ (ନିପ୍ର): ଗଞ୍ଜାମ ଜିଲ୍ଲାରେ ବଢିଲା ଗ୍ରୀଷ୍ମ ଛୁଟି ଅବଧି, ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍କୁଲ୍ ବନ୍ଦ ରହିବ। ହିଟ୍ ୱେଭ୍ ଜାରି ରହିଥିବାରୁ ଛୁଟି ଅବଧି ବୃଦ୍ଧି କଲେ ଗଞ୍ଜାମ ଜିଲ୍ଲାପାଳ। ଜିଲ୍ଲାର ସବୁ ଅଙ୍ଗନବାଡି କେନ୍ଦ୍ର ମଧ୍ୟ ୨୦ ପର୍ଯ୍ୟନ୍ତ ବନ୍ଦ ରହିବ। ଗଞ୍ଜାମ ଜିଲ୍ଲାରେ ଲଗାତାର ବଢୁଥିବା ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସ୍କୁଲ, କଲେଜ, ବୈଷୟିକ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଗୁଡ଼ିକ ବନ୍ଦ ରହିବ। ତେବେ ଏହି ସମୟ ମଧ୍ୟରେ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ପରୀକ୍ଷା ଗୁଡ଼ିକ ନିଜ ସମୟସୂଚୀ ଅନୁଯାୟୀ ଚାଲୁ ରହିବ। କିନ୍ତୁ ଅତ୍ୟଧିକ ଗରମରୁ ବର୍ତ୍ତିବା ପାଇଁ ପରୀକ୍ଷାଗୁଡ଼ିକୁ ଯଥାସମ୍ଭବ ସକାଳ ସମୟରେ କରିବାକୁ କର୍ତ୍ତୃପକ୍ଷ ପରାମର୍ଶ ଦେଇଛନ୍ତି। ଏହା ସହ ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଏବଂ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବାକୁ କୁହାଯାଇଛି। ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଅଂଶୁଘାତ ଏବଂ ଗ୍ରୀଷ୍ମକାଳୀନ ରୋଗରୁ ରକ୍ଷା କରିବା ପାଇଁ ପ୍ରଶାସନ ପକ୍ଷରୁ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଚତୁର୍ଥ ପର୍ଯ୍ୟାୟରେ ୧୧,୩୫୦ ଖଣ୍ଡ ମାଗଣା ପାଠ୍ୟପୁସ୍ତକ ବୁଗୁଡାରେ ପହଞ୍ଚିଲା



ବୁଗୁଡ଼ା(ନିପ୍ର): ଚଳିତ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ସମଗ୍ର ଶିକ୍ଷା ଅଭିଯାନ ଯୋଜନା ମାଧମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଯୋଗାଇ ଦିଆଯାଉଥିବା ପାଠ୍ୟପୁସ୍ତକ ମଧ୍ୟରୁ ଅନେକ ପୁସ୍ତକ ଚାରୋଟି ପର୍ଯ୍ୟାୟରେ ବୁଗୁଡା ଗୋଷ୍ଠୀ ଶିକ୍ଷାଧକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବା ଜଣାପଡ଼ିଛି । ଚଳିତ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ସମସ୍ତ ବହି ବଦଳି ଯାଇ ନୂତନ ସଂସ୍କରଣରେ ପ୍ରକାଶିତ ବହିକୁ ନେଇ ପାଠ ପଢ଼ାଯିବ ବୋଲି ଜଣାଯାଇଛି। ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୭୪୦୦ ଖଣ୍ଡ, ଦ୍ୱିତୀୟ ପର୍ଯ୍ୟାୟରେ ୧୧୯୦୦ ଖଣ୍ଡ ଓ ତୃତୀୟ ପର୍ଯ୍ୟାୟରେ ୩୮,୮୫୦ ଖଣ୍ଡ ପାଠ୍ୟପୁସ୍ତକ ପହଞ୍ଚିଥିଲା ବେଳେ ଏବେ ଚତୁର୍ଥ ପର୍ଯ୍ୟାୟରେ ୧୧,୩୫୦ ଖଣ୍ଡ ବହି ପହଞ୍ଚିଛି। ଯେଉଁଥିରେ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଯଥାକ୍ରମେ ୯୮୦୦ ଓ ୧୫୫୦ ଖଣ୍ଡ ବହି ରହିଛି। ତେବେ ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଯୋଗାଯାଇଥିବା ପାଠ୍ୟପୁସ୍ତକ ମଧ୍ୟରୁ ଦ୍ୱିତୀୟ ଶ୍ରେଣୀର ଭାଷା ପୁସ୍ତକ ୧୪୫୦ଟି ,ଚତୁର୍ଥ ଶ୍ରେଣୀର ଇଂରାଜୀ ବହି ୧୭୦୦ଟି , ପଞ୍ଚମ ଶ୍ରେଣୀର ଭାଷା, ଗଣିତ ଓ ଇଂରାଜୀ ବିଷୟର ପ୍ରତ୍ୟେକରୁ ୧୭୦୦ ଲେଖାଏଁ ବହି, ଷଷ୍ଠ ଶ୍ରେଣୀର ସଂସ୍କୃତ ବହି ୮୦୦ଟି ଏବଂ ସପ୍ତମ ଶ୍ରେଣୀର ବିଜ୍ଞାନ ବହି ୧୭୫୦ ଖଣ୍ଡ ରହିଥିବା ବେଳେ ବେସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଯୋଗାଯାଇଥିବା ପାଠ୍ୟପୁସ୍ତକ ମଧ୍ୟରୁ ଦ୍ୱିତୀୟ ଶ୍ରେଣୀର ଗଣିତ ବହି ୨୫୦ଟି, ତୃତୀୟ ଶ୍ରେଣୀର ଭାଷା ୩୦୦ ଓ ପରିବେଶ ବିଷୟର ୩୦୦ଟି , ସପ୍ତମ ଶ୍ରେଣୀର ଗଣିତ, ବିଜ୍ଞାନ ଓ କୌଶଳ ବୋଧ ପ୍ରତ୍ୟେକରୁ ୨୦୦ଟି ଲେଖାଏଁ ପୁସ୍ତକ ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଆବଶ୍ୟକୀୟ ଅବଶିଷ୍ଟ ପାଠ୍ୟପୁସ୍ତକ ପହଞ୍ଚିବ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି।

## ଦୁଇ ବର୍ଷ ପୂର୍ତ୍ତି ଅବସରରେ ଜାତି-ଜନଜାତି ସମ୍ବାଦ ବୈଠକ

ବୁଗୁଡ଼ା (ନିପ୍ର): ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ସଫଳ ଶାସନ ପୂର୍ତ୍ତି ଅବସରରେ ବୁଗୁଡ଼ା ବ୍ଲକ ସମ୍ମିଳନୀ କକ୍ଷ ଠାରେ "ବିକାଶ ଧାରା ଓଡ଼ିଶା ସାରା" କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ଜାତି-ଜନଜାତି ସମ୍ବାଦ ବୈଠକ ଆୟୋଜିତ ହୋଇଥିଲା। ଗୋଷ୍ଠି ଉନ୍ନୟନ ଅଧିକାରୀ ଦୁତିକୃଷ୍ଣ ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ଜାତି ଓ ଜନଜାତି ସମ୍ପ୍ରଦାୟର ପ୍ରତିନିଧି, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଯୋଗଦେଇ ସରକାରଙ୍କ ବିକାଶମୂଳକ ଯୋଜନା ଓ ଜନକଲ୍ୟାଣ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ବୈଠକରେ ଜନଜାତି ଓ ପଛୁଆ ବର୍ଗର ଉନ୍ନତି, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ଗ୍ରାମ୍ୟ ପାଇପାରିବା ଭିତ୍ତିଭୂମି ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଉପସ୍ଥିତ ଅତିଥିମାନେ ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟକାଳ ମଧ୍ୟରେ ହୋଇଥିବା ବିକାଶମୂଳକ କାର୍ଯ୍ୟର ପ୍ରଶଂସା କରିବା ସହ ଆଗାମୀ ଦିନରେ ମଧ୍ୟ ଏଭଳି ଜନମୁଖୀ କାର୍ଯ୍ୟ ଜାରି ରଖିବାକୁ ଆଶା ବ୍ୟକ୍ତ କରିଥିଲେ। ଶେଷରେ ଜାତି-ଜନଜାତି ସମ୍ପ୍ରଦାୟର ସାମଗ୍ରିକ ବିକାଶ ଓ ସମାଜର ମୁଖ୍ୟସ୍ରୋତରେ ସେମାନଙ୍କ ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ କରିବା ଦିଗରେ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ। ଆଜିର ବୈଠକରେ କରସିଙ୍ଗି, କରଚୁଲି, ତାକରଡ଼ା, ଗୋଳିଆ ପଞ୍ଚାୟତର ବହୁ ସଂଖ୍ୟକ ଜାତି-ଜନଜାତି ସମ୍ପ୍ରଦାୟର ସଦସ୍ୟ ଉପସ୍ଥିତ ରହିଥିଲେ।

# ପାଣି ନାଁ ରେ ରାସ୍ତାଘାଟ ଖୋଳିଲେ: ଯାତାୟାତ ବନ୍ଦ



ଭାପୁର,(ନିପ୍ର): ଭାପୁର ବ୍ଲକର ଜନସାଧାରଣଙ୍କ ଘରକୁ ଘର ପାନୀୟ ଜଳ ଯୋଗାଣ ପାଇଁ ବିଜେଡି ସରକାର ସମୟରେ ଜି.ଭି.ପି.ଆର. ପ୍ରା.ଲି. ବନମାଳିପୁର ଗ୍ରାମରେ ଏକ ମେଗା ଜଳ ଅମଳ ପ୍ରକଳ୍ପ ହାତକୁ ନେଇ କାର୍ଯ୍ୟକାରୀ କରିଥିଲା। ଏହି ପ୍ରକଳ୍ପ ୨୦୧୭ ମସିହାରୁ କାର୍ଯ୍ୟକାରୀ ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଶେଷ ହେବାର ନାଁ ଧରୁନାହିଁ କି ଘରକୁ ପାଣି ଟୋପାଏ ଗଲାନାହିଁ। ଏହି ପାଣି ସମସ୍ୟାକୁ ନେଇ ଭାପୁର ବ୍ଲକର ପ୍ରତି ଗାଁରେ ଉତ୍ତେଜନା ଦେଖାଦେଇଛି। କମ୍ପାନୀ ଘରକୁ ଘର ପାଣି ପାଇପ କନେକ୍ସନ ସହିତ ପାଣି ଟ୍ୟାପ ପୋତି ଚାଲିଗଲା କିନ୍ତୁ,ପାଇପ କନେକ୍ସନ ଠିକରେ ହୋଇ ନ ଥିବାରୁ ସବୁ ସ୍ଥାନରେ ଲିକେଜ ଦେଖାଦେଇଛି ଯାହାକୁନେଇ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ଠିକା ସଂସ୍ଥା ପ୍ରତି ଗାଁର ରାସ୍ତା ଗୁଡିକ ଖୋଳି ଦେଇଥିବାରୁ ଜନସାଧାରଣ ଙ୍କ ଯାତାୟାତ ତଥା ବାଇକ ଓ ଗାଡିମଟର ଯିବା ଆସିବା ବନ୍ଦ ହୋଇଯାଇଛି। ଏହିଭଳି ଏକ ଅଭାବନୀୟ ଦୃଶ୍ୟ ଭାପୁର ପଞ୍ଚାୟତ ଖଇରଗାଡ଼ିଆ ଗ୍ରାମରେ ଦେଖାଦେଇଛି। କିଛିଦିନ ଧରି ଠିକା ସଂସ୍ଥା ଖଇରଗାଡ଼ିଆ ଗ୍ରାମର ପ୍ରବେଶ ପଥ ଏବଂ ଗାଁ ମଝି ଖୋଳି ତାଡି ପକେଇ ଦେଇଥିବାରୁ ବର୍ତ୍ତମାନ ଯାତାୟାତ ସମ୍ପୂର୍ଣ ବନ୍ଦ ହୋଇଯାଇଛି ଯାହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି।

## ଖରିଫ ଫସଲ ନୀତି ନିର୍ଦ୍ଧାରଣ କମିଟି ବୈଠକ

କଟକ(ନିପ୍ର) : କୃଷି ଓ କୃଷକ ସଶକ୍ତିକରଣ ପ୍ରକ୍ରିୟାକୁ ଆହୁରି ଅଧିକ ତ୍ୱରାନ୍ୱିତ କରିବା ସହ ଉପଯୁକ୍ତ ହିତାଧିକାରୀଙ୍କୁ ସମ୍ବନ୍ୱିତ କୃଷି ଆଧାରରେ ଆବଶ୍ୟକ ସହାୟତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ବୁଧବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୦୨୬ ବର୍ଷ ପାଇଁ ଖରିଫ ଫସଲ ନିମନ୍ତେ ବିଭିନ୍ନ ନୀତି ନିର୍ଦ୍ଧାରଣ କରାଯାଇଛି । ନିର୍ଦ୍ଧାରିତ ରଣନୀତି ଅନୁଯାୟୀ ଅମଳବିହୀନ ଧାନ ଜମିରେ ମୂଲ୍ୟଭିତ୍ତିକ ଚାଷ, କୃଷି କ୍ଷେତ୍ରରେ ଉଦ୍ୟମିତା ପ୍ରୋତ୍ସାହନ, ଜଳସେଚନର ସଦୁପଯୋଗ ଆଦି ଉପରେ ବୈଠକରେ ପରାମର୍ଶ ଦିଆଯାଇଛି । ବୈଠକରେ ଏଲ୍-ନିନୋ ପ୍ରଭାବରେ ସ୍ୱଳ୍ପ ବୃଷ୍ଟିପାତ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଚାଷୀମାନଙ୍କ ସ୍ୱାର୍ଥ ସୁରକ୍ଷା ଏବଂ ସେମାନଙ୍କୁ କୌଣସି ପ୍ରକାର କ୍ଷତି ନ ହେବା ଦିଗରେ ବିଶେଷ ଧ୍ୟାନ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । କମ୍ ବୃଷ୍ଟିପାତ ପରିସ୍ଥିତିକୁ ଆଧାର କରି ଚାଷୀମାନଙ୍କୁ ଉପଯୁକ୍ତ ଫସଲ ଚାଷ ପାଇଁ ପ୍ରୋତ୍ସାହିତ କରିବା ସହ କମ୍ୟୁନିଟି ନର୍ସରୀ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ଏହାର ସୁବିଧା ସମ୍ପର୍କରେ ଚାଷୀମାନଙ୍କୁ ପରାମର୍ଶ ଦେବାକୁ ନିଷ୍ପତ୍ତି ନିଆଯାଇଛି । ମଧ୍ୟମ ଅବଧିର ଧାନ ଓ ଅନ୍ୟାନ୍ୟ ଫସଲ କିସମ ଚାଷକୁ ପ୍ରୋତ୍ସାହନ ଦିଆଯିବା, ଆବଶ୍ୟକତା ଅନୁଯାୟୀ ବିଳମ୍ବିତ ତଳି ପକାଇବା ବ୍ୟବସ୍ଥା କରାଯିବା ସହ ଚାଷୀମାନଙ୍କୁ ଜଳସେଚନ ସୁବିଧା ସୁନିଶ୍ଚିତ କରିବାକୁ ଜଳସେଚନ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ବିକଳ୍ପ ଫସଲ ଚାଷ ଉପରେ ମଧ୍ୟ ଚାଷୀମାନଙ୍କୁ ପରାମର୍ଶ ଦେବାକୁ ବ୍ଲକସ୍ତରୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରେ ଚାଷୀମାନଙ୍କର ପନିପରିବା ଚାଷ ପ୍ରତି ଆଗ୍ରହକୁ ପ୍ରାଧାନ୍ୟ ଦେଇ ,ଜିଲ୍ଲାପାଳ ଆବଶ୍ୟକ ସ୍ଥଳେ ସ୍ୱଳ୍ପକାଳୀନ ଲିଜ୍ ବ୍ୟବସ୍ଥା କରିବା ଏବଂ ଫସଲ ବିବିଧୀକରଣ ଉପରେ ଅଧିକ ଧ୍ୟାନ ଦେବାକୁ କହିଛନ୍ତି । ଜିଲ୍ଲାରେ ଲଙ୍କା ଚାଷ ପାଇଁ ଉପଯୋଗୀ ସ୍ଥାନରେ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଓ ବ୍ଲକ କୃଷି ଅଧିକାରୀମାନଙ୍କୁ ଚାଷୀମାନଙ୍କ ସହ ନିୟମିତ ବୈଠକ କରି ସେମାନଙ୍କ ସମସ୍ୟା ବୁଝିବା ଏବଂ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ବେଲଗୁଣ୍ଠାରେ ହୋଲ୍ଡିଂ ଟ୍ୟାକ୍ସ ବୃଦ୍ଧିକୁ ବିରୋଧ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବଣିକ ସଂଘର ଦାବିପତ୍ର



ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ଏନ.ଏ.ସି ରେ ଅହେତୁକ ଭାବେ ହୋଲ୍ଡିଂ ଟ୍ୟାକ୍ସ ବୃଦ୍ଧି କରାଯିବା ପ୍ରତିବାଦରେ ସ୍ଥାନୀୟ ବଣିକ ସଂଘ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବେଲଗୁଣ୍ଠା ବଣିକ ସଂଘ ପକ୍ଷରୁ ସଭାପତି ସନ୍ନତ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ଭଞ୍ଜନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସ୍ମାରକପତ୍ର ପ୍ରଦାନ କରାଯିବା ସହିତ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ କୁ ମଧ ପୋଷ୍ଟ ଯୋଗେ ପ୍ରେରଣ ହୋଇଛି । ଏଥିରେ ଦର୍ଶାଯାଇଛି ବେଲଗୁଣ୍ଠା ବଣିକ ସଂଘ ଓ ସାଧାରଣ ଜନତା ଏନ.ଏ.ସି ର ସମସ୍ତ ନିୟମ ପାଳନ କରି ନିୟମିତ ଟ୍ୟାକ୍ସ ପ୍ରଦାନ କରିଆସୁଛନ୍ତି ।ମାତ୍ର ବର୍ତ୍ତମାନ ଏନ.ଏ.ସି କର୍ତ୍ତୃପକ୍ଷ କୌଣସି ପୂର୍ବ ସୂଚନା ନଦେଇ ହୋଲ୍ଡିଂ ଟ୍ୟାକ୍ସରେ ଅହେତୁକ ବୃଦ୍ଧି କରିଛନ୍ତି। ଯେଉଁ ଟ୍ୟାକ୍ସ ପୂର୍ବରୁ ବାର୍ଷିକ ଅତି କମରେ ରହିଥିଲା, ତାହା ଏବେ ୬୦ ରୁ ୮୦ ଗୁଣ ପର୍ଯ୍ୟନ୍ତ ବୃଦ୍ଧି ପାଇଛି, ଯାହା ସାଧାରଣ ଲୋକଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି ।ସରକାରଙ୍କ ନିର୍ଦ୍ଦେଶ ଥାଇ ମଧ ପ୍ରତ୍ୟେକ ଓ୍ୱାର୍ଡରେ ଜନସାଧାରଣଙ୍କ ସହ ଆଲୋଚନା ନକରି ଏହି ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ ହୋଇଛି ।ବର୍ତ୍ତମାନ ବଜାର ସ୍ଥିତି ଏବଂ ବ୍ୟବସାୟରେ ମାନ୍ଦାବସ୍ଥା ଲାଗିରହିଥିବା ବେଳେ ଏହି ବର୍ଦ୍ଧିତ ଟ୍ୟାକ୍ସ ସାଧାରଣ ଖାଉଟି ଓ ବ୍ୟବସାୟୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି।

## ରଜ ଉତ୍ସବ ସମାରୋହ ପାଳିତ

# ୩ ଦିନ ବଦଳରେ ହେବ ୫ ଦିନ : ଉପ-ମୁଖ୍ୟମନ୍ତ୍ରୀ




ନିମାପଡ଼ା, (ନି.ପ୍ର.): ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ସହଯୋଗରେ ତ୍ରିଦିବସୀୟ ରଜ ଉତ୍ସବର ଶେଷ ଦିନରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତି ପ୍ରଭାତି ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଗାମୀ ଦିନରେ ୩ ଦିନ ବଦଳରେ ୫ ଦିନ ଉତ୍ସବ ପାଳନ ପାଇଁ ଘୋଷଣା କରିଥିଲେ । ରାଜ୍ୟର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ମନ୍ତ୍ରୀ, ବିଧାୟକମାନେ ଯୋଗ ଦେଇ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିବାର ସୁଯୋଗ ମିଳିବ ବୋଲି ସୂଚନା ଦେଇ ଆୟୋଜକମାନେ ସେହି ଅନୁସାରେ ପ୍ରସ୍ତୁତି କରିବା ନିମନ୍ତେ ଆଗ୍ରହ ପ୍ରକାଶ କରିଥିଲେ । ଅନ୍ୟତମ ସାମାଜିକ ଅନୁଷ୍ଠାନ ନୟା ସବେରା ନିମାପଡ଼ା ୟୁଥ୍ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନେକ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା । ଅନୁଷ୍ଠାନ ସଂପାଦକ ନିର୍ମଳ ପରିଜାଙ୍କ ଉଦ୍ୟମ ଓ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ ଉତ୍ସବରେ ପ୍ରତାପ ସାବୁତ ସଭାପତିତ୍ୱ କରି ଆଗାମୀ ଦିନରେ କାର୍ଯ୍ୟକ୍ରମ ସଂପର୍କରେ ବିବରଣୀ ରଖିଥିଲେ । ସମ୍ମାନୀତ ଅତିଥି ଭାବେ ଏନ୍ଏସି ଅଧିକାରୀ ଚିନ୍ମୟ ଦାସ, ଇଂ. ମାନସ ଦାଶ, ନାଟ୍ୟକାର ଉଦିତ ଗୁରୁ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ । ପ୍ରବଳ ଜନ ଗହଳି ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକ ଖୁବ୍ ଆକର୍ଷଣୀୟ ହୋଇଥିଲା ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା ।

# 'ବିକାଶର ଧାରା, ଓଡ଼ିଶା ସାରା' ଶୁଭାରମ୍ଭ




ହିଞ୍ଜିଳିକାଟୁ,(ନି.ପ୍ର): ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ସଫଳ ପୂର୍ତ୍ତିକୁ ସ୍ମରଣ କରିବା ପାଇଁ ରାଜ୍ୟବ୍ୟାପୀ ସରକାରୀ ଯୋଗାଯୋଗ ଏବଂ ନାଗରିକ ସମ୍ପର୍କ 'ବିକାଶର ଧାରା, ଓଡ଼ିଶା ସାରା 'ଆୟୋଜିତ ହୋଇଛି। କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଲା, ସରାକରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ସଫଳତା, ଜନ କଲ୍ୟାଣକାରୀ ପଦକ୍ଷେପ ଓ ବିକାଶ ମୂଳକ କାର୍ଯ୍ୟକଳାପକୁ ପ୍ରଦର୍ଶନ କରି ରାଜ୍ୟବ୍ୟାପୀ ନାଗରିକ ସମ୍ପର୍କକୁ ସୁଦୃଢ଼ କରିବା। ଏହି ପରିପ୍ରେକ୍ଷୀରେ ହିଞ୍ଜିଳିକାଟୁ ପଞ୍ଚାୟତ ସମିତି ପକ୍ଷରୁ ବୁଧବାର ଠାରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଏକ ବ୍ଲକସ୍ତରୀୟ ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରିକା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ସରସ୍ୱତୀ ସେଠୀ, ସମ୍ମାନୀତ ଅତିଥି ଭାବେ ତହସିଲଦାର ତପନ କୁମାର ମହାପାତ୍ର, ଡାକ୍ତର ସନ୍ତୋଷ କୁମାର ଷଡ଼ଙ୍ଗୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରୁଣ କୁମାର ପ୍ରଧାନ, ମୁଖ୍ୟ କିରାଣୀ ପୁଷ୍ପାଞ୍ଜଳି ବେହେରା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିଜୟଲକ୍ଷ୍ମୀ ପାଢ଼ୀ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିନରେ ରାଜ୍ୟ ସରକାରଙ୍କ ଜାତି ଓ ଜନଜାତି ସମ୍ବାଦ ବୈଠକ ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ପକ୍ଷରୁ ଜାତି ଓ ଜନଜାତି ଅଧିବାସୀଙ୍କ କଲ୍ୟାଣ ନିମିତ୍ତ ବିଭିନ୍ନ ଯୋଜନା,ଏହାର ଉପଯୋଗିତା ସମ୍ପର୍କରେ ମୌଖିକ ଓ ଭିଡିଓ ମାଧ୍ୟମରେ ପଏଣ୍ଟ ଟୁ ପଏଣ୍ଟ ଭାବେ ବିକାଶ ଓ ଉପଲବ୍ଧି ବିଷୟରେ ଆଲୋଚନା ହେବା ସହ ମତ ବିନିମୟ ହୋଇଥିଲା। ମଙ୍ଗଳ ସଂପ୍ରସାରଣ ଅଧିକାରୀ ଅନୀଲ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କିଛି ଜନ ପ୍ରତିନିଧି,ବିପିସି ଲୋକନାଥ ମଣ୍ଡଳ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀ, ଏମବିକେ ଓ ସିଆରପି ଉପସ୍ଥିତ ଥିଲେ।

# କାଳବୈଶାଖୀ ପ୍ରଭାବରେ ବିଦ୍ୟାଳୟ ଶ୍ରେଣୀଗୃହ କ୍ଷତିଗ୍ରସ୍ତ, ମରାମତି ଦାବି




ଖଣ୍ଡପଡ଼ା,(ନି.ପ୍ର): କାଳବୈଶାଖୀ ପ୍ରଭାବରେ ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟର ୨ ବଖରା ଶ୍ରେଣୀ ଗୃହର ଟିଣ ଛପର ଉଡି ଯାଇଛି। ଫଳରେ ବର୍ଷା ହେଲେ ଶ୍ରେଣୀ ଗୃହ ମଧ୍ୟରେ ଥିବା ଆସବାବପତ୍ର ଓଦା ହେବା ସହ ପାଠ ପଢିବା ନିମନ୍ତେ ଛାତ୍ରଛାତ୍ରୀମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ପ୍ରକାଶ ପାଇଛି। ଆସନ୍ତାକାଲି ଗୁରୁବାର ଠାରୁ ବିଦ୍ୟାଳୟ ଖୋଲିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏ ପରିପ୍ରେକ୍ଷୀରେ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟାଳୟର ୨ ବଖରା ଟିଣ ଛପର ଗୃହର ଆନୁସଙ୍ଗିକ ମରାମତି ଦିଗରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଅନୁଷ୍ଠାନର ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ସେଠି ଏ ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ କ୍ଷତିଗ୍ରସ୍ତ ବିଦ୍ୟାଳୟ ଶ୍ରେଣୀଗୃହର ଆନୁସଙ୍ଗିକ ମରାମତି ଦିଗରେ ନୟାଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଓ ଖଳିସାହି ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ନୂଆଗାଁ ଉପଡାକଘର ନିକଟ ଅଳିଆଗଦାରେ ପଡିଛି କୁଢ଼ କୁଢ଼ ଆଧାରକାର୍ଡ ଓ ପ୍ୟାନ କାର୍ଡ




ଆସିକା (ନିପ୍ର): ଆସିକା ମୁଖ୍ୟ ପୋଷ୍ଟ ଅଫିସ ଅଧୀନରେ ଥିବା ନୂଆଗାଁ ଉପ ଡାକଘରର ଅନେକ ଆବଶ୍ୟକ କାଗଜପତ୍ର ତଥା ବହୁ ଆଧାରକାର୍ଡ଼ ପ୍ୟାନ କାର୍ଡ ଡାକ ଘର ନିକଟ ଅଳିଆ ଗଦାରେ ପଡ଼ିଥିବା ଦେଖିବାକୁ ମିଳିଛି। ଗତ କିଛି ଦିନ ହେଲା ନୂଆଗାଁ ଉପ ଡ଼ାକଘରକୁ ଆସୁଥିବା ନୂଆଗାଁ, ବରଗାଁ, କଲେଜ ଛକ, ଅଞ୍ଚଳର ଅଧିକାଂଶ ଜନସାଧାରଣଙ୍କ ଆଧାର କାର୍ଡ, ପ୍ୟାନ କାର୍ଡ, ଜୀବନ ବୀମା କାଗଜ ସହିତ ଅନେକ ଗୁରୁତ୍ୱପୂର୍ଣ କାଗଜ ପତ୍ର ଆସିକା ସୁଗାର ଇଣ୍ଡଷ୍ଟ୍ରି ଉଚ୍ଚ ବିଦ୍ୟାଳୟ ନୂଆଗାଁ ସମ୍ମୁଖରେ ଥିବା ଅଳିଆ ଗଦାରେ ପଡିଥିବା ଦେଖିବାକୁ ମିଳିଛି। ଡାକ କର୍ମଚାରୀ ଜଣକ କିଭଳି ଭବେ ପୋଷ୍ଟାଲର ଏଭଳି ଗୁରୁତ୍ୱପୁର୍ଣ କାଗଜକୁ ଏକ ଅଳିଆ ଗଦାରେ ଫୋପାଡ଼ି ନିଜର କାର୍ଯ୍ୟ ଦକ୍ଷତାକୁ ସବାସୀ କରିଛି। ତାହା ଡାକ ବିଭାଗ ପାଇଁ ଏକ ବଡ଼ ପ୍ରଶ୍ନ ? ଖବର ପାଇ ଆସିକା ମୁଖ୍ୟ ଡ଼ାକ କାର୍ଯ୍ୟାଳୟର ଅଧିକାରୀ ଦୁଇ କର୍ମଚାରୀଙ୍କୁ ପଠାଇ ପଡ଼ିଥିବା କେତେକ କାଗଜ ପତ୍ରକୁ ଜବତ କରି ଏହାର ଏକ ରିପୋର୍ଟ ଅଧିକାରୀଙ୍କୁ ଜଣାଇଛନ୍ତି। ପ୍ରକାଶ ଥାଉକି ପୂର୍ବରୁ ଏଭଳି ଖାରିଆ ପୋଷ୍ଟ ଅଫିସର କାଗଜ ପତ୍ର ମଧ କଲେଜ ପଡିଆରେ ପକାଇ ଜଣେ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ଏଥି ପୂର୍ବରୁ ମଧ ବହୁତ ଥର ଆସିକା ଅଞ୍ଚଳର ଡାକ କର୍ମଚାରୀ ମାନେ ଏହିଭଳି ଭାବେ ଜନସାଧାରଣ ଙ୍କ କାଗଜପତ୍ର ଅଳିଆ ଗଦାରେ ଫୋପଡୁଥିବା ଅଭିଯୋଗ ରହିଛି।

## ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ପ୍ରସ୍ତୁତି

ସୁବର୍ଣ୍ଣପୁର(ନିପ୍ର): ଆସନ୍ତା ଜୁନ୍ ୨୧ ତାରିଖରେ ପାଳିତ ହେବାକୁ ଥିବା ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ପାଳନ ନିମନ୍ତେ ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ ନୃପରାଜ ସାହୁଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କ୍ଷୁଦ୍ର ସମ୍ମିଳନୀ କକ୍ଷଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ। ଚଳିତ ବର୍ଷର ଆନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ " ନିରୋଗ ଏବଂ ସୁସ୍ଥ ଜୀବନ ପାଇଁ ଯୋଗ" ରହିଥିବାବେଳେ ଏହାର ବ୍ୟାପକ ପ୍ରଚାର ଓ ସଫଳ ଆୟୋଜନ ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଯୋଗକୁ କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ଭାବେ ନ ଦେଖି, ଏହାକୁ ଦୈନନ୍ଦିନ ଜୀବନର ଏକ ଅଭ୍ୟାସରେ ପରିଣତ କରିବା ପାଇଁ ସମସ୍ତ ବୟସ ବର୍ଗର ଲୋକଙ୍କୁ ସଚେତନ ଓ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାପାଳ ଡ ସାହୁ ଯୋଗ ଅଭ୍ୟାସ ଦ୍ୱାରା ଶାରୀରିକ ଓ ମାନସିକ ସୁସ୍ଥତା ହାସଲ କରାଯାଇପାରିବ ବୋଲି କହିବା ସହ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ସାଧାରଣ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣରେ ଯୋଗ ଦିବସକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକକୁ ଜିଲ୍ଲା କ୍ରୀଡା ଅଧିକାରୀ ପରିଚାଳନା କରିଥିବା ବେଳେ, ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଯେମିତି ଶିକ୍ଷା ବିଭାଗ, ଜିଲ୍ଲା ଲୋକସମ୍ପର୍କ କାର୍ଯ୍ୟାଳୟ, ପଞ୍ଚାୟତିରାଜ ବିଭାଗ, ବିଭିନ୍ନ ମହାବିଦ୍ୟାଳୟର ଅଧାପକ ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ପ୍ରତିନିଧିମାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଯୋଗର ପ୍ରଚାର ଓ ପ୍ରସାର ସହ ଜଡିତ ସମସ୍ତ ସମ୍ପୃକ୍ତ ବିଭାଗ ଏବଂ ଅନୁଷ୍ଠାନର ପ୍ରତିନିଧିମାନେ ମଧ ଉପସ୍ଥିତ ଥିଲେ ।

## ମଣ୍ଡଳସ୍ତରୀୟ ବୁଦ୍ଧିଜୀବୀ ସମ୍ମିଳନୀ




ଧର୍ମଗଡ:(ନିପ୍ର): କେନ୍ଦ୍ର ସରକେରଙ୍କ ୧୨ ବର୍ଷ ପୂର୍ତ୍ତି ଏବଂ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଧର୍ମଗଡ଼ଠାରେ ନିର୍ବାଚନ ମଣ୍ଡଳ ସ୍ତରୀୟ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ଧର୍ମଗଡ଼ ବିଧାୟକ ତଥା ଯୋଜନା ବୋର୍ଡ ଅଧକ୍ଷ ସୁଧୁର ରଞ୍ଜନ ପଟ୍ଟଯୋଶୀ, ପୂର୍ବ ଜିଲ୍ଲା ସଭାପତି ଧନଞ୍ଜୟ ପାତ୍ର, ଅବସର ପ୍ରାପ୍ତ ଡାକ୍ତର ବାବାଜି ଚରଣ ଦାସ,ବୁଦ୍ଧିଜୀବି ସଂଯୋଜକ ସନ୍ତୋଷ କୁମାର ମେହେର ଉପସ୍ଥିତ ରହି ଏହି ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା, ବିକାଶମୂଳକ କାର୍ଯ୍ୟକ୍ରମ ଏବଂ ଗତ ବର୍ଷଗୁଡ଼ିକର ସଫଳତା ସମ୍ପର୍କରେ ଆଲୋଚନା କରାଯାଇଥିଲା କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ କ୍ଷେତ୍ରର ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଯୋଗଦେଇ ସରକାରଙ୍କ କାର୍ଯ୍ୟଧାରା ଓ ବିକାଶ ନେଇ ନିଜ ମତାମତ ରଖୁଥିଲେ। ଏହା ସହିତ ଆଗାମୀ ଦିନରେ ସାଧାରଣ ଲୋକଙ୍କ ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ଓ ସମାଜର ସର୍ବାଙ୍ଗୀଣ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।ସମ୍ମିଳନୀରେ ନିର୍ବାଚନ ମଣ୍ଡଳର ବହୁ ଦଳୀୟ କର୍ମୀ, ସମର୍ଥକ ଏବଂ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ହିମାଂଶୁ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ତିଥି :(ଚତୁର୍ଥୀ): (ପୁଷ୍ୟା କର୍କଟ )
ଅମୃତ ବେଳା: ପ୍ରାତ ଘ ୮।୧୨ ରୁ ଘ ୬।୦୧ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେହେତୁ ମୁଁ କ୍ଷରରୁ ଅତୀତ ଓ ଅକ୍ଷରରୁ ମଧ୍ୟ ଉତ୍ତମ, ତେଣୁ ଜଗତରେ ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ବିକାଶରେ ଅସଙ୍ଗତି !

ରାଜ୍ୟରେ ବିଭିନ୍ନ ବିକାଶମୂଳକ ଯୋଜନାର ବ୍ୟୟ ହାର ଧୀମା ରହିଛି । ୧୪ ଟି ପ୍ରମୁଖ ବିଭାଗର ଯୋଜନା ବ୍ୟୟ ସ୍ଥିତିର ବିସ୍ତୃତ ସମୀକ୍ଷା ବେଳେ ନିକଟରେ ହେବା ବେଳେ ଯାହା ତଥ୍ୟ ପଦାକୁ ଆସିଛି ସେହି ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ଏପ୍ରିଲ ଶେଷ ସୁଦ୍ଧା ରାଜ୍ୟର ମୋଟ ଯୋଜନା ବ୍ୟୟ ୬,୪୮୭କୋଟି ରହିଛି,ଯାହାକି ମୋଟ ବଜେଟର ମାତ୍ର ୩.୫ ପ୍ରତିଶତ । ଯେପରିକି ଅଟଳ ବସଷ୍ଟାଣ୍ଡ ବାବଦରେ ରହିଛି ୧୧୦୩କୋଟି ଓ କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପ ବାବଦରେ ୯ଶହ କୋଟି । ମାତ୍ର ଟଙ୍କାଟିଏ ବି ଖର୍ଚ୍ଚ ହୋଇପାରି ନାହିଁ । ଗଣମାଧ୍ୟମରେ ଏ ସଂକ୍ରାନ୍ତ ରିପୋର୍ଟ ପ୍ରକାଶିତ ହୋଇଛି ।

ପୁଣି ଏହି ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟ ଆଧାରରେ ନିକଟରେ ସୁପ୍ରିମକୋର୍ଟ ଓଡ଼ିଶାର ସୁବର୍ଣ୍ଣପୁର ଜିଲା ବାଗଡ଼ିଆ ଗ୍ରାମର ଜଣେ ଜନ୍ମରୁ ଦୃଷ୍ଟିବାଧିତ ଥିବା ପୁଅ ଜପ ଭୁଏ ଓ ତାଙ୍କର ୮୦ ବର୍ଷୀୟ ବୃଦ୍ଧା ମା'ରାଧିକା ଭୁଏ ବହୁ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ଥିବା ବେଳେ ଆବାସ ସହ ଚିକିତ୍ସା ସେବା ଉଭୟଙ୍କୁ ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ତଥାକଥିତ ବିକାଶର ବିକଳ ଚିତ୍ର ଉପସ୍ଥାପିତ କରେ । ଗୋଟିଏ ପଟେ ଯୋଜନାର ଖର୍ଚ୍ଚରେ ଧୀମା ଗତି ଅପରପକ୍ଷେ ମୌଳିକ ସେବା ଠିକ ଭାବରେ ନ ପହଞ୍ଚିବାର ଦିଗ ଆମକୁ କି ପ୍ରକାର ସଂକେତ ଦିଏ ?

ମୌଳିକ ସେବା ଲୋକଙ୍କୁ ପହଞ୍ଚାଇବା ବା ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା କ୍ଷେତ୍ରରେ କାର୍ଯ୍ୟକରୁଥିବା ପ୍ରତ୍ୟେକ ସ୍ତରୀୟ କର୍ମଚାରୀ ବା ଅଧିକାରୀଙ୍କ ଦାୟିତ୍ୱ ତଥା କର୍ତ୍ତବ୍ୟ ଉପରେ ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟି କରେ । ଏକଦା ଜଣେ ନେତା କହିଥିଲେ, ଦଳୀୟ କର୍ମୀମାନେ ସରକାରୀ ଯୋଜନାର ସଚେତନତା ଲୋକଙ୍କ ମଧ୍ୟରେ ସୃଷ୍ଟି କରନ୍ତୁ । ମାତ୍ର ତାହା କେତେ ଦୂର ହେଉଛି ?ପୁଣି ତୃଣମୂଳ ସ୍ତରରେ ସରକାରୀ ଯୋଜନା କାର୍ଯ୍ୟାନ୍ୱୟନ ଲାଗି ଅଧିକାରୀମାନେ ମୋଟା ବେତନ ନେଇ କାର୍ଯ୍ୟ କରୁଛନ୍ତି । ଏଭଳି ସ୍ଥିତିରେ ଆଲୋଚ୍ୟ ଜପ ଓ ରାଧିକା ଭୁଏଙ୍କ ନିକଟରେ କାହିଁକି ପହଞ୍ଚି ପାରିଲା ନାହିଁ ଆବାସ ଏବଂ ଅନ୍ୟାନ୍ୟ ସୁବିଧା ତାହା ସଂପର୍କରେ କିଏ ରଖିବେ ଉତ୍ତର ?ଯଦି ଗଣମାଧ୍ୟମରେ ପ୍ରକାଶିତ ହୋଇ ନ ଥାନ୍ତା ତେବେ ସୁପ୍ରିମକୋର୍ଟଙ୍କ ଦୃଷ୍ଟିକୁ ଏହା ବୋଧହୁଏ ଆସିପାରିନଥାନ୍ତା । ସୁତରାଂ ଯାହା କୁହାଯାଉଛି ଲୋକଙ୍କ ସରକାର ତାହା କେତେଦୂର କାର୍ଯ୍ୟରେ ପ୍ରତିଫଳିତ ହେଉଛି ତାହା ଆଲୋଚ୍ୟ ଘଟଣା ଆଖି ଖୋଲିଦେବ ଯଦି ଏପରି ବହୁ ବଂଚିତ ପରିବାର ହୁଏତ ଆଗକୁ ମୌଳିକ ସୁବିଧା ପାଇବାର ଆଶା ଉଦ୍‌ଜୀବିତ ହେବ । ଗଣମାଧ୍ୟମରେ ଲୋକଙ୍କ ବହୁ ସମସ୍ୟା ବାହାରୁଛି,ତାହା ଉପରେ ଅନୁସନ୍ଧାନ ପୂର୍ବକ ଯଦି କାର୍ଯ୍ୟ କରାଯାଆନ୍ତା ତେବେ ଲୋକେ ବହୁଳ ଭାବରେ ଉପକୃତ ହୋଇପାରନ୍ତେ ଓ ଶାସନ ବ୍ୟବସ୍ଥା ଉପରେ ଅଧିକ ଆସ୍ଥାବାନ ହୋଇପାରନ୍ତେ । ମାତ୍ର ତାହା ବସ୍ତୁତଃ ଆବଶ୍ୟକତା ଆଧାରରେ ହେଉଥିବା ମନେ ହେଉନାହିଁ । ସୁତରାଂ ସରକାର ଏ ଦିଗରେ ଅଧିକ ଯତ୍ନବାନ ହୁଅନ୍ତୁ ଓ କାହିଁକି ମୌଳିକ ସୁବିଧା ପହଞ୍ଚୁନାହିଁ ବା ପହଞ୍ଚି ପାରୁନାହିଁ,ସଂପୃକ୍ତ ଅଧିକାରୀମାନଙ୍କୁ ଉତ୍ତରଦାୟୀ ପୂର୍ବକ କାର୍ଯ୍ୟାନୁଷ୍ଠାନ ନେବାର ସମୟ ଉପନୀତ ହୋଇଛି ବୋଲି କୁହାଯିବା ଅସଙ୍ଗତ ହେବ ନାହିଁ ।

# କୃଷକଙ୍କ ସ୍ୱାର୍ଥରକ୍ଷା ସର୍ବୋଚ୍ଚ ପ୍ରାଥମିକତା

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ନୂଆଦିଲ୍ଲୀସ୍ଥିତ କୃଷି ଭବନରେ ଏକ ସାପ୍ତାହିକ ଉଚ୍ଚସ୍ତରୀୟ କୃଷି ସମୀକ୍ଷା ବୈଠକରେ ସେ ଚଳିତ ଖରିଫ ୨୦୨୬ ଋତୁ ପାଇଁ ସାରା ଦେଶରେ ଚାଲିଥିବା ପ୍ରସ୍ତୁତିର ସବିଶେଷ ସମୀକ୍ଷା କରିଛନ୍ତି । ଏହା ସହିତ, ସମ୍ଭାବ୍ୟ ଏଲ୍‌ନିନୋ ସ୍ଥିତିକୁ ଦୃଷ୍ଟିରେ ରଖି ସେ କପା ଉତ୍ପାଦନ ବୃଦ୍ଧି, ଡାଲି ଜାତୀୟ ଶସ୍ୟ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ଏବଂ କମ୍ ବୃଷ୍ଟିପାତ ହେଉଥିବା ଜିଲ୍ଲାଗୁଡ଼ିକ ପାଇଁ ଅଗ୍ରିମ ଜରୁରୀକାଳୀନ ଯୋଜନା ପ୍ରସ୍ତୁତ କରିବା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାର୍ଗଦର୍ଶନରେ କୃଷକମାନଙ୍କ ସ୍ୱାର୍ଥ ରକ୍ଷା କରିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ସେ ସ୍ପଷ୍ଟ କରିଛନ୍ତି । ଚଳିତ ମୌସୁମୀ ଋତୁରେ ସୃଷ୍ଟି ହେବାକୁ ଥିବା ଯେକୌଣସି ପ୍ରତିକୂଳ ପାଣିପାଗ ସ୍ଥିତିରୁ କୃଷି ଓ କୃଷକମାନଙ୍କୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ଆଗୁଆ ଗ୍ରହଣ କରାଯିବା ଉପରେ ବୈଠକରେ ଗୁରୁତ୍ୱବୈଠକରେ ସମ୍ଭାବ୍ୟ 'ଏଲ୍‌ନିନୋ' ପରିସ୍ଥିତି ଉପରେ ଆଲୋଚନା କରିବା ସମୟରେ,ଶ୍ରୀ ଚୌହାନ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଯେଉଁ ଜିଲ୍ଲାଗୁଡ଼ିକରେ ନିଅଣ୍ଟିଆ କିମ୍ବା ଅସମାନ ବର୍ଷା ହେବାର ସମ୍ଭାବନା ଅଛି, ସେଠାରେ ପୂର୍ବରୁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରାଯିବା ଉଚିତ । ସେ କହିଥିଲେ ଯେ ଏପରି ଜିଲ୍ଲାଗୁଡ଼ିକୁ ସ୍ପଷ୍ଟ ଭାବରେ ଚିହ୍ନଟ କରି ରାଜ୍ୟ ସରକାରଙ୍କ ସହିତ ସମନ୍ୱୟ ରଖି ଫସଲଭିତ୍ତିକ ଜରୁରୀକାଳୀନ ଯୋଜନା ପ୍ରସ୍ତୁତ କରାଯିବା ଉଚିତ ଯାହା ଦ୍ୱାରା ଯେକୌଣସି ପ୍ରତିକୂଳ ପାଣିପାଗ ପରିସ୍ଥିତିରେ ଚାଷୀମାନଙ୍କୁ ତୁରନ୍ତ ବିକଳ୍ପ, ପରାମର୍ଶ ଏବଂ ସହାୟତା ଯୋଗାଇ ଦିଆଯାଇପାରିବ । ଜଳ ସଂରକ୍ଷଣ, ଆର୍ଦ୍ରତା ପରିଚାଳନା, ଆନ୍ତଃ-ଫସଲ ଏବଂ ବିକଳ୍ପ ଫସଲ ପ୍ରଣାଳୀ ଉପରେ ବିଶେଷ ଧ୍ୟାନ ଦିଆଯିବା ଉଚିତ ଏବଂ ପ୍ରତ୍ୟେକ ବିପଦପୂର୍ଣ୍ଣ ଜିଲ୍ଲା ପାଇଁ ଏକ ପୃଥକ ଏବଂ ବ୍ୟାବହାରିକ ରଣନୀତି ପ୍ରସ୍ତୁତ କରାଯିବା ଉଚିତ ଯାହା ଦ୍ୱାରା ଚାଷୀମାନେ ଖରିଫ ଋତୁରେ କୌଣସି ସମସ୍ୟାର ସମ୍ମୁଖୀନ ନ ହୋଇ ସୁଗମ ଭାବରେ ସେମାନଙ୍କର ଚାଷ କାର୍ଯ୍ୟ ଜାରି ରଖିପାରିବେ ବୋଲି ସେ କହିଥିଲେ ।

କୃଷିମନ୍ତ୍ରୀ କହିଥିଲେ ଯେ ଯେଉଁ ୯-୧୦ଟି ଜିଲ୍ଲାରେ ଏଲ୍ ନିନୋର ପ୍ରଭାବ ସବୁଠାରୁ ଅଧିକ ରହିବ ବୋଲି ଆଶଙ୍କା କରାଯାଉଛି ସେଠାରେ ଜିଲ୍ଲାପାଳ, କୃଷି ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର ଓ ଅନ୍ୟ ସଂପ୍ରସାରଣ ବ୍ୟବସ୍ଥାଗୁଡ଼ିକ ସହ ନିୟମିତ ସମନ୍ୱୟ ବୈଠକ କରାଯିବା ଉଚିତ । ଏସବୁ ବୈଠକଗୁଡ଼ିକରେ ଜିଲ୍ଲାସ୍ତରର ସମଗ୍ର ସ୍ଥିତିକୁ ସ୍ପଷ୍ଟ କରାଯିବା ଉଚିତ ଏବଂ କୃଷକମାନଙ୍କ ମଧ୍ୟରେ ସଚେତନତା ଅଭିଯାନ ଚଳାଯିବା ଦରକାର, ଯେପରି ପ୍ରତ୍ୟେକ ଚାଷୀ ଜାଣିପାରିବେ ଯେ ତାଙ୍କ ଅଞ୍ଚଳ ପାଇଁ କେଉଁ ସତର୍କତାମୂଳକ ପଦକ୍ଷେପ ଏବଂ କେଉଁ ସବୁ ଫସଲ ବିକଳ୍ପ ଅଧିକ ନିରାପଦ ରହିବ । ବିପଦକୁ ବଢ଼ାଇ ଚଢ଼ାଇ କହିବା ପରିବର୍ତ୍ତେ ବୈଜ୍ଞାନିକ ବିଶ୍ଳେଷଣ ଉପରେ ଆଧାରିତ ଏକ ଶାନ୍ତ, ବିଶ୍ୱାସଯୋଗ୍ୟ ଏବଂ ସମାଧାନ-ଭିତ୍ତିକ ବାର୍ତ୍ତା କୃଷକମାନଙ୍କ ପାଖରେ ପହଞ୍ଚିବା ଉଚିତ, ଏବଂ ଏହା ଉପରେ ହିଁ ସରକାରଙ୍କ ପ୍ରାଥମିକତା ରହିଛି । ଏହି ଆଭିମୁଖ୍ୟ କୃଷକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବାରେ ସାହାଯ୍ୟ କରିବ ଏବଂ ଆଗାମୀ ଋତୁ ପାଇଁ ଉତ୍ତମ ପ୍ରସ୍ତୁତି ସୁନିଶ୍ଚିତ କରିବ । ଖରିଫ ୨୦୨୬ ପାଇଁ ଫସଲଭିତ୍ତିକ ଲକ୍ଷ୍ୟ, ବୁଣାବୁଣିର ଅଗ୍ରଗତି ଏବଂ ରାଜ୍ୟୱାରୀ ପ୍ରସ୍ତୁତିର ସମୀକ୍ଷା ସମୟରେ, କପା ଉତ୍ପାଦନ ବୃଦ୍ଧି ଉପରେ ବିଶେଷ ଆଲୋଚନା କରାଯାଇଥିଲା । ବୈଜ୍ଞାନିକ ପଦ୍ଧତିର ପ୍ରୋତ୍ସାହନ, ସଠିକ୍ କିସମର ଚୟନ, ମିଶ୍ରିତ କୃଷି, ମଲଚିଂ ଏବଂ ବ୍ୟାପକ ସ୍ତରରେ ମାଟିର ଆର୍ଦ୍ରତା ସଂରକ୍ଷଣ ଉପାୟ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଯେପରି କପାର ଉତ୍ପାଦନକ୍ଷମତା ଏବଂ ଏଥିରୁ ମିଳୁଥିବା ଆୟ ଉଭୟରେ ଉଲ୍ଲେଖନୀୟ ସୁଧାର ଆସିପାରିବ । ଏହି ଉଦ୍ଦେଶ୍ୟରେ ମିଶନ ମୋଡ୍‌ରେ କାର୍ଯ୍ୟ କରିବାକୁ ଏବଂ ଚଳିତ ଋତୁରେ କପା ଉତ୍ପାଦନ ବୃଦ୍ଧି ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ଯଦ୍ୱାରା କୃଷକମାନେ ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇପାରିବେ ।ଡାଲି ମିଶନରେ ଆତ୍ମନିର୍ଭର ଭାରତ ବିଷୟରେ ମଧ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ସମୀକ୍ଷା ସମୟରେ ଦେଶରେ ସାରର ଉପଲବ୍ଧତା, ବଜାରରେ ମଣ୍ଡି ଦର, ଜଳାଭଣ୍ଡାରଗୁଡ଼ିକର ସ୍ଥିତି ଓ ଜଳ ସଂରକ୍ଷଣ ଏବଂ ରାଜ୍ୟୱାରୀ ମହଜୁଦ୍ ବିଷୟରେ ମଧ ତଥ୍ୟ ଉପସ୍ଥାପନ କରାଯାଇଥିଲା । (ପିଆଇବି)



# ଯୁଦ୍ଧ ବନ୍ଦ ପାଇଁ ଇରାନ-ଆମେରିକା ସହମତ

ଡକ୍ଟର ପ୍ରମୋଦ କୁମାର ପଣ୍ଡା

**ଇରାନ-ଆମେରିକା, ଇସ୍ରାଏଲ ଯୁଦ୍ଧ ଯୋଗୁଁ ବୈଶ୍ୱିକ ଅର୍ଥବ୍ୟବସ୍ଥା ବାର୍ଷିକ ୨୨ ଲକ୍ଷ କୋଟି ଟଙ୍କାର କ୍ଷତି ସହୁଛି । କ୍ଷତିଗ୍ରସ୍ତ ତେଲ ଶୋଧନାଗାର ଓ ପାୱାର ଗ୍ରୀଡ଼ ପୁନଃନିର୍ମାଣ ପାଇଁ ଇରାନକୁ ପ୍ରାୟ ୨୫ ଲକ୍ଷ କୋଟି ଟଙ୍କା ଦରକାର କରିବ । ଯୁଦ୍ଧ ବନ୍ଦ ହେଲେ ପଶ୍ଚିମ ଏସିଆରେ ଶାନ୍ତି ଫେରିବ । ଅସ୍ଥିରତା ଦୂର ହେବ । ବିଶ୍ୱ ଅର୍ଥ ବ୍ୟବସ୍ଥାକୁ କ୍ଷତି ସହିବାକୁ ପଡ଼ିବ ନାହିଁ । ହର୍ମୁଜ ପ୍ରଣାଳୀ ଖୋଲିଲେ ତୈଳ, ଏଲପିଜି ଓ ପେଟ୍ରୋଲିୟମ ଜାହାଜ ଚଳାଚଳ ସ୍ୱାଭାବିକ ହେବ । ଅଶୋଧିତ ତେଲ ଦର କମିବ । ଆମଦାନୀ ବିଲ ବଢ଼ିବନି । ପେଟ୍ରୋଲ, ଡିଜେଲ ଶସ୍ତା ହେବ । ପରିବହନ ଖର୍ଚ୍ଚ କମିବ । ଜିନିଷପତ୍ରର ଦାମ କମିବ । ରୋଷେଇ ଗ୍ୟାସର ଦାମ ଖସିବ । ରୋଷେଇ ଘରେ ମହଙ୍ଗା ମାଡ଼ ହେବ ନାହିଁ । ଟଙ୍କାର ମୂଲ୍ୟ ବଢ଼ିବ । ଶସ୍ତାରେ ଋଣ ମିଳିବ । ଭାରତ ସମେତ ବିଶ୍ୱର ସମସ୍ତ ଦେଶ ମଧ ପ୍ରାଚ୍ୟ ଯୁଦ୍ଧ ବନ୍ଦକୁ ସ୍ୱାଗତ କରିଛନ୍ତି ।**

ମଧ-ପ୍ରାଚ୍ୟ ଯୁଦ୍ଧ ବନ୍ଦ ହେବାକୁ ଯାଉଛି । ଏଥିରେ ଇରାନ ଓ ଆମେରିକା ଅଧିକାରିକ ରୂପେ ରାଜି ଅଛନ୍ତି । ଏହି ଯୁଦ୍ଧ ଫେବୃଆରୀ ୨୮, ୨୦୨୬ ରେ ଆରମ୍ଭ ହୋଇଥିଲା । ଆମେରିକା-ଇସ୍ରାଏଲ ପ୍ରଥମେ ଇରାନ ଉପରେ ମିଳିତ ଆକ୍ରମଣ କରିଥିଲେ । ୧୦୭ ଦିନ ଭୟାନକ ଯୁଦ୍ଧ ଚାଲିଥିଲା । ମଝିରେ ଆମେରିକା ରାଷ୍ଟ୍ରପତି ଏକାଧିକ ବାର ଅସ୍ଥାୟୀ ଯୁଦ୍ଧ ବିରତି ଘୋଷଣା କରିଛନ୍ତି । ଶାନ୍ତି ଆଲୋଚନା ହୋଇଛି । ଇସଲାମାବାଦରେ ବୈଠକ ବସିଛି । କିନ୍ତୁ ସଫଳ ହୋଇନାହିଁ । ଏପରିକି ଉପରାଷ୍ଟ୍ରପତି ଜେ ଡ଼ି ଭାନ୍ସଙ୍କୁ ଖାଲି ହାତରେ ନିଜ ଦେଶ ପ୍ରତ୍ୟାବର୍ତ୍ତନ କରିବାକୁ ପଡିଛି । ପରବର୍ତ୍ତୀ ପର୍ଯ୍ୟାୟରେ କତର ରାଜଧାନୀ ଦୋହା ଠାରେ ପୁନଃ ଶାନ୍ତି ଆଲୋଚନା ଆୟୋଜିତ ହୋଇଥିଲା । ସେଠୁ ଯୁଦ୍ଧ ବିରାମ ସମ୍ଭାବନା ଉଜ୍ଜ୍ୱଳ ହୋଇଥିଲା । ବାଟ ଫିଟିଥିଲା । ନିରନ୍ତର କୂଟନୈତିକ ବିଚାର ବିମର୍ଶ ଯୋଗୁଁ ଶାନ୍ତି ଆଲୋଚନା ଆଗକୁ ବଢ଼ିଥିଲା । ସମ୍ପ୍ରତି ଏହା ସତ୍ୟ ହେବାକୁ ଯାଉଛି । ଆସନ୍ତା ୧୯ ତାରିଖ ଶୁକ୍ରବାର ଆମେରିକା - ଇରାନ ମଧ୍ୟରେ ସ୍ୱିଜରଲ୍ୟାଣ୍ଡ ଜେନିଭା ଠାରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବ । ଏହା କୌଣସି ଚୁକ୍ତି ନୁହେଁ । ଚୁକ୍ତିର ପ୍ରଥମ ଚରଣ । ଆଇନ ଅନୁସାରେ ଏହା ବୈଧ ନୁହେଁ । କୌଣସି ପକ୍ଷ ସର୍ତ୍ତ ଖିଲାପ କଲେ କିମ୍ବା ବୁଝାମଣାରୁ ଓହରି ଗଲେ ତାଙ୍କ ବିରୋଧରେ କାନୁନୀ କାର୍ଯ୍ୟାନୁଷ୍ଠାନ ହୋଇପାରିବନାହିଁ । ୬୦ ଦିନ ପାଇଁ ଏହା ଏକ ଯୁଦ୍ଧ ବିରାମ ବୁଝାମଣା ପତ୍ର । ଆମେରିକା କିମ୍ବା ଇରାନ ଅଧିକାରିକ ରୂପେ ଏହି ବୁଝାମଣା ପତ୍ର ଯେଉଁସବୁ ସର୍ତ୍ତ ଉପରେ ଆଧାରିତ ତାକୁ ସାର୍ବଜନୀନ କରିନାହାନ୍ତି । ଇରାନ ମେହେର ନ୍ୟୁଜ ଏଜେନ୍ସି ଅନୁସାରେ ଏହା ଚଉଦ ଗୋଟି ସର୍ତ୍ତ ଉପରେ ଆଧାରିତ । ପ୍ରଥମ : ବର୍ତ୍ତମାନ ପର୍ଯ୍ୟନ୍ତ ଇରାନ ଉପରେ ପ୍ରାୟ ୨୦୦୦ ପ୍ରତିବନ୍ଧକ ଲାଗିଛି ।ଅଧିକାଂଶ ପ୍ରତିବନ୍ଧ ଅନୁସାରେ ଅନ୍ତଃରାଷ୍ଟ୍ରୀୟ ବଜାରରେ ଇରାନ ତୈଳ ବିକ୍ରି କରିପାରିବନାହିଁ । ତା ପାଖରେ ୨୦୯ ବିଲିୟନ ବ୍ୟାରେଲ ଅଶୋଧିତ ତେଲ ଭଣ୍ଡାର ରହିଛି । ଇରାକ ଓ ଭେନିଜୁଏଲା ପରେ ଇରାନ ବିଶ୍ୱର ତୃତୀୟ ବୃହତ୍ତମ ଅଶୋଧିତ ତେଲ ଉତ୍ପାଦନକାରୀ ଦେଶ । ଏବେ ଇରାନର ତେଲ, ଗ୍ୟାସ ଓ ପେଟ୍ରୋଲିୟମ ଉପରେ ପୂର୍ବରୁ ଲାଗିଥିବା ସମସ୍ତ ପ୍ରତିବନ୍ଧ ହଟିବ । ଦ୍ୱିତୀୟ : ଯୁଦ୍ଧ ପୂର୍ବରୁ ହର୍ମୁଜ ସାମୁଦ୍ରିକ ପଥ ଦେଇ ପ୍ରତ୍ୟହ ୧୩୮ ରୁ ଅଧିକ ବାଣିଜ୍ୟିକ ଜାହାଜ ଯିବାଆସିବା କରୁଥିଲା । ପ୍ରାୟ ୨ କୋଟି ବ୍ୟାରେଲ ତେଲ ରପ୍ତାନି ହେଉଥିଲା । ଯୁଦ୍ଧ ପରଠୁ ଏହି ଜଳ ମାର୍ଗ ସମ୍ପୂର୍ଣ୍ଣ ବନ୍ଦ ଅଛି । ସର୍ତ୍ତ ଅନୁଯାୟୀ ହର୍ମୁଜ ପ୍ରଣାଳୀ ୩୦ ଦିନ ମଧ୍ୟରେ ଖୋଲିବ । ତୃତୀୟ : ନାକାବନ୍ଦୀ ପାଇଁ ମୁତୟନ ଥିବା ସମସ୍ତ ଆମେରିକୀୟ ନୌସେନା ୩୦ ଦିନ ମଧ୍ୟରେ ଅପସାରିତ ହେବ । ଚତୁର୍ଥ : ଇରାନ ଆଖପାଖରେ ମୁତୟନ ସମସ୍ତ ସୈନ୍ୟ ବଳ ଅପସାରିତ ହେବେ, ହଟିବେ । ପଞ୍ଚମ : ଆମେରିକା ଇରାନର ଆଭ୍ୟନ୍ତରିକ ମାମଲାରେ ହସ୍ତକ୍ଷେପ କରିବ ନାହିଁ । ଦଖଲ ଦେବନାହିଁ । ଷଷ୍ଠ : ଇରାନ ଉପରେ କୌଣସି ନୂଆ ପ୍ରତିବନ୍ଧକ ଲାଗିବନାହିଁ । ସପ୍ତମ : ଇରାନର ୧୦୦ ବିଲିୟନ ଡ଼ଲାର ଫ୍ରିଜ ହୋଇଛି । ବର୍ତ୍ତମାନ ପାଇଁ ୨୪ ବିଲିୟନ ଡ଼ଲାର ମୁକ୍ତ କରାଯିବ । ୧୨ ବିଲିୟନ ଡ଼ଲାର ଆଲୋଚନା ପୂର୍ବରୁ ଓ ଅବଶିଷ୍ଟ ୬୦ ଦିନ ମଧ୍ୟରେ ଫେରସ୍ତ ହେବ । ଅଷ୍ଟମ :ଇରାନର ପୁନଃନିର୍ମାଣ ପାଇଁ ତାକୁ ୩୦୦ ବିଲିୟନ ଡ଼ଲାର ଯୋଗାଇ ଦିଆଯିବ । ନବମ : ଇରାନ ପରମାଣୁ ଅସ୍ତ୍ର



ନିର୍ମାଣ କରିବନାହିଁ । ଏଥିପାଇଁ ଇରାନ ପରମାଣୁ ଅସ୍ତ୍ର ପ୍ରସାରଣ ନିଷେଧ ସନ୍ଧି, ଯାହା ଏକ ଅନ୍ତର୍ଜାତୀୟ ଚୁକ୍ତି ଅଟେ, ସେଥିରେ ପୁଣି ଥରେ ସ୍ୱାକ୍ଷର କରିବ । ଦଶମ : ପରମାଣୁ ଅସ୍ତ୍ର ହଟାଇବା ପାଇଁ ୬୦ ଦିନର କଥାବାର୍ତ୍ତା ଆରମ୍ଭ ହେବ । ଏକାଦଶ : ଅନ୍ତିମ ସର୍ତ୍ତ ମିଳିତ ଜାତି ସଙ୍ଘ ସୁରକ୍ଷା ପରିଷଦ ମଞ୍ଜୁର କରିବ । ଦ୍ୱାଦଶ : ଅନ୍ତିମ ନିଷ୍ପତ୍ତି ପାଇଁ ସେପର୍ଯ୍ୟନ୍ତ ଆଲୋଚନା ହେବନାହିଁ ଯେପର୍ଯ୍ୟନ୍ତ ଇରାନକୁ ୧୨ ବିଲିୟନ ଡ଼ଲାର ନମିଳିଛି, ଅଶୋଧିତ ତେଲ ଉପରୁ ପ୍ରତିବନ୍ଧକ ନଉଠିଛି, ଆମେରିକୀ ନାକାବନ୍ଦୀ ସମ୍ପୂର୍ଣ୍ଣ ନହଟିଛି । ତ୍ରୟୋଦଶ : ସର୍ତ୍ତ ଅନୁପାଳନ ପାଇଁ ଏକ ତଦାରଖ କମିଟି ଗଠିତ ହେବ । ଚତୁର୍ଦ୍ଦଶ : ଲେବାନନ ସମେତ ସମସ୍ତ କ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠିତ ହେବ ।

ମଧ୍ୟ-ପ୍ରାଚ୍ୟରେ ଦୀର୍ଘ ଦିନ ଧରି ଲାଗିରହିଥିବା ଯୁଦ୍ଧରେ ଅନେକ ଲୋକ ପ୍ରାଣ ହରାଇଛନ୍ତି । ଯଦିଓ ମୃତାହତଙ୍କ ସଂଖ୍ୟା ରିପୋର୍ଟ ଉପରେ ନିର୍ଭର କରେ ଏବଂ ସଂଖ୍ୟା ପରିବର୍ତ୍ତିତ ହୋଇଥାଏ, ତେବେ ଇରାନ ଯୁଦ୍ଧରେ ୭,୪୦୦ରୁ ୧୦,୦୦୦ ଲୋକଙ୍କ ମୃତ୍ୟୁ ଓ ୪୮,୬୦୦ ରୁ ଅଧିକ ଲୋକ ଆହତ ହୋଇଥିବା କୁହାଯାଏ । ଲେବାନନର ୩୭୦୦ ରୁ ୩୭୫୬ ଲୋକ ମରିଥିବା ବେଳେ ୧୧,୬୦୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଇରାନର ୩୪୦୦ - ୬୦୦୦ ଲୋକଙ୍କ ମୃତ୍ୟୁ ଓ ୧୫,୦୦୦ - ୨୬,୫୦୦ ଲୋକ ଆହତ ହୋଇଛନ୍ତି । ଇରାକ ୧୨୯, ଇସ୍ରାଏଲ ୬୧, ଆମେରିକା ୧୫, ୟୁଏଇ ୧୩, କୁଏତ ୧୧, ଓମାନ ୯, ସାଉଦି ଆରବ ୩ ଓ ବାହାରିନ ୩ ଜଣ ଲୋକଙ୍କୁ ଯୁଦ୍ଧରେ ହରେଇଛି । ଏହି ଦେଶମାନଙ୍କର ଯଥାକ୍ରମେ ୩୭୦, ୯୦୦୦, ୫୪୩, ୨୨୭, ୧୮୨, ୧୮, ୨୯ ଏବଂ ୫୧ ଲୋକ ଆହତ ହୋଇଥିବା ଜଣାଯାଏ । ଇରାନ-ଆମେରିକା, ଇସ୍ରାଏଲ ଯୁଦ୍ଧ ଯୋଗୁଁ ବୈଶ୍ୱିକ ଅର୍ଥବ୍ୟବସ୍ଥା ବାର୍ଷିକ ୨୨ ଲକ୍ଷ କୋଟି ଟଙ୍କାର କ୍ଷତି ସହୁଛି । କ୍ଷତିଗ୍ରସ୍ତ ତେଲ ଶୋଧନାଗାର ଓ ପାୱାର ଗ୍ରୀଡ଼ ପୁନଃନିର୍ମାଣ ପାଇଁ ଇରାନକୁ ପ୍ରାୟ ୨୫ ଲକ୍ଷ କୋଟି ଟଙ୍କା ଦରକାର କରିବ । ଯୁଦ୍ଧ ବନ୍ଦ ହେଲେ ପଶ୍ଚିମ ଏସିଆରେ ଶାନ୍ତି ଫେରିବ । ଅସ୍ଥିରତା ଦୂର ହେବ । ବିଶ୍ୱ ଅର୍ଥ ବ୍ୟବସ୍ଥାକୁ କ୍ଷତି ସହିବାକୁ ପଡ଼ିବ ନାହିଁ । ହର୍ମୁଜ ପ୍ରଣାଳୀ ଖୋଲିଲେ ତୈଳ, ଏଲପିଜି ଓ ପେଟ୍ରୋଲିୟମ ଜାହାଜ ଚଳାଚଳ ସାମାନ୍ୟ ହେବ । ଅଶୋଧିତ ତେଲ ଦର କମିବ । ଆମଦାନୀ ବିଲ ବଢ଼ିବନି । ପେଟ୍ରୋଲ, ଡିଜେଲ ଶସ୍ତା ହେବ । ପରିବହନ ଖର୍ଚ୍ଚ କମିବ । ଜିନିଷପତ୍ରର ଦାମ କମିବ । ରୋଷେଇ ଗ୍ୟାସର ଦାମ ଖସିବ । ରୋଷେଇ ଘରେ ମହଙ୍ଗା ମାଡ଼ ହେବ ନାହିଁ । ଟଙ୍କାର ମୂଲ୍ୟ ବଢ଼ିବ । ଶସ୍ତାରେ ଋଣ ମିଳିବ । ଭାରତ ସମେତ ବିଶ୍ୱର ସମସ୍ତ ଦେଶ ମଧ ପ୍ରାଚ୍ୟ ଯୁଦ୍ଧ ବନ୍ଦକୁ ସ୍ୱାଗତ କରିଛନ୍ତି । କିନ୍ତୁ ଏସବୁ ସତ୍ତ୍ୱେ ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହେବାକୁ ମାସାଧିକ ସମୟ ଲାଗିବ । ହର୍ମୁଜ ପ୍ରଣାଳୀର ସମୁଦ୍ର ପାଣି ଭିତରେ ଇରାନ ବିସ୍ଫୋରକ ମାଇନ୍ସ ବିଛାଇଥିବା ସନ୍ଦେହ କରାଯାଏ । ସଂଖ୍ୟା ୫୦୦ରୁ ଅଧିକ ହୋଇପାରେ । ଗୋଟିଏ ମାଇନ୍ସ ଖୋଜି ବାହାର କରିବାକୁ ଏବଂ ତାକୁ ନିଷ୍କ୍ରିୟ କରିବାକୁ ଏକ ଆକଳନ ମୁତାବକ, ଅତିକମ୍‌ରେ ପାଞ୍ଚ ଘଣ୍ଟା ସମୟ ଆବଶ୍ୟକ । ସେହି ହିସାବରେ ହିସାବ କଲେ ୫୦୦ ମାଇନ୍ସ ହଟାଇବାକୁ ୨୫୦୦ ଘଣ୍ଟା ଅର୍ଥାତ ତିନି ମାସରୁ ଅଧିକ ସମୟ ଲାଗିପାରେ । ଯୁଦ୍ଧ ପରେ ହର୍ମୁଜ ପ୍ରଣାଳୀ ଅବରୁଦ୍ଧ ଯୋଗୁଁ ହଜାର ହଜାର ଜାହାଜ ସମୁଦ୍ର ଭିତରେ ଫସି ରହିଛନ୍ତି । ତାଙ୍କୁ ସୁରକ୍ଷିତ ହର୍ମୁଜ ଅତିକ୍ରମ କରାଇବା ମଧ ଏକ ବିରାଟ ଚ୍ୟାଲେଞ୍ଜ ଅଟେ । ଇସ୍ରାଏଲ ଶାନ୍ତି ଚୁକ୍ତି ସପକ୍ଷରେ ନାହିଁ । କ୍ଷେତ୍ରଫଳ ଦୃଷ୍ଟିରୁ ଛୋଟ ହେଲେ ମଧ ମଧ-ପ୍ରାଚ୍ୟରେ ତାର ଦବଦବା ରହିଛି । ଇସ୍ରାଏଲ ମଧ-ପ୍ରାଚ୍ୟର ମହାଶକ୍ତି ଭାବେ ପରିଚିତ । ପ୍ରତିବ୍ୟକ୍ତି ଆୟ ଓ ପ୍ରଯୁକ୍ତିବିଦ୍ୟାରେ ମଧ-ପ୍ରାଚ୍ୟ କ୍ଷେତ୍ରରେ ତାର ସ୍ଥାନ ପ୍ରଥମ । ଜିଡିପି ଓ ରକ୍ଷା କ୍ଷେତ୍ରରେ ଦ୍ୱିତୀୟ ବଳିଷ୍ଠ ରାଷ୍ଟ୍ର । ଯୁଦ୍ଧ ବନ୍ଦ ହେଲେ ସର୍ତ୍ତ ମୁତାବକ ଇରାନକୁ ତାର ଫ୍ରିଜ ହୋଇଥିବା ରାଶି ଫେରସ୍ତ ମିଳିବ । ତାଉପରେ କ୍ଷତିଗ୍ରସ୍ତ ସଂସାଧନର ପୁନଃନିର୍ମାଣ ବାବଦକୁ ଅତିରିକ୍ତ ୩୦୦ ବିଲିୟନ ଡ଼ଲାର । ପ୍ରତିବନ୍ଧ ସବୁ ଅପସାରିତ ହେଲେ ଇରାନର ବ୍ୟାବସାୟିକ ସାମର୍ଥ୍ୟ ବଢ଼ିବ । ଅନ୍ତରାଷ୍ଟ୍ରୀୟ ବଜାରରେ ତେଲ ବିକ୍ରି କରିବ । ମଧ ପ୍ରାଚ୍ୟରେ ତାର ଆଧିପତ୍ୟ ବଢ଼ିବ ଯାହା ଇସ୍ରାଏଲର ଅସ୍ତିତ୍ୱ ପାଇଁ ବିପଜ୍ଜନକ । ତେଣୁ ବେଞ୍ଜାମିନ ନେତାନ୍ୟାହୁ ସରକାର ଆମେରିକା - ଇରାନ ଡିଲ ରେ ବାଧା ସୃଷ୍ଟି କରିପାରେ କିମ୍ବା ଡିଲକୁ ଦୁର୍ବଳ କରିପାରେ ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
୭୯୭୮୨୮୩୧୯୦

# ସାମାଜିକ ବୈଧତାର ଦର୍ଶନ

ଅସିତ ମହାନ୍ତି

**ଭାରତରେ, ସରକାରୀ କାର୍ଯ୍ୟାଳୟରେ କାମ କରିବା ପାଇଁ ଲାଞ୍ଚ ଦେବା ଆଉ ଅପରାଧ ନୁହେଁ ବରଂ ଏକ 'ପ୍ରଣାଳୀ' ବୋଲି ବିବେଚନା କରାଯାଏ । ଲୋକମାନେ ବିଶ୍ୱାସ କରନ୍ତି ଯେ ଟଙ୍କା ନ ଦେଇ କାମ ହେବ ନାହିଁ । ଏହି ଚିନ୍ତାଧାରା ଏତେ ଗଭୀର ଭାବରେ ସ୍ଥାପିତ ହୋଇଛି ଯେ ବହୁତ କମ୍ ଲୋକ ଏହାକୁ ଭୁଲ ବୋଲି ବିବେଚନା କରନ୍ତି । ଲାଞ୍ଚ, ଯାହାକୁ ଥରେ ଲଜ୍ଜାଜନକ ବୋଲି ବିବେଚନା କରାଯାଉଥିଲା, ତାହା ଏବେ 'ବ୍ୟବସ୍ଥାର ଅଂଶ' ଭାବରେ ବିବେଚନା କରାଯାଏ ।**

ମାନବ ସମାଜର ସବୁଠାରୁ ବଡ଼ ବିରୋଧାଭାସ ହେଉଛି ଯେ ଯେଉଁ ଜିନିଷଗୁଡ଼ିକ ସ୍ୱାଭାବିକ ଭାବରେ ଭୁଲ ତାହା ଧୀରେ ଧୀରେ ବାରମ୍ବାର ପୁନରାବୃତ୍ତି ହୁଏ ଯେ ଲୋକମାନେ ଶେଷରେ ସେଗୁଡ଼ିକୁ ସାଧାରଣ ଭାବରେ ଗ୍ରହଣ କରିବାକୁ ଆରମ୍ଭ କରନ୍ତି । ଏହି ପ୍ରକ୍ରିୟା କେବଳ ବ୍ୟକ୍ତିଗତ ଆଚରଣ ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ସମଗ୍ର ସାମାଜିକ ଗଠନରେ ବ୍ୟାପିଯାଏ । ଆମେ ଏହାକୁ 'ଭୁଲ୍ ଅଭ୍ୟାସର ସାଧାରଣୀକରଣ' ବୋଲି କହିପାରିବା ।

ଦୁର୍ନୀତିର ସାଧାରଣୀକରଣ - ଭାରତରେ, ସରକାରୀ କାର୍ଯ୍ୟାଳୟରେ କାମ କରିବା ପାଇଁ ଲାଞ୍ଚ ଦେବା ଆଉ ଅପରାଧ ନୁହେଁ ବରଂ ଏକ 'ପ୍ରଣାଳୀ' ବୋଲି ବିବେଚନା କରାଯାଏ । ଲୋକମାନେ ବିଶ୍ୱାସ କରନ୍ତି ଯେ ଟଙ୍କା ନ ଦେଇ କାମ ହେବ ନାହିଁ । ଏହି ଚିନ୍ତାଧାରା ଏତେ ଗଭୀର ଭାବରେ ସ୍ଥାପିତ ହୋଇଛି ଯେ ବହୁତ କମ୍ ଲୋକ ଏହାକୁ ଭୁଲ ବୋଲି ବିବେଚନା କରନ୍ତି । ଲାଞ୍ଚ, ଯାହାକୁ ଥରେ ଲଜ୍ଜାଜନକ ବୋଲି ବିବେଚନା କରାଯାଉଥିଲା, ତାହା ଏବେ 'ବ୍ୟବସ୍ଥାର ଅଂଶ' ଭାବରେ ବିବେଚନା କରାଯାଏ । ରାଜନୀତିରେ ମିଛକୁ ଗ୍ରହଣ - ମିଛ କହିବା, ପ୍ରତିଶ୍ରୁତି ଦେବା ଏବଂ ତା'ପରେ ଭାଙ୍ଗିବା, ରାଜନୀତିରେ ଆଉ ଅସାଧାରଣ ନୁହେଁ । ଜନସାଧାରଣ ଜାଣନ୍ତି ଯେ ନେତାମାନେ ମିଛ କୁହନ୍ତି, ତଥାପି ସେମାନେ ନିର୍ବାଚନରେ ଭୋଟ ଦିଅନ୍ତି । ଏହି ପରିସ୍ଥିତି ଦର୍ଶାଏ ଯେ ମିଛ ଧୀରେ ଧୀରେ ରାଜନୀତିରେ ସାଧାରଣ ହୋଇଗଲାଣି । ସମାଜ ଏହାକୁ ଗ୍ରହଣ କରିଛି । ଏହି ଧାରଣଟି ଦେଖନ୍ତୁ ସ୍ୱାଧୀନତାର ୭୯ ବର୍ଷ ଭିତରେ ସାଧରଣୀକରଣ ହୋଇସାରିଛି ଲୋକମାନେ ସାଧାରଣ ଭାବରେ ଏହି କଥାଟି କୁହନ୍ତି ଯେ, ରାଜନୀତିରେ ଏପରି ହୋଇଥାଏ ।କେବଳ ଲୋକମାନେ ନୁହେଁ ଖୁଦ ନେତାମାନେ ଜନସାଧାରଣଙ୍କ ସମ୍ମୁଖରେ ସ୍ୱୀକାର କରନ୍ତି । ଲାଜରେ ନୁହେଁ ବରଂ ଏକଥା ସ୍ୱୀକାର କରି ସେମାନେ ନିଜକୁ ଗର୍ବିତ ଅନୁଭବ କରନ୍ତି । ଠିକ ଏହି ସ୍ଥାନରେ ନୀତି ନୈତିକତାର ପତନର ସ୍ଥାନଟି ଯାହାକୁ ଆମେ ଧୀରେ ଧୀରେ ଆଡେଇ ଦେଉଛୁ । ତାହେଲେ ଏଥି ପାଇଁ ଦାୟୀ କିଏ ? ଏହି କାର୍ଯ୍ୟଟିକୁ କିଏ ଏବଂ କେଉଁମାନେ କରୁଛନ୍ତି ? ଯଦି ସେମାନେ କରୁଛନ୍ତି , ତେବେ ରୋକିବା ଦାୟତ୍ୱଟି କାହାର ? ଏହି ଗୁଡିକ ପ୍ରକୃତରେ ମୁଖ୍ୟ ବିଷୟରେ ଯାହା ଉପରେ ସଚେତନତା ଆଧାରରେ ସାତଟି କାର୍ଯ୍ୟ କରିବା ଉଚିତ । ଯେତେବେଳେ ଆମେ ଏହା ନକରୁ, ଯେଉଁମାନେ ଏଗୁଡ଼ିକୁ କରୁଛନ୍ତି ବା କରାଉଛନ୍ତି ସେମାନେ ଏହାର ଫାଇଦା ଉଠାଇ ଏହାକୁ ସାଧାରଣ କରନ୍ତି । ପୁଞ୍ଜିବାଦ ଏବଂ ଉପଭୋକ୍ତାବାଦ - ଆଜି, ପୁଞ୍ଜିପତିମାନଙ୍କ ପାଖରେ ଏତେ ଶକ୍ତି ଅଛି ଯେ ସେମାନେ ଗଣମାଧ୍ୟମ, ରାଜନୀତି ଏବଂ ସଂସ୍କୃତି ଯେକୌଣସି ଜିନିଷ କିଣିପାରିବେ । ଧୀରେ ଧୀରେ, ସମାଜ ଏହି ଧାରଣାକୁ ଗ୍ରହଣ କରିଛି ଯେ ଯାହାଙ୍କ ପାଖରେ ଟଙ୍କା ଅଛି ସେମାନେ ସବୁକିଛି ନିର୍ଦ୍ଦେଶ ଦେବେ । ଧନୀମାନଙ୍କ ଜୀବନଶୈଳୀ ସାଧାରଣ ହୋଇଗଲାଣି । ସମାଜ ଗରିବଙ୍କ ସଂଘର୍ଷକୁ 'ସାଧାରଣ' ଏବଂ ଧନୀମାନଙ୍କ ବିଳାସକୁ 'ସଫଳତା' ଭାବରେ ଗ୍ରହଣ କରିଛି । ସୋସିଆଲ ମିଡିଆର ପ୍ରଭାବ - ପୂର୍ବରୁ, ରିଲ୍ ତିଆରି କରିବା କିମ୍ବା ମୋବାଇଲ୍ ଫୋନରେ ସମୟ ବିତାଇବା ପିତାମାତାଙ୍କ ପାଇଁ ଚିନ୍ତାର କାରଣ ଥିଲା । କିନ୍ତୁ ବର୍ତ୍ତମାନ, ଏହା ଏତେ ସାଧାରଣ ହୋଇଯାଇଛି ଯେ ପିତାମାତା ମଧ ଏହାକୁ ଗ୍ରହଣ କରିବାକୁ ଲାଗିଲେଣି । ଏହା ସାଂସ୍କୃତିକ ସାଧାରଣୀକରଣ, ଯେଉଁଠାରେ ନୂତନ ଅଭ୍ୟାସ ଧୀରେ ଧୀରେ ପରମ୍ପରାର



ଅଂଶ ହୋଇଯାଏ । ଶିକ୍ଷା ଏବଂ ପ୍ରତିଯୋଗିତା - ଆଜି, ଶିକ୍ଷାର ଉଦ୍ଦେଶ୍ୟ ଜ୍ଞାନ ନୁହେଁ, ବରଂ ଚାକିରି ପାଇବା । କୋଚିଂ ପ୍ରତିଷ୍ଠାନ, ପ୍ରତିଯୋଗିତାମୂଳକ ପରୀକ୍ଷା ଏବଂ ଡିଗ୍ରୀ ବଜାର ଏତେ ବ୍ୟାପକ ହୋଇଛି ଯେ ସମାଜ ସେମାନଙ୍କୁ ଶିକ୍ଷାର ପ୍ରକୃତ ରୂପ ଭାବରେ ଗ୍ରହଣ କରିଛି । ଜ୍ଞାନର ଅନୁସନ୍ଧାନ ପଛରେ ପଡ଼ିଯାଇଛି ।

ଉଦାହରଣ: ହସ୍ପିଟାଲରେ ଚିକିତ୍ସା ପାଇଁ ଦେୟ ଦେବା ଏବଂ ଡାକ୍ତରମାନେ କମିଶନ ନେବା ସାଧାରଣ ହୋଇଗଲାଣି । ଦାନ ଏବଂ ଫି ନାମରେ ସ୍କୁଲଗୁଡ଼ିକ ବହୁ ପରିମାଣର ଟଙ୍କା ଆଦାୟ କରିବା ଏବେ 'ପ୍ରବଣତା' ପାଲଟିଛି । ଚଳଚ୍ଚିତ୍ର ଏବଂ ବିଜ୍ଞାପନରେ ଚିତ୍ରିତ ଉପଭୋକ୍ତାବାଦ ଏକ ସାଧାରଣ କଥା ପାଲଟିଛି । କ୍ରିକେଟ୍ ଏବଂ ଅନ୍ୟାନ୍ୟ ଖେଳରେ ଟଙ୍କା ଏବଂ ବିଜ୍ଞାପନର ପ୍ରାଧାନ୍ୟକୁ ଏବେ ଖେଳର ଏକ ଅଂଶ ଭାବରେ ବିବେଚନା କରାଯାଉଛି ।

ଦାର୍ଶନିକ ଦୃଷ୍ଟିକୋଣ - ଏହି ଧାରା ଆମକୁ କୁହେ ଯେ ସମାଜରେ ନୈତିକତା ଏବଂ ମୂଲ୍ୟବୋଧ ସ୍ଥାୟୀ ନୁହେଁ । ବାରମ୍ବାର ଆଚରଣ ସହିତ ସେଗୁଡ଼ିକ ପରିବର୍ତ୍ତନ ହୁଏ । ଯେତେବେଳେ ଭୁଲ ଜିନିଷ ବାରମ୍ବାର ସାମ୍ନାକୁ ଆସେ, ଲୋକମାନେ ସେଗୁଡ଼ିକୁ ଆଉ ଅସ୍ୱାଭାବିକ ବୋଲି ବିବେଚନା କରନ୍ତି ନାହିଁ । ଏହା ହେଉଛି 'ବିଚ୍ୟୁତିର ସାଧାରଣୀକରଣ' । ଆଜିର ସମାଜ ଏହି ଦର୍ଶନର ଏକ ଜୀବନ୍ତ ଉଦାହରଣ । ଦୁର୍ନୀତି, ମିଛ, ଉପଭୋକ୍ତାବାଦ, ପୁଞ୍ଜିବାଦ ଏବଂ ସାଂସ୍କୃତିକ ଧାରା ଧୀରେ ଧୀରେ ସାଧାରଣ ହୋଇଗଲାଣି । ଲୋକମାନେ ସେଗୁଡ଼ିକୁ ଗ୍ରହଣ କରିଛନ୍ତି । ଏହା ହେଉଛି ସେହି ଦର୍ଶନ ଯାହା କହିଛି ଯେ ଭୁଲକୁ ବାରମ୍ବାର ଦୋହରାଇବା ଏହାକୁ ଠିକ୍ କରିଥାଏ । ଏହି ଅଭ୍ୟାସକୁ ପରିବର୍ତ୍ତନ କରିବା ସହଜ ନୁହେଁ, କାରଣ ଏହା କେବଳ ବ୍ୟକ୍ତିଗତ ସ୍ତରରେ ନୁହେଁ ବରଂ ସମଗ୍ର ସମାଜର ମାନସିକତାରେ ଗଭୀର ଭାବରେ ସ୍ଥାପିତ । କିନ୍ତୁ ପରିବର୍ତ୍ତନ ସମ୍ଭବ, ଏବଂ ଏଥିପାଇଁ କିଛି ମୌଳିକ ପଦକ୍ଷେପ ଆବଶ୍ୟକ । ୧. ଶିକ୍ଷା ଏବଂ ସଚେତନତା - ଭୁଲକୁ ଠିକ୍ ଭାବରେ ଗ୍ରହଣ କରିବାର ପ୍ରବୃତ୍ତି କେବଳ ସେତେବେଳେ ପରିବର୍ତ୍ତନ ହୋଇପାରିବ ଯେତେବେଳେ ଲୋକମାନେ ବୁଝିବେ ଯେ ଏହା ପ୍ରକୃତରେ ଭୁଲ । ଏହାକୁ ହାସଲ କରିବା ପାଇଁ, ଶିକ୍ଷାର ଉଦ୍ଦେଶ୍ୟ କେବଳ ଚାକିରି ପାଇବା କିମ୍ବା ପରୀକ୍ଷା ପାସ୍ କରିବା ନୁହେଁ, ବରଂ ନୀତିଶାସ୍ତ୍ର, ସଚ୍ଚୋଟତା ଏବଂ ସାମାଜିକ ଦାୟିତ୍ୱକୁ ମଧ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ପଡିବ । ୨. ବ୍ୟକ୍ତିଗତ ପ୍ରତିରୋଧ - ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ତରରେ ଭୁଲ ଅଭ୍ୟାସକୁ ବିରୋଧ କରିବା ଉଚିତ । ଯଦି କେହି ଲାଞ୍ଚ ମାଗେ ତେବେ ତାହା ଦେବାକୁ ମନା କରିବା, ମିଥ୍ୟାବାଦୀର ପର୍ଦ୍ଦାଫାସ କରିବା - ଏହି ଛୋଟ ପଦକ୍ଷେପଗୁଡ଼ିକ ଧୀରେ ଧୀରେ ସମାଜରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ । ୩. ସାଂସ୍କୃତିକ ପୁନର୍ଗଠନ - ସମାଜରେ 'ଧାରାକୁ' ପାଲଟିଥିବା ଜିନିଷଗୁଡ଼ିକ ଶୀଘ୍ର ଗ୍ରହଣ କରାଯାଏ । ତେଣୁ, ସାହିତ୍ୟ, କଳା, ସିନେମା ଏବଂ ଗଣମାଧମରେ ସଚ୍ଚୋଟତା, ସରଳତା ଏବଂ ନୈତିକତାକୁ ଆଦର୍ଶ ଭାବରେ ଉପସ୍ଥାପନ କରିବା ଗୁରୁତ୍ୱପୂର୍ଣ୍ଣ । ଯେତେବେଳେ ସଂସ୍କୃତି ବାରମ୍ବାର ସତ୍ୟ ମୂଲ୍ୟବୋଧ ପ୍ରଦର୍ଶନ କରେ, ଲୋକମାନେ ସେଗୁଡ଼ିକୁ ଗ୍ରହଣ କରିବା ଆରମ୍ଭ କରିବେ । ୪. ସାଂଗଠନିକ ସଂସ୍କାର - କେବଳ ବ୍ୟକ୍ତିଗତ ପ୍ରୟାସ ଯଥେଷ୍ଟ ହେବ ନାହିଁ । ସରକାରୀ ଅନୁଷ୍ଠାନ, ରାଜନୈତିକ ଦଳ ଏବଂ ଅର୍ଥନୈତିକ ଗଠନରେ ସଂସ୍କାର ଆଣିବାକୁ ପଡିବ । କେବଳ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ କଠୋର ଆଇନ ଭୁଲକୁ ରୋକିପାରିବ । ୫. ସାମୂହିକ ଆନ୍ଦୋଳନ - ଇତିହାସ ସାକ୍ଷୀ ଅଛି ଯେ ଯେତେବେଳେ ଲୋକମାନେ ଏକାଠି କଥା କୁହନ୍ତି, ସମାଜ ପରିବର୍ତ୍ତନ ହୁଏ । ସ୍ୱାଧୀନତା ସଂଗ୍ରାମ ହେଉ କିମ୍ବା ସାମାଜିକ ସଂସ୍କାର ଆନ୍ଦୋଳନ - ସାମୂହିକ ଚେତନା ହେଉଛି ସବୁଠାରୁ ବଡ଼ ଶକ୍ତି । ଆଜି ମଧ, ଲୋକଙ୍କୁ ଏକତ୍ର ହୋଇ ଦୁର୍ନୀତି, ମିଥ୍ୟା ଏବଂ ଉପଭୋକ୍ତାବାଦ ବିରୋଧରେ ଠିଆ ହେବାର ଆବଶ୍ୟକତା ରହିଛି ।

ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

CMYK



# କେରଣ୍ଡି ଗାଁରେ କାଳବୈଶାଖୀ

## ଉପୁଡିଲା ଗଛ, ଭାଙ୍ଗିଲା ଘର, ଉଡ଼ିଲା ଛପର

ପାପଡ଼ାହାଣ୍ଡି ,୧୭ ।୬ (ନିପ୍ର): ପାପଡ଼ାହାଣ୍ଡି ବ୍ଲକ ହାତୀବେଡ଼ା ପଞ୍ଚାୟତର କେରଣ୍ଡି ଗ୍ରାମରେ କାଳବୈଶାଖୀ ତାଣ୍ଡବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବେଗରେ ପବନ ବୋହିବାରୁ ବହୁ ଘରର ଛପର ଉଡ଼ି ଯାଇଛି। ଏଥିସହ ଗଛ ପଡ଼ି ବିଦ୍ୟାଳୟ ଲୟ ଓ ଅଙ୍ଗନବାଡ଼ି କେନ୍ଦ୍ର ସହ ରାସ୍ତା ଉପରେ ପଡ଼ି ରହିଥିଲା । ଡାବୁଗାଁ ଅଗ୍ନିଶମ କର୍ମଚାରୀ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ସହ ରାସ୍ତା ଉପରେ ପଡ଼ିଥିବା ଗଛକୁ କାଟି ସଫା କରୁଛନ୍ତି । ଗାଁର ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଘରର ଛପର ଉଡ଼ିଯାଇଛି। ଏହା ଛଡା ପବନର ବେଗ ଅଧିକ ଥିବାରୁ ଗ୍ରାମର ବିଭିନ୍ନ ସ୍ଥାନରେ



ବିଦ୍ୟୁତ୍ ତାର ଛିଣ୍ଡି ଯାଇ ବିଦ୍ୟୁତ ସରବରାହ ବନ୍ଦ ରହିଛି। ଗ୍ରାମର ତୁଳସୀ ମାଝୀ,ମନୋଜ ମାଝୀ, ଚୈତନ୍ୟ ଭତରା, ବୈଦୁ ମାଝୀ, ତ୍ରିନାଥ ଭତରା, ଚନ୍ଦ୍ର ଶେଖର ଭତରାଙ୍କ ଘରର ଛପର ପବନରେ ଉଡ଼ି ଯାଇଛି। ପ୍ରବଳ ବର୍ଷା ହେବା ଯୋଗୁଁ ଘର ଭିତରେ ଥିବା ଖାଦ୍ୟ ସାମଗ୍ରୀ ଓ ଆସବାବପତ୍ର ନଷ୍ଟ ହୋଇଯାଇଛି। ବର୍ତ୍ତମାନ ବେସାହାରା ପରିବାର ବର୍ଗ କେବଳ ସରକାରୀ ସାହାଯ୍ୟର ଅପେକ୍ଷାରେ।

# ସାନ ନୂଆପଡ଼ା ଗାଁରେ ହାତୀ ଆକ୍ରମଣରେ ଜଣେ ମୃତ

## ହାତୀ ଘଉଡାଇବେ ଲୋକେ, ବନବିଭାଗ ନିଷ୍କ୍ରିୟ !



ରେଢ଼ାଖୋଲ,୧୭ ।୬ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢାଖୋଲ ବାନାଞ୍ଚଳ ବଡବାହାଳ ରେଞ୍ଜ ସାନ ନୂଆପଡା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ଆକ୍ରମଣ ରେ ଜଣେ ଶ୍ରମିକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ମୃତ ଶ୍ରମିକ ଜଣଙ୍କ ହେଲେ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ୍ କଦଳୀ ମୁଣ୍ଡା ପଞ୍ଚାୟତ ଟାପୁରସିଙ୍ଘା ଗ୍ରାମର ନରେନ୍ଦ୍ର ପ୍ରଧାନ (୩୭) ବୋଲି ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ନରେନ୍ଦ୍ର ଜଣେ ମୁଲମଜୁରିଆ ରୋଜଗାରିଆ ବ୍ୟକ୍ତି ଥିଲେ । ବାହାରକୁ ମୁଲ ଲାଗି ଗଲେ ସେଥିରେ ତାଙ୍କ ପରିବାର ଚଳେ । ପରିବାର କହିଲେ ଗୋଟେ ଝିଅ ଓ ସ୍ତ୍ରୀ । ଗତ ମଙ୍ଗଳବାର ରାତି ପାଖାପାଖି ୧୧ଘ ସମୟରେ ନରେନ୍ଦ୍ର କାମ କରିବାକୁ ଯାଇ ଘରକୁ ଫେରୁଥିବା ବେଳେ ସାନ ନୂଆପଡା ଗାଁ ଗୁଆପଡା ରାସ୍ତା ନିକଟରେ ହାତୀ ମୁହଁରେ ପଡ଼ିଯାଇଥିଲେ । ସେଠାରେ ହାତୀଟି ତାଙ୍କୁ ଦଳିଦେଇ ଥିଲା ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଘଟଣାଟି ରାତ୍ରି ସମୟରେ ଘଟିଥିବା ଯୋଗୁଁ ଲୋକେ ଜାଣି ପାରିନଥିଲେ । ଦୀର୍ଘ ୭ଘଣ୍ଟା ମୃତ ବ୍ୟକ୍ତି ପଡିଥିବା ବେଳେ ବୁଧବାର ଭୋର୍ ସକାଳୁ ମୃତ ଦେହ ଦେଖି ଲୋକେ ପରିବାର,ବନ ବିଭାଗ ଓ ପୋଲିସଙ୍କୁ ଖବର୍ ଦେଇଥିଲେ। ଘଟଣା ସ୍ଥଳରେ ବନ ବିଭାଗ ଅଧିକାରୀ, ରେଢ଼ାଖୋଲ ପୋଲିସ, ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । କିଛି ସମୟ ପରେ ସ୍ଥାନୀୟ ଲୋକେ ସେଠାରେ ଉତ୍ତ୍ୟକ୍ତ ହୋଇଥିଲେ ଏବଂ ମୃତ ଦେହକୁ ଛାଡିନଥିଲେ । ଅନ୍ୟପଟେ ଏହି ଅଞ୍ଚଳରେ ସବୁବେଳେ ହାତୀଙ୍କ ଉପଦ୍ରବ ଅଧିକ ହେତୁ ଲୋକେ ରାତି ହେଲେ ଲାଇଟ୍, ନିଆଁ , ବାଣ ଫୁଟାଇ ଏକତ୍ର ହୋଇ ହାତୀଙ୍କୁ ଘଉଡ଼ାଇ ଥିବା ଜଣାପଡିଛି । ମୃତ୍ୟୁ ହେବାର କିଛି ଘଣ୍ଟା ପୂର୍ବରୁ ଏହି ଗାଁ ଆମ୍ବବଗିଚା ରୁ ହାତୀକୁ ଲୋକେ ଘଉଡାଇଥିଲେ ? ଏବଂ ଏହାକୁ ନେଇ ବନବିଭାଗକୁ ମଧ୍ୟ ଜଣାଇଥିଲେ ହେଲେ ହାତୀ ଘଉଡାଇବାକୁ ବନ ବିଭାଗ ନ ଆସିବାରୁ ଶେଷରେ ଲୋକେ ହାତୀକୁ ଘଉଡାଇ ଥିଲେ ଏବଂ ହାତୀ ଟି ସେଠାରୁ ଚାଲିଯାଇଥିବା ବେଳେ ହାତୀ ପୁଣି ସେଦିଗରୁ ରାସ୍ତା ଆଡ଼କୁ ଆସିଥିବା ବେଳେ ଅନ୍ଧାର ଯୋଗୁଁ ନରେନ୍ଦ୍ର ସିଧା ହାତୀ ସାମ୍ନାରେ ପଡ଼ି ଯିବା ଫଳରେ ହାତୀଟି ତାଙ୍କୁ ଦଳି ଦେଇଥିବା ଜଣାପଡିଛି । ଏନେଇ ଏହି ଘଟଣାରେ ବନ ବିଭାଗ ସମ୍ପୂର୍ଣ୍ଣ ଦାୟୀ ବୋଲି ଗ୍ରାମବାସୀ କହିଛନ୍ତି । ଏହି ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ ଗାଁ ଜଙ୍ଗଲ ରେ ହାତୀ ଟ୍ରେଞ୍ଚ ଖୋଳା ଓ ବିଦ୍ୟୁତିକ ଝଟକା ମେସିନ୍ ଲଗାଇବାକୁ ଦାବୀ କରିବା ସହ ମୃତକଙ୍କ ପରିବାରକୁ ସରକାରୀ ସହାୟତା ପାଇଁ ଦାବୀ କରିଥିଲେ ।

ଏନେଇ ଏହା ଶୀଘ୍ର କାର୍ଯ୍ୟରେ ଲଗାଯିବ ତଥା ଦାବି ପୁରଣ କରାଯିବ ବୋଲି ବନ ବିଭାଗ ପ୍ରତିଶ୍ରୁତି ରଖିବା ପରେ ସମାଧାନ ହୋଇଥିଲା । ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ଡାକ୍ତରଖାନାକୁ ପଠାଯାଇଥିଲା । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି । ଆଗକୁ ଯେଉଁଭଳି ଏମିତି ଘଟଣା ନଘଟେ ସେଥିପ୍ରତି କଡାକଡି ବନବିଭାଗ ଦୃଷ୍ଟି ଦେବବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

# କଳାରଙ୍ଗର ବ୍ୟାଗ୍ ଭିତରୁ ମୃତଦେହ ଠାବ

ରାୟଗଡା,୧୭ ।୬ (ନିପ୍ର): ରାୟଗଡାରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। କଳାରଙ୍ଗର ବ୍ୟାଗ ଭିତରୁ ଏକ ମୃତଦେହ ଠାବ ହୋଇଛି। ରାୟଗଡା ଜିଲ୍ଲା ୩୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଖଳିଗୁଡା ନିକଟରୁ ଏକ ମୃତ ଦେହ ଠାବ କରିଛି ପୋଲିସ। ମୃତକଙ୍କ ପରିଚୟ ଜଣା ପଡ଼ିନଥିବା ବେଳେ ଅଞ୍ଚଳରେ ଚର୍ଚ୍ଚା ଓ ଭୟର ବାତାବରଣ ସୃଷ୍ଟି ହୋଇଛି। ଖବର ପାଇ ଘଟଣା ସ୍ଥଳରେ ଚାନ୍ଦିଲି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହ୍ୱାଣ୍ଡାଇ ଶୋରୁମ ମ୍ୟାନେଜର ବିଜୟ ବିଶ୍ୱାସ ଦୋକାନ ଖୋଲିବା ପରେ ସେ ଏକ ପ୍ରକାର ଦୁର୍ଗନ୍ଧ ବାରି ଆଗକୁ ଯାଇ ଦେଖିଲା ବେଳେ ଏକ କଳାରଙ୍ଗର ବ୍ୟାଗ ପଡିଥିବାର ଦେଖି, ସେ ତୁରନ୍ତ ଚାନ୍ଦିଲି ଥାନାକୁ ଖବର ଦେଇଥିଲେ। ଖବର ପାଇ ଏସଡିପିଓ ଗୌରହରି ସାହୁ, ଏସ: ଆଇ ଆଶୁତୋଷ ସାହୁ ଓ ଅନ୍ୟ ପୋଲିସ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ। ପୋଲିସ ଶବ ବ୍ୟବଚ୍ଛେଦ କରାଯିବା ପରେ ଏହା ଏକ ମହିଳାଙ୍କ ଶବ ବୋଲି ଜଣାପଡିଥିବା ପୋଲିସ କହିଛି। ମୃତକଙ୍କ ଶବ ପଚି ଯାଇଛି। ପୋଲିସ ଦଫା ୧୯୮/୨୦୨୬ ଧାରାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଏସଡିପିଓ କହିଛନ୍ତି।

# ପାରଳାଖେମୁଣ୍ଡି ପୋଲିସର ବାଇକ୍ ପାଟ୍ରୋଲିଂ

ପାରଳାଖେମୁଣ୍ଡି,୧୭ ।୬ (ନିପ୍ର): ପୋଲିସ ପକ୍ଷରୁ ସାଧାରଣ ସ୍ଥାନରେ ମଦ୍ୟପାନ ଓ ଅସାମାଜିକ କାର୍ଯ୍ୟକଳାପ ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଗତକାଲି ରାତିରେ ପାରଳାଖେମୁଣ୍ଡି ପୋଲିସ ଦ୍ୱାରା ହଠାତ୍ ବାଇକ୍ ପାଟ୍ରୋଲିଂ କରାଯାଇ ପାଠପତନମ ରୋଡ୍, ବି.ଏନ୍. ପ୍ୟାଲେସ ପରିସର, ଫ୍ରଣ୍ଟ ସାଇଡ୍ କମ୍ପାଉଣ୍ଡ ଏବଂ ଅନ୍ୟାନ୍ୟ କମ୍ ଆଲୋକ ଥିବା ସ୍ଥାନଗୁଡ଼ିକରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ କିଛି ଯୁବକ ଦଳବଦ୍ଧ ଭାବେ ବସି ମଦ୍ୟପାନ କରୁଥିବା ଦେଖାଯାଇଥିଲା। ପ୍ରାୟ ୧୦ ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ସେମାନଙ୍କର ପରିଚୟ ଯାଞ୍ଚ କରାଯାଇଥିଲା। ସେମାନଙ୍କୁ କଡ଼ା ଚେତାବନୀ ଦିଆଯିବା ସହିତ ଲିଖିତ ମୁଚାଲିକା ନିଆଯାଇଥିଲା ଏବଂ ପରେ ଛାଡ଼ି ଦିଆଯାଇଥିଲା। ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ଯେ ସାଧାରଣ ସ୍ଥାନରେ ମଦ୍ୟପାନ, ଅସାମାଜିକ କାର୍ଯ୍ୟକଳାପ ଏବଂ ଶାନ୍ତି-ଶୃଙ୍ଖଳା ବିରୋଧୀ କାର୍ଯ୍ୟ ଉପରେ ଏଭଳି ଅଚାନକ ଚଢ଼ାଉ ଓ ପାଟ୍ରୋଲିଂ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

# ଗୁମ୍ମା ବ୍ଲକରେ ନିର୍ମାଣକାର୍ଯ୍ୟ ଅସଂପୂର୍ଣ୍ଣ , ବିଲ୍ ସଂପୂର୍ଣ୍ଣ ଅଭିଯୋଗ

ପାରଳାଖେମୁଣ୍ଡି,୧୭ ।୬ (ନିପ୍ର): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ୍ ସରକାରୀ ଅର୍ଥରେ ଉନ୍ନୟନ କାର୍ଯ୍ୟ ନାମରେ ଦୁର୍ନୀତି ଓ ଅନିୟମିତତା ଅଭିଯୋଗର ଆଉ ଏକ ଚିନ୍ତାଜନକ ନମୁନା ସାମ୍ନାକୁ ଆସିଛି ଗଜପତି ଜିଲ୍ଲାର ଗୁମ୍ମା ବ୍ଲକ୍ରୁ। ବ୍ଲକ୍ କାର୍ଯ୍ୟାଳୟ ପରିସର ମଧ୍ୟରେ ପ୍ରାୟ ୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମାଣାଧୀନ ମଟର ସାଇକେଲ୍ ଷ୍ଟାଣ୍ଡ କାର୍ଯ୍ୟ ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇନଥିବା ବେଳେ, ଅଭିଯୋଗ ଉଠିଛି ଯେ ସମ୍ପୂର୍ଣ୍ଣ ବିଲ୍ ପୂର୍ବରୁ ଉଠାଯାଇସାରିଛି। ସ୍ଥାନୀୟ ଅଞ୍ଚଳବାସୀ ସନ୍ତୋଷ ପରିଚ୍ଛା, ମାର୍ଟିନ ପାଣି, ସାଧୁ ସୁନ୍ଦର ପାଣି, ରିହବିୟାମ ବଡ଼ରଇତ ଓ ନିରୋଜ ଷଡ଼ଙ୍ଗୀ ଅଭିଯୋଗ କରି କହିଛନ୍ତି ଯେ, ନିର୍ମାଣ କାମ ଏଯାବତ୍ ଅଧୁରା ଅବସ୍ଥାରେ ରହିଛି। ଷ୍ଟାଣ୍ଡରେ ଲଗାଯିବାକୁ ଥିବା ଟିଣ ଛାଦ ସମ୍ପୂର୍ଣ୍ଣ ଭାବେ ପକାଯାଇନଥିବା ବେଳେ, ଯେଉଁ ଉପକରଣ ବ୍ୟବହାର କରାଯାଇଛି ସେଗୁଡିକର ମାନ ନିମ୍ନସ୍ତରୀୟ ବୋଲି ଦେଖାଯାଉଛି। ଅଭିଯୋଗକାରୀଙ୍କ କହିବା ଅନୁସାରେ, ନିମ୍ନମାନର ସାମଗ୍ରୀ ବ୍ୟବହାର ହେତୁ ଲଗାଯାଇଥିବା ଟିଣ ମଧ୍ୟ ବଙ୍କା ହୋଇଯାଇଛି, ଯାହା କାମର ଗୁଣବତ୍ତା ଉପରେ ଗୁରୁତର ପ୍ରଶ୍ନ ଉଠାଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଫଳରେ ସରକାରୀ ଧନର ଅପବ୍ୟୟ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି କାର୍ଯ୍ୟଟି ବ୍ଲକ୍ କାର୍ଯ୍ୟାଳୟ ପରିସର ଭିତରେ ହେଉଥିବା ସତ୍ତ୍ୱେ, ସମସ୍ତଙ୍କ ଆଖି ଆଗରେ ଏପରି ଅନିୟମିତତା ଘଟୁଛି। ଏହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ଯଦି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଏଭଳି କାର୍ଯ୍ୟ ହୋଇପାରେ, ତେବେ ଦୁର୍ଗମ ଉପାନ୍ତ ଅଞ୍ଚଳରେ ଚାଲୁଥିବା କାର୍ଯ୍ୟ ଗୁଡ଼ିକର ସ୍ଥିତି କିଭଳି ଥିବ ଏଥିରୁ ଅନୁମେୟ କରାଯାଇ ପାରେ ଏହି ଅଭିଯୋଗ ସମ୍ପର୍କରେ ଗୁମ୍ମା ବ୍ଲକ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ଫୋନ୍ ମାଧ୍ୟମରେ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଉଭୟ ଫୋନ୍ ଉଠାଇନଥିଲେ। ଏବେ ପ୍ରଶ୍ନ ଉଠୁଛି ସରକାରୀ ଅର୍ଥରେ ହେଉଥିବା ଉନ୍ନୟନ କାର୍ଯ୍ୟରେ ଏପରି ଅନିୟମିତତା ପାଇଁ ଦାୟୀ କିଏ ? ଏବଂ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ହେବ ? ସ୍ଥାନୀୟ ଲୋକେ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

# ଶବ ସଂରକ୍ଷଣ ଗୃହରେ ଆଇସ ବକ୍ସ କାମ ଦେଉନଥିବା ନେଇ ଅସନ୍ତୋଷ

ପାରଳାଖେମୁଣ୍ଡି,୧୭ ।୬ (ନିପ୍ର): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ କେରାଣ୍ଡି ଗ୍ରାମର ଜଣେ ବ୍ୟକ୍ତି ମହେନ୍ଦ୍ରତନୟା ନଦୀ ବୁଡି ପ୍ରାଣ ହରାଇଥିବାର ଜଣାପଡିଛି । ସୂଚନା ପ୍ରକାରେ କେରାଣ୍ଡି ଗ୍ରାମର ସୁବାସ ଚନ୍ଦ୍ର ବରାଡ (୫୫) ନିୟମିତ ପାରଳାଖେମୁଣ୍ଡି ସହରରୁ ପନିପରିବା ବ୍ୟବସାୟ କରି ନିଜ ଗ୍ରାମକୁ ଫେରିଥାନ୍ତି । ହେଲେ ଆଜି ସେ ଦୀର୍ଘ ସମୟ ଧରି ତାଙ୍କ ଘରକୁ ଫେରି ନଥିବାରୁ ପରିବାର ଲୋକେ ଏବଂ ଗ୍ରାମବାସୀ ଖୋଜାଖୋଜି କରିଥିଲେ । ତେବେ ଖୋଜାଖୋଜି ସମୟରେ ଗାଁ ମୁହଁରେ ଥିବା ଥିବା ମହେନ୍ଦ୍ରତନୟା ନଦୀ ଘାଟରେ ତାଙ୍କର ସାଇକେଲ ଓ ପୋଷାକ ଥିବାର ଦେଖିବାକୁ ପାଇଥିଲେ । ଏହାପରେ ନଦୀରେ ବୁଡିଯାଇଥିବା ଅନୁମାନ କରି ନଦୀଗର୍ଭରେ ଖୋଜାଖୋଜି ଆରମ୍ଭ କରିବା ସହ ପାରଳାଖେମୁଣ୍ଡି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ତେବେ ଅଗ୍ନିଶମ ବିଭାଗ ପହଞ୍ଚିବା ପୂର୍ବରୁ ସୁବାସଙ୍କ ମୃତ ଦେହକୁ ଗ୍ରାମବାସୀ ମାନେ ଉଦ୍ଧାର କରିଥିବାର ଗ୍ରାମବାସୀ କହିଛନ୍ତି । ଘଟଣା ସମ୍ପର୍କରେ ଖବର ପାଇ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଛନ୍ତି । ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବାର ଥାନା ସୂତ୍ରରୁ ପ୍ରକାଶ । ଅନ୍ୟପକ୍ଷରେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶବାଗାରରେ ଶବ ସଂରକ୍ଷଣ ଗୃହର ଆଇସ ବକ୍ସ କାମ କରୁନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ ଖବର ନେବାରେ ଜଣାଯାଇଛି ଯେ ଏଠାକାର ଶବ ସଂରକ୍ଷଣ ପାଇଁ ଥିବା ଆଇସ୍ ବକ୍ସ ତିନିମାସ ହେଲା ସଠିକ୍ ଭାବେ କାର୍ଯ୍ୟକ୍ଷମ ହେଉନାହିଁ।

# ବସୁମତୀ ସ୍ନାନ ସହିତ ସରିଲା ରଜ ପର୍ବ

ରାଉରକେଲା,୧୭ ।୬ (ନିପ୍ର): ଓଡିଆ ସଂସ୍କୃତି ଓ ପରମ୍ପରାର ପର୍ବ ରଜର ଚତୁର୍ଥ ଦିନରେ ବସୁମତୀ ସ୍ନାନ ସହିତ ଶେଷ ହେଲା ରଜପର୍ବ। ଏହି ଅବସରରେ ଆଜି ସିଭିଲ୍ ଟାଉନ୍ ସିପ୍ ସ୍ଥିତ ମା ଇନ୍ଦିରା ମହିଳା ସମିତିର ସମସ୍ତ ସଦସ୍ୟାମାନେ ସଭାପତି ପୁଷ୍ପା ଲେଙ୍କାଙ୍କ ଅଧ୍ୟକ୍ଷତାରେ ବସୁମତୀ ସ୍ନାନ କରିବା ପାଇଁ ପିଢା, ଶିଳପୁଆ, ଲୁହାର କଟୁରୀ ପ୍ରଭୃତି ରଖି ହଳଦୀ ପାଣିରେ ସେସବୁକୁ ସ୍ନାନ କରାଇବା ପରେ ଚନ୍ଦନ, ସିନ୍ଦୂର, ହଳଦୀ ଲଗାଇ ବସୁମାତା ଅର୍ଥାତ୍ ପୃଥିବୀ ମାତାଙ୍କୁ ସ୍ନାନ କରାଯାଇଥିଲା। ସ୍ନାନ ପରେ ଫୁଲ, ଦୀପ, ଧୂପ ପ୍ରଜ୍ୱଳନ କରାଯାଇ ପିଠା ଭୋଗ ସ୍ୱରୂପ ଅର୍ପଣ କରାଯାଇଥିଲା। ବସୁମତୀ



ସ୍ନାନ ପୂଜାର୍ଚ୍ଚନାରେ ସହଯୋଗ କରି ସଞ୍ଜୁଲତା ଦାସ, ଲୀଳାବତୀ ସାହୁ, ସସ୍ମିତା ମହାନ୍ତି, ପ୍ରଭାତୀ ପରିଡା, ସୁଜାତା ପ୍ରଧାନ, ଇତି ଯେନା, ଅନୁରୂପା, ପୂଜା ନାୟକ ପ୍ରମୁଖ ବସୁମାତାଙ୍କୁ ପୃଥିବୀରୁ ଦୁଃଖ ଦୂର ପୂର୍ବକ, ପୃଥିବୀ ଶସ୍ୟ ଶ୍ୟାମଳାରେ ଭରପୂର ହେବା ସହିତ ମା ଇନ୍ଦିରା ମହିଳା ସମିତିକୁ ଜନହିତକର କାର୍ଯ୍ୟ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରିଥିଲେ।

# ଡିପୁପଡ଼ାରେ ଦୁଗ୍ଧ ସମବାୟ ସମିତିର ବୈଠକ

## ସମସ୍ୟା ସମାଧାନ ହେବା ସହ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରଖାଯିବ

କୁଚିଣ୍ଡା,୧୭ ।୬ (ନିପ୍ର); ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ଡିପୁପଡା ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଅଧୀନସ୍ଥ ୨୭ ଗୋଟି ଦୁଗ୍ଧ ସମବାୟ ସମିତି ପକ୍ଷରୁ ବିଭିନ୍ନ ସମସ୍ୟାକୁ ନେଇ ଜୁଲାଇ ୧ ତାରିଖରୁ ଦୁଗ୍ଧ ଯୋଗାଣ ବନ୍ଦ ରଖିବାକୁ ଚେତାବନୀ ଦିଆଯାଇଥିଲା। ଏନେଇ ସମ୍ବଲପୁର ସମଲେଶ୍ୱରୀ ଦୁଗ୍ଧ ଉତ୍ପାଦକ ସମବାୟ ସଂଘର ଆହ୍ୱାନ କ୍ରମେ ମଙ୍ଗଳବାର ଡିପୁପଡା ଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସମଲେଶ୍ୱରୀ ଦୁଗ୍ଧ ଉତ୍ପାଦକ ସମବାୟ ସଂଘର ଅତିରିକ୍ତ ସାଧାରଣ ପରିଚାଳକ ସଞ୍ଜିବ କୁମାର ଶତପଥୀ ଏଥିରେ ଅଧକ୍ଷତା କରି ସମବାୟ ସମିତି ପକ୍ଷରୁ ଦିଆଯାଇଥିବା ଅଭିଯୋଗ ଓ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଏହା ଉପରେ ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ସଭାପତି ଓ ସମ୍ପାଦକମାନଙ୍କ ସହ ସିଧାସଳଖ ଆଲୋଚନା କରି ଖୁବଶୀଘ୍ର ଏହାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଚେକ ସାଇନ୍ ଏକ ମୁଖ୍ୟ ସମସ୍ୟା ଯୋଗୁଁ ସମିତି ପରିଚାଳନା କରୁଥିବା



ସମ୍ପାଦକମାନେ ଚାଷୀଙ୍କ ରୋଷର ଶିକାର ହେଉଥିବା ସମ୍ପର୍କରେ ଆଲୋଚନା କରି ଶ୍ରୀ ଶତପଥୀ କହିଥିଲେ ମୁଖ୍ୟତଃ ସମନ୍ୱୟ ଅଭାବ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି। ତେଣୁ ଆଗାମୀ ଦିନରେ ସମିତିର ସୁପରିଚାଳନା ଦିଗରେ ଯଥେଷ୍ଟ ଗୁରୁତ୍ୱ ଦେବାସହ ଦୁଗ୍ଧ ଯୋଗାଣ ଅବ୍ୟାହତ ରଖିବାକୁ ଅନୁରୋଧ କରିଥିଲେ। ଉପସ୍ଥିତ ସମିତିର ସଭାପତି ଓ ସମ୍ପାଦକ ମାନେ ଏହାରି ଉପରେ ଆଲୋଚନା କରି ଜୁଲାଇ ୧ ତାରିଖରୁ ହେବାକୁ ଥିବା ଦୁଗ୍ଧ ଯୋଗାଣ ବନ୍ଦ ନିଷ୍ପତ୍ତିକୁ ପ୍ରତ୍ୟାହୃତ କରିଥିଲେ । ଅନ୍ୟ ପକ୍ଷରେ ଡିପୁପଡା ଦୁଗ୍ଧ ମାର୍ଗର ପ୍ରଗତି ସମ୍ପର୍କରେ ଆଲୋଚନା କରି ଉନ୍ନତମାନର ଦୁଗ୍ଧ ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ସମ୍ବଲପୁର ସମଲେଶ୍ୱରୀ ଦୁଗ୍ଧ ଉତ୍ପାଦକ ସଂଘର ଅର୍ଥନୈତିକ ବିଭାଗ ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ଦେବତା, ବକ୍ସମା ଦୁଗ୍ଧ ଶୀତଳୀକରଣ କେନ୍ଦ୍ରର ଭାରପ୍ରାପ୍ତ ଅଞ୍ଚଳ ଅଧିକାରୀ ସରୋଜିନୀ ବାରିକ,ଡିପୁପଡା ଦୁଗ୍ଧମାର୍ଗ କ୍ଷେତ୍ର ପରିଦର୍ଶକ ମାନସ ରଞ୍ଜନ ସାହୁ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିପୁପଡା,କୁର୍ମିମୁଣ୍ଡା, ଗନମୁଣ୍ଡା, ସାନଜଟିଆପାଲି,ପାରୁଆଭାଡି, ରାମତିଲେଇମାଲ, ଗୋଛରା, କହ୍ଲେଇପାଲି, ଲଇଗୁରା, ବାଙ୍କେ, ଲଇଡାଗୁଣା, କର୍ଡାଖମଣ, (କୁ) ଜମନକିରା, ପାଣ୍ଡିଆଡିପା, କୁସମନାଲି, କୁନ୍ତରା, ଆଠଗାଁ ଛକ, ଜାମଡିପା, ବମଲେଇକେଲା,ଡୁରେଇ, ଝଗଡାଡିରିଆ, ବେଲମୁଣ୍ଡା, ଟାଙ୍ଗରପାଲି, ସର୍ଗିଡିହି, ଜରାବଗା, କେଶାଇବାହାଲ, ଚାରମାଲ ଆଦି ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ସଭାପତି ଓ ସମ୍ପାଦକ ମାନେ ଯୋଗ ଦେଇଥିଲେ। ଶେଷରେ ଦୁଗ୍ଧ ଚାଷୀ ବିରଞ୍ଚି ନାରାୟଣ ଦର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଓପିଏସସିର କୃତିତ୍ୱ ଅର୍ଜନ କରିଥିବା ଦୁଇ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

କେସିଙ୍ଗା,୧୭/୬ (ନିପ୍ର) କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହରର ଦୁଇ ଜଣ କୃତୀ ଓପିଏସସି ଉତ୍ତୀର୍ଣ୍ଣ ପ୍ରାର୍ଥୀଙ୍କୁ ବୃନ୍ଦାବନ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ନୂତନ ସଭାଗୃହରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଛି। ଏହି ଅବସରରେ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରାର୍ଥୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ଭାବେ କେସିଙ୍ଗା ଏନଏସି ଅଧକ୍ଷ ନୃପରାଜ ଯାଦବ, ବୃନ୍ଦାବନ ସଂସ୍କୃତି ଅନୁଷ୍ଠାନର ସଭାପତି ସୁଶାନ୍ତ ମହାପାତ୍ର ଓ ସମ୍ପାଦକ ଅକ୍ଷୟ କୁମାର ଦାସ ଉପସ୍ଥିତ ଥିଲେ। ଓପିଏସସି ପରୀକ୍ଷାରେ ୪ର୍ଥ ସ୍ଥାନ ହାସଲ କରିଥିବା କନକ ଜୈନ ଏବଂ ୧୧୩ତମ ସ୍ଥାନରେ ସଫଳତା ଅର୍ଜନ କରିଥିବା ସଙ୍ଗୀତା ସେଠୀଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

# ୫ଟି ୱାର୍ଡରୁ ପାଣି ମିଟର ଚୋରି !

ଖଣ୍ଡପଡ଼ା,୧୭ ।୬ (ନିପ୍ର): ଖଣ୍ଡପଡ଼ା ସହରର ୫ ଟି ୱାର୍ଡରୁ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବାସଗୃହକୁ ପାନୀୟ ଜଳ ଯୋଗାଣ ନିମନ୍ତେ ସଂଯୋଗ ହୋଇଥିବା ପାଇପରେ ଲାଗିଥିବା ନୀଳ ରଙ୍ଗର ମିଟର ଗୁଡିକ ଚୋରି କରି ନେଇଥିବା ଜଣାପଡିଛି। ଫଳରେ ମଙ୍ଗଳବାର ସକାଳେ ପାନୀୟଜଳ ଯୋଗାଣ ସମୟରେ ଏକାଧିକ ପରିବାରବର୍ଗ ପାଇପ ଲାଇନ ଯୋଗେ ପାନୀୟଜଳ ମୁନ୍ଦାଏ ପାଇବାରୁ ବଞ୍ଚିତ ହୋଇ ଅସୁବିଧାର ସମ୍ମୁଖୀନ ହୋଇଥିବା ଜଣାପଡିଛି ।ଦୁର୍ବୃତ୍ତମାନେ ସଂଘବଦ୍ଧ ଭାବେ ଖଣ୍ଡପଡ଼ା ସହରର ୧, ୨, ୩, ୪, ୭, ୮, ୯ ନଂ ୱାର୍ଡ ଅଧୀନ ୩୯ ଟି ସ୍ଥାନରୁ ପାଣି ପାଇପ କାଟି ମିଟର ଗୁଡିକ ଚୋରି କରି ନେଇଥିବା ସଂପର୍କରେ ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ତ୍ରିଲୋଚନ ବେହେରା ଖଣ୍ଡପଡ଼ା ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି ।ଖଣ୍ଡପଡ଼ା ଥାନାଧିକାରୀ ଏ ଦିଗରେ ଦୃଷ୍ଟି ଦେଇ ଘଟଣାର ଖୋଳତାଡ କରିବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି। ପ୍ରକାଶଥାଉକି ବିଳମ୍ବିତ ରାତିରେ ନିଶାଖୋର ଅବସ୍ଥାରେ ଏଣେତେଣେ ଘୂରି ବୁଲୁଥିବା ଅସାମାଜିକ ଯୁବକମାନେ ଏଭଳି କାଣ୍ଡ ଘଟାଇ ପାରିଥାନ୍ତି ବୋଲି ଏବେ ସହର ସାରା ଚର୍ଚ୍ଚା ହେଉଛି ।ତେଣୁ ଏଥିପ୍ରତି ପୁଲିସ ପ୍ରଶାସନ ଦୃଷ୍ଟି ଦେବା ସହ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଘଟଣାର ଖୋଳତାଡ କରିବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି ।ଚୋରି ହୋଇଥିବା ପାଣି ମିଟର ଗୁଡିକର ଆନୁମାନିକ ମୂଲ୍ୟ ୧.୨୫ ଲକ୍ଷ ଟଙ୍କା ହେବ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

# ମନରେଗାରେ ନାଳ ସଂସ୍କାର ନେଇ ଅନିୟମିତତା ଅଭିଯୋଗ

ଧାମନଗର,୧୭ ।୬ (ନିପ୍ର): ଧାମନଗର ବ୍ଲକ ବୟାଙ୍ଗଡିହି ପଞ୍ଚାୟତର ଗୋଠିଣା ବିଲ୍ ମଝିରେ ଥିବା ହାଲୋଗଣ୍ଡା-ମହାରା ମାଟି ନାଳର ପୁନରୁଦ୍ଧାର କାର୍ଯ୍ୟକୁ ନେଇ ସ୍ଥାନୀୟ ଚାଷୀ ଓ ଗ୍ରାମବାସୀଙ୍କ ପକ୍ଷରୁ ଅନିୟମିତତା ଅଭିଯୋଗ ଉଠିଛି।

ଏନେଇ ଗ୍ରାମବାସୀ ଧାମନଗର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ମନରେଗା ଯୋଜନା ଅଧୀନରେ ଗୋଠିଣାଠାରୁ ହାଲୋଗଣ୍ଡା-ମହାରା ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ଲମ୍ବ ବିଶିଷ୍ଟ ମାଟି ନାଳର ପୁନରୁଦ୍ଧାର କାର୍ଯ୍ୟ ଚଳିତ ବର୍ଷ ଫେବୃଆରୀ ୪ରୁ ୧୦ ତାରିଖ ମଧ୍ୟରେ ସମ୍ପନ୍ନ ହୋଇଥିବା ମଷ୍ଟର ରୋଲ୍ ନଂ-୧୧୩୬୨ରେ ଦର୍ଶାଯାଇଛି। ଏଥିପାଇଁ ୫ ଲକ୍ଷ ୫୦ ହଜାର ଟଙ୍କାରୁ ଅଧିକ ଅର୍ଥ ବ୍ୟୟ ହୋଇଥିବା ମଧ୍ୟ ରେକର୍ଡରେ ଉଲ୍ଲେଖ ରହିଛି। ତେବେ ଅଭିଯୋଗକାରୀ ଚାଷୀମାନଙ୍କ କହିବା ଅନୁଯାୟୀ, ନାଳରେ ଆବଶ୍ୟକୀୟ ସଫେଇ ଓ ଖନନ କାର୍ଯ୍ୟ ହୋଇନଥିବାରୁ ବର୍ତ୍ତମାନ ମଧ୍ୟ ଏହା ବିଭିନ୍ନ ସ୍ଥାନରେ ଜଙ୍ଗଲ ରେ ଭରି ରହିଛି।

ଫଳରେ ଆଗାମୀ ବର୍ଷା ଋତୁରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇ ଚାଷଜମି ଜଳମଗ୍ନ ହେବା ସହ ଫସଲ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଥିବା ସେମାନେ ଦାବି କରିଛନ୍ତି। ସ୍ଥାନୀୟ ଚାଷୀମାନଙ୍କ ମତରେ, ଏହି ନାଳ ଉପରେ ଜାହାଙ୍ଗିର, ପୁରୁଷୋତ୍ତମପୁର, କଣ୍ଟିଦୋଳ, ବିରୁହାଁ, ପାଟୁଳି, ଫଳପୁର, ବାଘୁଆରୀ, ଆମ୍ବିଳିଗାଁ, ଗୋଠିଣା, ଭଉଁରିଆବାଙ୍କ ଓ ଷୋଳଗାଁ ସମେତ ବହୁ ମୌଜାର ପ୍ରାୟ ୪ ହଜାର ଏକର ଚାଷଜମିର ଜଳ ନିଷ୍କାସନ ଓ ସେଚନ ବ୍ୟବସ୍ଥା ନିର୍ଭର କରିଥାଏ। ତେଣୁ ପ୍ରକଳ୍ପର କାର୍ଯ୍ୟକାରିତା ଓ ବ୍ୟୟ ସମ୍ପର୍କରେ ସଠିକ୍ ତଦନ୍ତ କରାଯାଇ ପ୍ରକୃତ ସ୍ଥିତି ସାମ୍ନାକୁ ଆଣିବାକୁ ସେମାନେ ଦାବି କରିଛନ୍ତି। ତେବେ ଏହି କାର୍ଯ୍ୟ ୨୦୨୫ - ୨୦୨୬ ବର୍ଷ ରେ କାର୍ଯ୍ୟ ହୋଇଥିଲା ସେତେବେଳେ କନିଷ୍ଠ ଯନ୍ତ୍ରୀଙ୍କ ବଦଳି ହୋଇ ଥିଲା ।ପରେ ଯନ୍ତ୍ରୀ ପ୍ରଭାତ ବେହେରା ଉକ୍ତ କାର୍ଯ୍ୟ ର ୨ ଲକ୍ଷ ୪୦ ହଜାର ବିଲ୍ କରିଥିଲେ। ତେବେ ପୁରୁଣା କାମରେ ବିଲ୍ ହୋଇଛି । ଏଥିରେ କୌଣସି ଅନିୟମିତତା ହୋଇ ନାହିଁବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ କହିଛନ୍ତି ।ତେବେ ଘଟଣାର ତଦନ୍ତ କରାଯିବ ବୋଲି ବିଡିଓ ବନବିହାରୀ ଦୀନ୍ଧା କହିଛନ୍ତି।

# ବେଆଇନ ମଦ କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ

ପାରଳାଖେମୁଣ୍ଡି,୧୭ ।୬ (ନିପ୍ର); ଗଜପତି ପୋଲିସ ପକ୍ଷରୁ ଦୈନିକ ମାର୍କେଟ କ୍ୟାବିନ୍, ରୋଡ୍ ଏବଂ କେଉଟ ସାହିର ଏକ ବାସଭବନରେ ଏକ ସମୟରେ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉ ସମୟରେ ୧୨ଟି ଜରି ବସ୍ତାର ୧,୨୫୦ଟି ପାଉଚ୍‌ରେ ଥିବା ମୋଟ ୨୫୦ ଲିଟର ବେଆଇନ ମଦ ସହିତ ନଗଦ ୧,୦୨୦ ଟଙ୍କା ଜବତ କରାଯାଇଛି । ଏହି ଘଟଣାରେ ସଂପୃକ୍ତ ଥିବା ତିନିଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି, ସେମାନେ ହେଲେ ଖଞ୍ଜା ମାଦିଗା ସାହିର ପୋଲାକି କ୍ରିଷ୍ଣା , ଏରଡେଲା ସାହିର ପିତୁଗୁ ଦିଲେଶ୍ୱର ରାଓ ଏବଂ କେଉଟ ସାହିର ଜେନା ଶଙ୍କର ।

# ଆମ୍ ଆଦମୀ ପାର୍ଟିରେ ଯୋଗଦେଲେ କଂଗ୍ରେସ ନେତା

ରାୟଗଡା,୧୭ ।୬ (ନିପ୍ର): ଆମ୍ ଆଦମୀ ପାର୍ଟିର ସଦସ୍ୟତା ସଂଗ୍ରହ ଏବଂ ସମୀକ୍ଷା ବୈଠକ।୧୧ ଜଣ କଂଗ୍ରେସ ନେତାଙ୍କ ପାର୍ଟିରେ ଯୋଗଦାନ। ରାୟଗଡା ସହର ସ୍ଥିତ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆମ୍ ଆଦମୀ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଆମ୍ ଆଦମୀ ପାର୍ଟିର ଓଡ଼ିଶା ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର, ରାଜ୍ୟ ସଂଗଠନ(ସମ୍ପାଦକ)ପ୍ରବକ୍ତା ଓଡିଶା, ସଭାପତି, ରାୟଗଡା ଜନ୍ମେଜୟ ସ୍ୱାଇଁ, ଗୁରୁ ପ୍ରସାଦ ସାହୁ ଓ ଅନ୍ୟ କାର୍ଯ୍ୟକାରୀ ସଦସ୍ୟ ମାନେ ଯୋଗଦାନ କରିଥିଲେ। ଆମ୍ ଆଦମୀ ପାର୍ଟୀର ରାଜ୍ୟ ସଭାପତି ଶ୍ରୀ ମହାପାତ୍ର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ସାମ୍ବାଦିକଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ସଦସ୍ୟତା ସଂଗ୍ରହ ଏବଂ ଜିଲ୍ଲାରେ ଦଳର ନେତା ଓ କର୍ମୀ ମାନେ ସଂଗଠନକୁ ସୁଦୃଢ଼ କରିବା ପାଇଁ କଣ କଣ ପଦକ୍ଷେପ ଗ୍ରହଣ କରିବେ, ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳ ସ୍ତରରୁ ସାଙ୍ଗଠନିକ କାର୍ଯ୍ୟରେ ଲୋକଙ୍କୁ ସଙ୍ଗରେ ନେଇ କାର୍ଯ୍ୟ କରିବା ସହ ଗ୍ରାମାଞ୍ଚଳରେ ଲୋକଙ୍କ କି କି ମୌଳିକ ସମସ୍ୟା ରହିଛି,ସେ ସବୁର ଅନୁଧ୍ୟାନ କରିବା ସହ ଲୋକ ସମ୍ପର୍କକୁ ମଜବୁତ କରିବା ଏବଂ ଦଳକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଲୋକଙ୍କ ସହାଭାଗିତାରେ ସମସ୍ୟାକୁ ଜିଲ୍ଲା ପ୍ରଶାସନ ତଥା ସରକାରଙ୍କୁ ଅବଗତ କରାଇ ସେ ଗୁଡିକର ସମାଧାନ ପାଇଁ ଉଦ୍ୟମ କରିବା, ଗ୍ରାମାଞ୍ଚଳରେ ଲୋକେ ଯେ ପରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ,ଭତ୍ତା, ରାସ୍ତା, ଗମନାଗମନର ଅତ୍ୟାବଶ୍ୟକ ସୁବିଧାରୁ ପାଇପାରିବେ ସେ ଦିଗରେ କାର୍ଯ୍ୟ କରିବା ମୂଳଲକ୍ଷ୍ୟ ନେଇ ମୁଖ୍ୟତଃ ଆଜିର ଏହି କାର୍ଯ୍ୟକ୍ରମ ଆୟୋଜନର ମୂଳଲକ୍ଷ୍ୟ ବୋଲି କହିଥିଲେ। ଆଜି ରାଜ୍ୟରେ ମୋହନ ମାଝିଙ୍କ ମୁଖ୍ୟମନ୍ତ୍ରିତ୍ୱରେ ଶାସନ କରୁଥିବା ବିଜେପି ସରକାର ନାରୀ ସୁରକ୍ଷା, ନାରୀ ଶସକ୍ତିକରଣ, ମହିଳାଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ଦିଗରେ ଅନେକ କଥା କହି ଆସୁଥିବା ବେଳେ ଓଡ଼ିଶାରେ ମହିଳାମାନଙ୍କୁ ସୁରକ୍ଷା, ସମ୍ମାନ ଦେବାରେ ରାଜ୍ୟ ବିଜେପି ସରକାର ସମ୍ପୂର୍ଣ୍ଣ ଭାବେ ବିଫଳ ବୋଲି କହିଥିଲେ।

# ନୂଆ ସରକାର ଗଠନକୁ ଦୁଇବର୍ଷ ପୂରିଛି,ଗଜପତିର ବିକାଶ ପ୍ରତିଶ୍ରୁତିରେ ସୀମିତ

ପାରଳାଖେମୁଣ୍ଡି,୧୭ ।୬ (ନିପ୍ର): ରାଜ୍ୟରେ ନୂଆ ସରକାର ଗଠନକୁ ଦୁଇବର୍ଷ ପୂରିଛି। ହେଲେ ଗଜପତି ଜିଲ୍ଲାରେ ବିକାଶ ଆଜି ବି ପ୍ରସ୍ତାବ ଓ ପ୍ରତିଶ୍ରୁତିରେ ସୀମିତ ହୋଇ ରହିଛି। ସରକାର ପରିବର୍ତ୍ତନ ପରେ ଜିଲ୍ଲାବାସୀଙ୍କ ଆଶା ଥିଲା ଯେ ଦୀର୍ଘଦିନର ଦାବିଗୁଡ଼ିକ ପୂରଣ ହେବ ମେଡିକାଲ କଲେଜ, ଶିଳ୍ପ ପ୍ରତିଷ୍ଠା, ରୋଜଗାର ସୃଷ୍ଟି, ରେଳ ଓ ସଡ଼କ ଭିତ୍ତିଭୂମିର ବିକାଶ ଭଳି ପ୍ରସଙ୍ଗରେ ନୂଆ ପଦକ୍ଷେପ ନିଆଯିବ ହେଲେ ତାହା କେବଳ ଆଶାରେ ହିଁ ରହିଗଲା ଶତାବ୍ଦୀ ପୁରୁଣା ଏସକେସିଜି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା, ଗଜପତି ଭଳି ପଛୁଆ ଜିଲ୍ଲାରେ ଏକ ମେଡିକାଲ କଲେଜ ସ୍ଥାପନ, ପାରଳାଖେମୁଣ୍ଡି ସହରର ମୁଖ୍ୟରାସ୍ତା ଓ ବାଇପାସ୍ ରାସ୍ତା ନିର୍ମାଣ ଏବଂ ମହାରାଜଙ୍କ ନାମରେ ଯୋଜନା କାର୍ଯ୍ୟକାରୀ କରାଇବା ଜିଲ୍ଲାର ପ୍ରମୁଖ ଦାବି ଥିଲା। ହେଲେ, ଏହି ଦାବି ମଧ୍ୟରୁ ଗୋଟିଏ ବି ପୂରଣ ହେଲାନାହିଁ । ଦୁଇ ବର୍ଷ ମଧ୍ୟରେ ଜିଲ୍ଲା ପାଇଁ କୌଣସି ବଡ଼ ନୂଆ ପ୍ରକଳ୍ପ ଘୋଷଣା ହେଲା ନାହିଁ । ବରଂ ପୂର୍ବରୁ ଅନୁମୋଦିତ ଅନେକ ପ୍ରକଳ୍ପ ଏବେ ମଧ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଲା । ପାରଳା ସହରର ମୁଖ୍ୟସଡ଼କ ନିର୍ମାଣ କାମ ବର୍ଷ ବର୍ଷ ଧରି ଚାଲିଥିଲେ ମଧ୍ୟ ଶେଷ ହେଲାନାହିଁ। ବାଇପାସ୍ ରାସ୍ତା ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ କାମ ଆଗକୁ ବଢ଼ିଲା ନାହିଁ ବରଂ ସହରରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ବଢ଼ିଚାଲିଲା ଅନ୍ୟପଟେ ବେକାରୀ, ଦାଦନ ସମସ୍ୟା, ସ୍ୱାସ୍ଥ୍ୟସେବାର ଅଭାବ, ଶିଳ୍ପ ପ୍ରତିଷ୍ଠାନ ଓ ପର୍ଯ୍ୟଟନକ୍ଷେତ୍ର ପୂର୍ବ ଭଳି ଅବହେଳିତ ହୋଇରହିଛି । ସମୃଦ୍ଧି ପାଇଁ ଭିତ୍ତଭୂମି ଥିଲେ ମଧ୍ୟ କୌଣସି କ୍ଷେତ୍ରରେ ବିକାଶ ହୋଇ ପାରିଲା ନାହିଁ। ଜିଲ୍ଲାରେ ଶିଳ୍ପର ଅଭାବ ଯୋଗୁଁ ଉଚ୍ଚଶିକ୍ଷା ପରେ ହଜାର ହଜାର ଯୁବକଯୁବତୀ ଚାକିରି ସନ୍ଧାନରେ ଜିଲ୍ଲା ତଥା ରାଜ୍ୟ ବାହାରକୁ ଯାଉଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ସ୍ଥିତି ଚିନ୍ତାଜନକ ଉନ୍ନତ ଚିକିତ୍ସା ପାଇଁ ପାଇଁ ପଡ଼ୋଶୀ ରାଜ୍ୟ ଉପରେ ଏଠିକାର ଅଧିବାସୀ ନିର୍ଭରଶୀଳ। ସବୁ ସ୍ୱପ୍ନ ଅଧୁରା ରହିଗଲା ବୋଲି ବିଜେଡି ସଭାପତି ପଦୀପ ନାୟକ ପ୍ରକାଶ କରିଛନ୍ତି । ତେବେ, ପୂର୍ବତନ ବିଧାୟକ ତଥା ବିଜେପି ରାଜ୍ୟ ଉପସଭାପତି କେ.ନାରାୟଣ ରାଓ, ସହରବାସୀଙ୍କ ଦୀର୍ଘ ବର୍ଷର ଦାବି ଶୀଘ୍ର ପୂରଣ ହେବ ବୋଲି ଜୋର୍ ଦେଇ କହିଛନ୍ତି।

CMYK

## ଇ-ରିକ୍ସାକୁ ଧକ୍କା ଦେଲା ଟ୍ରାକ୍ଟର , ୬ ମହିଳା ମୃତ



ଲକ୍ଷ୍ନୌ, ୧୭।୬: ଉତ୍ତରପ୍ରଦେଶର ବଦାଉଁରେ ଆଜି ଏକ ଇ-ରିକ୍ସାକୁ ଟ୍ରାକ୍ଟର ଧକ୍କା ଦେବାରୁ ୬ ଜଣ ମହିଳାଙ୍କର ମୃତ୍ୟୁ ହୋଇଯାଇଛି। ଘଟଣା ଘଟିବା ସମୟରେ ଇ-ରିକ୍ସାରେ ୯ ଜଣ ଥିଲେ ଏବଂ ସେମାନେ ସମସ୍ତେ ଏକ ବିବାହ ଉତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଯାଉଥିଲେ। ଜିଲ୍ଲାପାଳ ଅବନୀଶ ରାୟ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଇ-ରିକ୍ସା ଡ୍ରାଇଭର ଅନ୍ୟ ଏକ ଗାଡ଼ିକୁ ଅତିକ୍ରମ କରିବାକୁ ଉଦ୍ୟମ କରିବା ସମୟରେ ବିପରୀତ ପାର୍ଶ୍ୱରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରାକ୍ଟର ସହ ଧକ୍କା ହୋଇଥିଲା। ଏହି ଘଟଣାରେ ମୃତ ମହିଳାମାନଙ୍କୁ ଚିହ୍ନଟ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉକ୍ତ ଘଟଣାରେ ଶୋକ ପ୍ରକାଶ କରିଛନ୍ତି।

## ସାରା ବିଶ୍ୱର ପିଲାଙ୍କ ପାଇଁ ଜଳବାୟୁ ବିପଦ

ନୂଆଦିଲ୍ଲୀ, ୧୭।୬: ବିଶ୍ୱର ଅଧା ଶିଶୁ ଘୋର ଜଳବାୟୁ ସଙ୍କଟର ସାମ୍ନା କରୁଛନ୍ତି। ସେଥିରେ ଗ୍ରୀଷ୍ମ ପ୍ରବାହ, ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ବିପଦ ସାମିଲ ଅଛି। ଏସବୁ ଏକାଧିକ ବିପଦ ଯୋଗୁ ଭାରତ ସମେତ ସମଗ୍ର ବିଶ୍ୱରେ ୧୦୦ କୋଟିରୁ ଅଧିକ ଶିଶୁ ପ୍ରଭାବିତ ହୋଇଛନ୍ତି । ଯାହା ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନ ଧାରଣ ଉପରେ ଗଭୀର ପ୍ରଭାବ ପକାଇଛି ବୋଲି ୟୁନିସେଫ୍ ପକ୍ଷରୁ ପ୍ରକାଶିତ ଚିଲଡ୍ରେନ୍ କ୍ଲାଇମେଟ ରିସ୍କ ରିପୋର୍ଟ ୨୦୨୬ରେ କୁହାଯାଇଛି । ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱର ଅଧା ପିଲା ଜଳବାୟୁ ସଙ୍କଟ ଯୋଗୁ ସୃଷ୍ଟ ୩ଟି ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଛନ୍ତି । ବିଶେଷକରି ବର୍ତ୍ତମାନ ବୃଦ୍ଧି ପାଉଥିବା ଗ୍ରୀଷ୍ମପ୍ରବାହ, ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ସମସ୍ୟା ସେମାନଙ୍କୁ ଅଧିକ ପ୍ରଭାବିତ କରୁଛି । ତେବେ ମରୁଡ଼ି ଯୋଗୁ ୧୮୦ କୋଟି ଶିଶୁ ପ୍ରଭାବିତ ହୋଇଛନ୍ତି । ଗ୍ରୀଷ୍ମ ପ୍ରବାହ ଯୋଗୁ ୧୫୦ କୋଟି, ତାପମାତ୍ରା ବୃଦ୍ଧି ଯୋଗୁ ୧୨୦ କୋଟି ଶିଶୁ ପ୍ରଭାବିତ। ବାୟୁ ପ୍ରଦୂଷଣ ଯୋଗୁ ୨୩୦ କୋଟି,ଜଙ୍ଗଲ ନିଆଁ ଯୋଗୁ ୨୦.୬ କୋଟି। ଧୂଳିଝଡ ଯୋଗୁ ୧୨.୩ କୋଟି, ବାତ୍ୟା ଯୋଗୁ ୬୬.୨ କୋଟି ଯୋଗୁଁ ପ୍ରଭାବିତ। ବନ୍ୟା ଯୋଗୁ ୩୩.୭ କୋଟି ଏବଂ ଉପକୂଳ ବନ୍ୟା ଯୋଗୁ ୩୩ ଲକ୍ଷ ପ୍ରଭାବିତ। ବିଶ୍ୱର ପ୍ରାୟ ସବୁ ପିଲା ବାୟୁ ପ୍ରଦୂଷଣ ଯୋଗୁ ପ୍ରଭାବିତ ହୋଇଛନ୍ତି। ୧୦୦ କୋଟିରୁ ଅଧିକ ପିଲା ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ରହୁଛନ୍ତି । ଜଳବାୟୁ ବିପଦ ସହ ମ୍ୟାଲେରିଆ ଯୋଗୁ ସେମାନେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଭାରତ, ବାଂଲାଦେଶ, ଓ ପାକିସ୍ତାନ ଭଳି ଦେଶରେ ପିଲା ଅଧିକ ବିପଦର ସାମ୍ନା କରୁଛନ୍ତି । ଅଧିକ ଆୟ କରୁଥିବା ଦେଶ ମଧ୍ୟ ଜଳବାୟୁ ସହ ଜଡିତ ଏକାଧିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି।

## ରାୟପୁରରେ ଏୟାର ଇଣ୍ଡିଆ ବିମାନ ସହ ପକ୍ଷୀ ଧକ୍କା

ନୂଆଦିଲ୍ଲୀ, ୧୭।୬: ଦିଲ୍ଲୀରୁ ଯାତ୍ରୀମାନଙ୍କୁ ନେଇ ଆସୁଥିବା ଏୟାର ଇଣ୍ଡିଆ ଏକ ବିମାନ ବୁଧବାର ସକାଳେ ଛତିଶଗଡର ରାୟପୁର ବିମାନବନ୍ଦରରେ ଅବତରଣ କରୁଥିବା ସମୟରେ ଏକ ପକ୍ଷୀ ସହ ଧକ୍କା ହୋଇଥିଲା। କିନ୍ତୁ ଭାଗ୍ୟବଶତଃ ବିମାନଟି ପ୍ରୋଟୋକୋଲ ଅନୁଯାୟୀ, ସୁରକ୍ଷିତ ଅବତରଣ କରିଛି ଏବଂ ବିମାନର ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ରାୟପୁର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ଦୁର୍ଘଟଣା ପରେ ଏୟାରଲାଇନ୍ସ ପକ୍ଷରୁ ନିର୍ଦ୍ଧାରିତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସେସିଡ୍ୟୁର ଆଧାରରେ ବିମାନର ସମସ୍ତ ବୈଷୟିକ ଯାଞ୍ଚ କରାଯାଇଥିଲା । ବିମାନର କୌଣସି ବଡ ଧରଣର କ୍ଷତି ହୋଇନଥିବା ସ୍ପଷ୍ଟ ହେବା ଏବଂ ଏୟାର ଓ୍ୱର୍ଦ୍ଧିନେସ ପ୍ରମାଣପତ୍ର ମିଳିବା ପରେ ବିମାନଟିକୁ ପରବର୍ତ୍ତୀ ଉଡାଣ ପାଇଁ ଅନୁମତି ଦିଆଯାଇଥିଲା । ଓ ଏହା ନିଜ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିଛି ।

## ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲା 'ଟେଲିଗ୍ରାମ'

ନୂଆଦିଲ୍ଲୀ, ୧୭।୬: ଆସନ୍ତା ଜୁନ୍ ୨୧ ତାରିଖରେ ହେବାକୁ ଥିବା ନିଟ୍ ପୁନଃପରୀକ୍ଷା ପୂର୍ବରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲଗାଯାଇଥିବା ଅସ୍ଥାୟୀ ପ୍ରତିବନ୍ଧକକୁ ଚ୍ୟାଲେଞ୍ଜ କରି 'ଟେଲିଗ୍ରାମ' ମେସେଜିଂ ଆପ୍ ବୁଧବାର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ହାଇକୋର୍ଟ ଆଜି ଏହି ଆବେଦନ ଉପରେ ଶୁଣାଣି କରିବ। ନିଟ୍ ପ୍ରଶ୍ନପତ୍ର ଲିକ୍‌କୁ ରୋକିବାକୁ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ବୁଧବାର ଟେଲିଗ୍ରାମ୍ ମେସେଜିଂ ଆପ୍ ପକ୍ଷରୁ ଏହି ମାମଲାକୁ ଜଷ୍ଟିସ ତେଜସ୍ କରିଆଙ୍କ ସମ୍ମୁଖରେ ରଖାଯାଇଛି। ଜଷ୍ଟିସ ତେଜସ୍ କରିଆ ମାମଲାର ଶୁଣାଣି କରିବାକୁ ସହମତି ଦେଇ ଦେଇଛନ୍ତି। ସରକାରଙ୍କ ନିର୍ଦ୍ଦେଶରେ ଗୁଗଲ୍ ଟେଲିଗ୍ରାମକୁ ପ୍ଲେ ଷ୍ଟୋରରୁ ହଟେଇ ଦେଇଛି। ସରକାରଙ୍କ ଏହି ପଦକ୍ଷେପକୁ ଟେଲିଗ୍ରାମର ସଂସ୍ଥାପକ ତଥା ସିଇଓ ପାବେଲ ଦୁରୋବ ଅନୁଚିତ କହିଛନ୍ତି। ଦୁରୋବ କହିଛନ୍ତି, ଏହାଦ୍ୱାରା ସମସ୍ୟା ଶେଷ ହେବନାହିଁ। ଅପରାଧୀ ଅନ୍ୟ ପ୍ଲାଟଫର୍ମ ବ୍ୟବହାର କରିପାରନ୍ତି। ଗୁଗଲ୍ ପ୍ଲେ ଷ୍ଟୋରରୁ ଟେଲିଗ୍ରାମ ହଟାଯିବା ପରେ ବିବାଦ ଉଠିଛି ଓ ଟେଲିଗ୍ରାମ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଦୁରୋବ ମଙ୍ଗଳବାର ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି ଯେ, ଭାରତରେ ୧୫ କୋଟି ୟୁଜର୍ସଙ୍କ ଉପରେ ଏହି କଟକଣାର ପ୍ରଭାବ ପଡ଼ିବ।

## ଜୀବନ ହାରିଲେ ନିଟ ୟୁଜି ପୁନଃ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଟପ୍ପର

ନୂଆଦିଲ୍ଲୀ, ୧୭।୬: ମେ' ୩ରେ ନିଟ ୟୁଜି ୨୦୨୬ ପରୀକ୍ଷା ଦେଇଥିଲେ। ପ୍ରଶ୍ନପତ୍ର ଲିକ ଯୋଗୁ ଏହା ବାତିଲ ହୋଇଥିଲା। ଏହାପରେ ସରକାର ଜୁନ ୨୧ରେ ପୁଣି ନିଟ ୟୁଜି ପରୀକ୍ଷା କରିବାକୁ ଯାଉଛନ୍ତି। ଏଥିପାଇଁ ଲକ୍ଷାଧିକ ଶିକ୍ଷାର୍ଥୀଙ୍କ ଭଳି ଡେରାଡୁନର ଜଣେ ଛାତ୍ରୀ ମଧ୍ୟ ପୁଣି ପ୍ରସ୍ତୁତି ଆରମ୍ଭ କରିଥିଲେ।କିନ୍ତୁ ନିଟ ୟୁଜି ପୁନଃ ପରୀକ୍ଷା ପୂର୍ବରୁ ଘଟିଛି ଅଘଟଣ। ଏହି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଜଣେ ୨୩ ବର୍ଷୀୟ ଛାତ୍ରୀ ଉତ୍ତରାଖଣ୍ଡର ଡେରାଡୁନ ସ୍ଥିତ ନିଜ ଘରେ ଜୀବନ ହାରିଛନ୍ତି। ଜୀବନ ହାରିବା ସହ ସେ ନିଜ ବାପା ମା'ଙ୍କ ଉଦ୍ଦେଶ୍ୟରେ ଗୋଟିଏ ଚିଠି ମଧ୍ୟ ଲେଖିଛନ୍ତି। ଜୀବନ ହାରିଥିବା ଛାତ୍ରୀ ଜଣଙ୍କ ହେଲେ ରିୟା କୁମାରୀ ଥାପ୍ପା।

### ଉଦ୍ଧବଙ୍କ ଶିବସେନା ପୁଣି ଭାଙ୍ଗିଲା

# ଏକନାଥ ସିନ୍ଦେଙ୍କୁ ନେତା ସ୍ୱୀକାର କଲେ ୬ ବିଦ୍ରୋହୀ ସାଂସଦ

ନୂଆଦିଲ୍ଲୀ, ୧୭।୬: ମହାରାଷ୍ଟ୍ର ରାଜନୀତିରେ ପୁଣି ଥରେ ବଡ଼ ଧରଣର ହଇଚଇ ସୃଷ୍ଟି ହୋଇଛି । ଉଦ୍ଧବ ଠାକରେଙ୍କୁ ଆଉ ଏକ ବଡ଼ ଝଟକା ଲାଗିଛି । ଶିବସେନା (ୟୁବିଟି)ର ୯ ଲୋକସଭା ସାଂସଦଙ୍କ ମଧ୍ୟରୁ ୬ ଜଣ ଉଦ୍ଧବ ଠାକରେଙ୍କ ବିଦ୍ରୋହ କରି ଅଲଗା ଗୋଷ୍ଠୀ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଶିବସେନା (ୟୁବିଟି)ର ୬ ସାଂସଦ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖି ତାଙ୍କୁ ଅଲଗା ଗୋଷ୍ଠୀ ରୂପେ ସ୍ୱୀକାର କରିବାକୁ କହିଛନ୍ତି । ଶିବସେନା ୟୁବିଟିର ଯେଉଁ ସାଂସଦମାନେ ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି, ସେମାନଙ୍କ ମଧ୍ୟରେ ସଞ୍ଜୟ ଯାଦବ, ସଞ୍ଜୟ ଦେଶମୁଖ, ନାଗେଶ ପାଟିଲ ଅଷ୍ଟିକର, ଓମରାଜେ ନିମ୍ବାଲକର, ଭାଉସାହେବ ବାକଚୋରେ ଏବଂ ସଞ୍ଜୟ ଦୀନା ପାଟିଲ ସାମିଲ ଅଛନ୍ତି । ଶିବସେନା (ୟୁବିଟି)ର ୬ ସାଂସଦ ବୁଧବାର ବାଚସ୍ପତିଙ୍କୁ ଚିଠି ଲେଖି ଏକନାଥ ସିନ୍ଦେଙ୍କ ପାର୍ଟିରେ ବିଲୟ କରିବା ପାଇଁ ଦାବି କରିଛନ୍ତି । ୬ ବିଦ୍ରୋହୀ ସାଂସଦ ବୁଧବାର ସକାଳେ ମୁମ୍ବାଇରୁ ଦିଲ୍ଲୀ ଆସିଥିଲେ । ଏହି ସମୟରେ ସେମାନଙ୍କ ସହ ଏକନାଥ ସିନ୍ଦେଙ୍କ ଶିବସେନାର ଜଣେ ବରିଷ୍ଠ ନେତା ମଧ୍ୟ ଉପସ୍ଥିତ ଥିଲେ । ଦିଲ୍ଲୀରେ ପହଞ୍ଚିବା ପରେ ସମସ୍ତେ ବାଚସ୍ପତିଙ୍କୁ ନିଜ ଚିଠି ଦେଇଥିଲେ । ୟୁଟିବି ଭିତରେ ବିଦ୍ରୋହର କଳ୍ପନାଜଳ୍ପନା ମଧ୍ୟରେ, ଦିଲ୍ଲୀରେ ସଞ୍ଜୟ ରାଉତଙ୍କ ବାସଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅରବିନ୍ଦ ସାୱନ୍ତ, ମୁଖ୍ୟ ସଚେତକ ଅନିଲ ଦେଶାଇ ଏବଂ ନାସିକ୍ ସାଂସଦ ରାଜାଭାଉ ଉପସ୍ଥିତ ଥିଲେ । ତେଣୁ, ଶିବସେନା (ୟୁଟିବି)ର ନଅଟି ଲୋକସଭା ସାଂସଦଙ୍କ ମଧ୍ୟରୁ କେବଳ ତିନି ଜଣ ଯୋଗ ଦେଇଥିଲେ, ଛଅ ଜଣ ଅନୁପସ୍ଥିତ ଥିଲେ । ଏହା ସ୍ପଷ୍ଟ ଭାବରେ ଉଦ୍ଧବ ଠାକରେଙ୍କ ଦଳ ଭିତରେ ବିଭାଜନ ହେବାର ଆଶଙ୍କାକୁ ସୂଚିତ କରୁଛି । ସଞ୍ଜୟ ରାଉତ କହିଛନ୍ତି, ଆମର ସାଂସଦମାନେ ଉଦ୍ଧବ ଠାକରେଙ୍କ ନେତୃତ୍ୱରେ ଶିବସେନାର ମଶାଲ ଚିହ୍ନରେ ନିର୍ବାଚିତ ହୋଇଥିଲେ । ସେମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନାମରେ ଜିତି ନଥିଲେ । ତେଣୁ, ଯଦି କେହି ଏବେ ଦଳ ପରିବର୍ତ୍ତନ କରନ୍ତି, ତେବେ ଆମେ କାହାକୁ ଛାଡିବୁ ନାହିଁ । ଯେଉଁମାନେ ଦଳ ଛାଡିବାକୁ ଚାହାନ୍ତି ସେମାନେ ଇସ୍ତଫା ଦେଇପାରିବେ ।



## ସେନାରେ ସାମିଲ ହେଲା 'ଅଗ୍ନିବେଗ' କାମିକାଜେ ଡ୍ରୋନ୍

### ଶତ୍ରୁ ଘରେ ପଶି ଆକ୍ରମଣ କରିବ



ନୂଆଦିଲ୍ଲୀ, ୧୭।୬: ଆଧୁନିକ ଯୁଦ୍ଧରେ ନିଜର ଶକ୍ତି ବୃଦ୍ଧି କରିବା ପାଇଁ ଭାରତୀୟ ସେନାରେ ୧୦୬ଟି 'ଅଗ୍ନିବେଗ' କାମିକାଜେ ଡ୍ରୋନ୍ ସାମିଲ କରାଯାଇଛି। ଇରାନର ସାହେଦ୍ ଏବଂ ଆମେରିକାର ଲୁକାସ୍ ଭଳି ଭାରତ ମଧ୍ୟ ସ୍ୱଦେଶୀ ଜ୍ଞାନକୌଶଳରେ ଏହି ଘାତକ ଅସ୍ତ୍ର ପ୍ରସ୍ତୁତ କରିଛି। ନିକଟରେ ଆମେରିକା-ଇରାନ ଏବଂ ରୁଷ-ୟୁକ୍ରେନ ମଧ୍ୟରେ ହୋଇଥିବା ଯୁଦ୍ଧରେ କାମିକାଜେ ଡ୍ରୋନଗୁଡ଼ିକ ଅତ୍ୟନ୍ତ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛନ୍ତି। ଏଗୁଡ଼ିକ ସଠିକ୍ ଲକ୍ଷ୍ୟଭେଦ କରିବା ସହ ନିର୍ମାଣ ଖର୍ଚ୍ଚ ମଧ୍ୟ ବହୁତ କମ୍। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ସେନା ନିକଟରେ ନିଜ ଅସ୍ତ୍ରଭଣ୍ଡାରରେ ୧୦୬ଟି 'ଅଗ୍ନିବେଗ' ଟର୍ବୋଜେଟ୍ ଚାଳିତ କାମିକାଜେ ଡ୍ରୋନ୍ ସାମିଲ କରିଛି। ଭାରତୀୟ ବାୟୁସେନା ମଧ୍ୟ ସ୍ୱଦେଶୀ ଜ୍ଞାନକୌଶଳରେ ଏହିଭଳି ଅସ୍ତ୍ରଶସ୍ତ୍ର ଉତ୍ପାଦନ ଦିଗରେ ପଦକ୍ଷେପ ନେଉଛି, । 'କାମିକାଜେ' ଶବ୍ଦର ଉତ୍ପତ୍ତି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରୁ ହୋଇଥିଲା, ଯେତେବେଳେ ଜାପାନର ପାଇଲଟମାନେ ନିଜ ବିମାନକୁ ଶତ୍ରୁ ପକ୍ଷର ଜାହାଜ ସହିତ ସିଧାସଳଖ ପିଟିଦେଉଥିଲେ, ଯାହାକୁ 'ଆତ୍ମଘାତୀ ମିଶନ୍' କୁହାଯାଉଥିଲା। ଆଜିର ସମୟରେ, କାମିକାଜେ ହେଉଛି ଏକ ପ୍ରକାର ମାନବବିହୀନ ଡ୍ରୋନ୍ ବା ଲୋଇଟରିଂ ମ୍ୟୁନିସନ୍, ଯାହା ନିଜ ଲକ୍ଷ୍ୟକୁ ଚିହ୍ନଟ କରିବା ପରେ ତାହା ସହ ପିଟି ହୋଇ ନଷ୍ଟ କରିଦିଏ। ଭାରତର ପ୍ରତିରକ୍ଷା ଉତ୍ପାଦନ ବିଭାଗ ଅନୁଯାୟୀ, ଏହି ଡ୍ରୋନଗୁଡ଼ିକ ବିନା କୌଣସି ବଡ଼ ପ୍ରତିରକ୍ଷା ସମ୍ପତ୍ତିର ଆବଶ୍ୟକତାରେ ଦ୍ରୁତ ଆକ୍ରମଣ କରିପାରନ୍ତି। ଏକାସାଙ୍ଗରେ ବହୁ ସଂଖ୍ୟାରେ ଛଡ଼ାଗଲେ ଏହା ଶତ୍ରୁର ପ୍ରତିରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଭେଦ କରିବାର କ୍ଷମତା ରଖିଥାଏ। ଫେବୃଆରୀ ଶେଷ ଭାଗରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ପରେ, ଇରାନ ନିଜର ଶାହେଦ-୧୩୬ ଡ୍ରୋନ୍ ବ୍ୟବହାର କରି ପଶ୍ଚିମ ଏସିଆରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଆକ୍ରମଣ କରିଥିଲା।

## ବଦଳିବ ପାଟନାରେ ପ୍ରସ୍ତାବିତ ଟାଉନସିପର ନାମ

ବିହାର, ୧୭।୬ : ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏକ ବଡ଼ ଘୋଷଣା କରିଛନ୍ତି । ବିହାରର ରାଜଧାନୀ ପାଟନାରେ ପ୍ରସ୍ତାବିତ ଟାଉନଶିପର ନାମ ଏବେ ପାଟଳିପୁତ୍ର ହେବ । ସହଯୋଗ ଶିବିର ସମୟରେ ଫୁଲୱାରୀ ଶରିଫର ନଦିୟାୱାଁରେ ଲୋକମାନଙ୍କୁ ସମ୍ବୋଧନ କରି ସେ କହିଥିଲେ ଯେ, ପ୍ରସ୍ତାବିତ ଟାଉନଶିପର ନାମ ଏବେ ପାଟଳିପୁତ୍ର ହେବ। ଏହା କୌଣସି ନୂଆ ନାମ ନୁହେଁ, ବରଂ ରାଜଧାନୀର ପୁରୁଣା ନାମ। ଏଥିସହ ସେ କହିଥିଲେ ଯେ କଙ୍କଡ଼ବାଗ ପାଟନାର ପରିଚୟ ଥିଲା। ଲୋକମାନେ ଏହାକୁ ଏସିଆର ସବୁଠାରୁ ବଡ଼ ଟାଉନଶିପ୍ ବୋଲି କହୁଥିଲେ । ୧୯୬୦ ରୁ ୭୦ ଦଶକରେ ଏହାର କାମ ଆରମ୍ଭ ହୋଇଥିଲା ଏବଂ ଧୀରେ ଧୀରେ ଏହା ଏକ ବସ୍ତି ଅଞ୍ଚଳରେ ପରିଣତ ହୋଇଥିଲା । ବର୍ତ୍ତମାନ ଏହା ଆଉ ଟାଉନଶିପ୍ ନୁହେଁ । ସେ ଆହୁରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଯେତେବେଳେ ନଗର ବିକାଶ ମନ୍ତ୍ରୀ ଥିଲେ, ସେତେବେଳେ ସେଠାରୁ ପାଣି ନିଷ୍କାସନ କରିବାରେ ବହୁତ ଅସୁବିଧା ହେଉଥିଲା । ଧୀରେ ଧୀରେ ସେହି ସମସ୍ୟାର ସମାଧାନ କରାଯାଇଥିଲା । କିନ୍ତୁ ଏବେ ସରକାର ଏକ ନୂଆ ଟାଉନଶିପ୍ ମଧ୍ୟ ନିର୍ମାଣ କରୁଛନ୍ତି। ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ କହିଛନ୍ତି ଯେ, ଯେଉଁ ଟାଉନଶିପ୍ ନିର୍ମାଣ କରାଯାଉଛି, ପାଟନାର ପରିଚୟ ଏକ ନୂଆ ସହର ପାଟଳିପୁତ୍ର ଭାବରେ ହେବା ଉଚିତ । ଅନେକ ଲୋକ ଏହାକୁ ନେଇ ପ୍ରଶ୍ନ ଉଠାନ୍ତି ଯେ, ଏହା ମଗଧର ରାଜଧାନୀ ଥିଲା ଏବଂ ଏହାର ନାମ ପାଟଳିପୁତ୍ର ଥିଲା । ତେଣୁ ଏହାର ନାମ ପରିବର୍ତ୍ତନ କରାଯିବା ଉଚିତ । ସେ ଏହାଠାରୁ ଆହୁରି ବଡ଼ ପଟନାର କଳ୍ପନା କରିଛନ୍ତି ଏବଂ ତାହାର ନାମ ମଧ୍ୟ ପାଟଳିପୁତ୍ର ରଖିବାର କାମ କରିଛନ୍ତି। ସେ କହିଛନ୍ତି ଯେ, ଏବେ ଆଉ କାହାରି କୌଣସି ଅସୁବିଧା ହେବ ନାହିଁ। ପାଟଳିପୁତ୍ର ନାମଟି ନୂଆ ନୁହେଁ। ବିହାରର ରାଜଧାନୀ ପଟନା ପୂର୍ବରୁ ପାଟଳିପୁତ୍ର ନାମରେ ପରିଚିତ ଥିଲା । ପ୍ରାୟ ୩ ହଜାର ବର୍ଷ ପୂର୍ବେ ଏଠାରେ ବହୁ ସଂଖ୍ୟକ ପାଟଳି ଗଛ ଥିଲା ବୋଲି କୁହାଯାଏ । ସେହି କାରଣରୁ ପ୍ରଥମେ ଏହାର ନାମ ପାଟଳିଗ୍ରାମ ଏବଂ ପରେ ପାଟଳିପୁତ୍ର ହୋଇଥିଲା।

## ତୁମେମାନେ ହେଉଛ ପରଜୀବୀ: ସିଜେଆଇ



ନୂଆଦିଲ୍ଲୀ, ୧୭।୬: ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ 'କାକରୋଚ୍' ଟିପ୍ପଣୀକୁ ନେଇ ସାରା ଦେଶରେ ହଙ୍ଗାମା ହେବା ପରେ, ଏବେ ସିଜେଆଇ ପୁଣିଥରେ ଏକ କଡ଼ା ଟିପ୍ପଣୀ ଦେଇଛନ୍ତି । ଏକ ମାମଲାର ଶୁଣାଣି ବେଳେ ଅଭିଯୁକ୍ତକୁ ଜାମିନ ଦେବାକୁ ମନା କରି ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଏଭଳି ଲୋକମାନେ ପରଜୀବୀ ଭଳି, ତେଣୁ ଏମାନେ ଜେଲ ରହିବା ହିଁ ଭଲ । ସୁପ୍ରିମକୋର୍ଟରେ ସାଇବର ଫ୍ରଡ୍ ମାମଲାର ଶୁଣାଣି ଚାଲିଥିଲା । ଏହି ସମୟରେ ସିଜେଆଇଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଅଭିଯୁକ୍ତଙ୍କୁ ଜାମିନ ଦେବାକୁ ମନା କରିଦେଇଥିଲେ । ଆବେଦନକୁ ଖାରଜ କରିବା ସହ କୋର୍ଟ ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲେ । ସୁପ୍ରିମକୋର୍ଟ କହିଥିଲେ ଯେ ସାଇବର ଅପରାଧୀମାନେ ହେଉଛନ୍ତି 'ପରଜୀବୀ', ଯେଉଁମାନେ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକେଇ କରନ୍ତି । ସେମାନଙ୍କୁ ଧରିବା ମଧ୍ୟ ସହଜ ହୋଇନଥାଏ । ଏଭଳି ଅପରାଧୀମାନଙ୍କୁ ଜେଲରେ ରଖିବା ଦ୍ୱାରା ହିଁ ସମାଜର ହିତ ସାଧନ ହେବ । ଶୁଣାଣି ବେଳେ ସିଜେଆଇ ସୂର୍ଯ୍ୟକାନ୍ତ କହିଥିଲେ, 'ତୁମେମାନେ ହେଉଛ ପରଜୀବୀ, ଯେଉଁମାନେ ନିବେଶକମାନଙ୍କଠାରୁ କୋଟି କୋଟି ଟଙ୍କା ଠକି ନେଉଛ । ସାଇବର ଅପରାଧୀଙ୍କ ପ୍ରତି ଆମକୁ ବହୁତ କଠୋର ହେବାକୁ ହିଁ ପଡ଼ିବ ।' ସିଜେଆଇ ସାଇବର ଅପରାଧର ବ୍ୟାପକତାକୁ ନେଇ ମଧ୍ୟ ଚିନ୍ତା ପ୍ରକଟ କରିଥିଲେ । ସେ ଆହୁରି କହିଥିଲେ, 'ତୁମମାନେ କୌଣସି ଗୋଟିଏ ରାଜ୍ୟରେ ସୀମିତ ନାହିଁ । ତାମିଲନାଡୁରେ କାହାକୁ ଠକୁଛ, ସେଠାରୁ ଜମ୍ମୁ ଚାଲିଯାଉଛ । ତୁମ ଭଳି ଲୋକ ଜେଲ୍ ଭିତରେ ରୁହନ୍ତୁ, ଏହା ହିଁ ସମାଜର ମଙ୍ଗଳ ।' ଉଲ୍ଲେଖଯୋଗ୍ୟ ଯେ, ଏହା ପୂର୍ବରୁ ମଧ୍ୟ ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଏକ ଟିପ୍ପଣୀକୁ ନେଇ ପ୍ରବଳ ବିବାଦ ଦେଖାଦେଇଥିଲା । ଗତ ମାସରେ ଏକ ଆବେଦନର ଶୁଣାଣି ବେଳେ ସିଜେଆଇ ସୂର୍ଯ୍ୟକାନ୍ତ କଥିତ ଭାବେ ବେକାର ଯୁବକମାନଙ୍କୁ 'କାକରୋଚ୍' ସହ ତୁଳନା କରିଥିଲେ । ସେ କହିଥିଲେ ଯେ ବେକାର ଯୁବକମାନେ ପରବର୍ତ୍ତୀ ସମୟରେ ମିଡିଆ, ସୋସିଆଲ ମିଡିଆ ଏବଂ ଆରଟିଆଇ କର୍ମୀ ସାଜି ସିଷ୍ଟମ୍ ବା ବ୍ୟବସ୍ଥା ଉପରେ ଆକ୍ରମଣ କରିବା ଆରମ୍ଭ କରନ୍ତି ।

## ୟୁଏଇ ରାଷ୍ଟ୍ରପତିଙ୍କୁ ବ୍ରିକ୍ସ ସମ୍ମିଳନୀକୁ ନିମନ୍ତ୍ରଣ କଲେ ମୋଦି



ନୂଆଦିଲ୍ଲୀ, ୧୭।୬ : ଫ୍ରାନ୍ସର ଇଭିଆନରେ ଚାଲିଥିବା ଜି-୭ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ ଜାୟେଦ ଅଲ ନହୟାନଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୋଦି ୟୁଏଇ ରାଷ୍ଟ୍ରପତିଙ୍କୁ ଚଳିତ ବର୍ଷ ଶେଷ ଭାଗରେ ଭାରତରେ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେବାପାଇଁ ନିମନ୍ତ୍ରଣ କରିଛନ୍ତି। ୨୦୨୬ରେ ଦୁଇ ନେତାଙ୍କ ମଧ୍ୟରେ ଏହା ତୃତୀୟ ସାକ୍ଷାତ ଏବଂ ଏହା ଭାରତ-ୟୁଏଇ ବ୍ୟାପକ ରଣନୀତିକ ସହଭାଗୀତାର ଶକ୍ତିକୁ ପ୍ରତିଫଳିତ କରୁଛି। ଗତ ଜାନୁଆରିରେ ଜାୟେଦଙ୍କର ଭାରତ ଗସ୍ତ ସମୟରେ ଏବଂ ମେ'ରେ ମୋଦିଙ୍କ ୟୁଏଇ ଗସ୍ତ ସମୟରେ ସେମାନେ ଉଦ୍ୟୋଗ, ବାଣିଜ୍ୟ, ବିନିଯୋଗ, ଶକ୍ତି ଏବଂ ପ୍ରତିରକ୍ଷା ଭଳି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ପ୍ରଗତିକୁ ସମୀକ୍ଷା କରିଥିଲେ। ପରସ୍ପରର ସ୍ୱାର୍ଥ ରହିଥିବା ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗରେ ୨ ନେତା ସେମାନଙ୍କ ମତ ଆଦାନ ପ୍ରଦାନ କରିଛନ୍ତି। କଥାବାର୍ତ୍ତା ସମୟରେ ମୋଦି ପଶ୍ଚିମ ଏସିଆରେ ଶାନ୍ତି, ସୁରକ୍ଷା ଏବଂ ସ୍ଥିରତା ବୃଦ୍ଧି କରିବା ପାଇଁ କଥାବାର୍ତ୍ତା ଏବଂ କୂଟନୈତିକ ଉପାୟ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଉଭୟ ମୋଦି ଏବଂ ୟୁଏଇ ରାଷ୍ଟ୍ରପତି ହର୍ମୁଜ ପ୍ରଣାଳୀରେ ଏକ ମୁକ୍ତ, ସୁରକ୍ଷିତ ଯାତାୟାତ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଜରୁରୀ ବୋଲି କହିଛନ୍ତି।

## ଟିଏମସି କାର୍ଯ୍ୟାଳୟ ପାଇଁ ସଙ୍କଟ

### ୨ ମାସ ମଧ୍ୟରେ ଘର ଛାଡ଼ିବାକୁ କହିଲେ ମାଲିକ

କୋଲକାତା, ୧୭।୬: ତୃଣମୂଳ କଂଗ୍ରେସର ଅନ୍ୟତମ ମୁଖ୍ୟ କାର୍ଯ୍ୟାଳୟ ଏକ ଭଡ଼ା ଘରେ ଚାଲିଥିଲା। କିନ୍ତୁ ମାତ୍ର ୨ ମାସ ମଧ୍ୟରେ ତୃଣମୂଳ ଦଳକୁ ଏହି ଘର ଛାଡ଼ିବାପାଇଁ ଘର ମାଲିକ କହିଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଘର ମାଲିକ ମଣ୍ଟୁ ସାହା ଏବଂ ତାଙ୍କ ପୁଅ ଅମିତ ସାହା ଘରଟିକୁ ଖାଲି କରିବା ପାଇଁ ପୁଲିସର ସହଯୋଗ ମାଗିଛନ୍ତି। 'ତୃଣମୂଳ ଭବନ' ଭାବେ ଜଣାଶୁଣା ଏହି କୋଠା ଟୋପ୍ସିଆ ଅଞ୍ଚଳର ଇଏମ୍ ବାଇପାସ ରୋଡରେ ଅବସ୍ଥିତ। ତୃଣମୂଳ କଂଗ୍ରେସ ଦଳ ଦ୍ୱାରା ଏହାକୁ ଏକ ଅସ୍ଥାୟୀ ଅଫିସ୍ ଭାବେ ବ୍ୟବହାର କରାଯାଉଥିଲା। କାରଣ ଟିଏମ୍ସିର ମୂଳ ଅଫିସ୍ ମଧ୍ୟ ଟୋପ୍ସିଆରେ ଏବଂ ଏହାର ନବୀକରଣ କାମ ଚାଲିଛି। ୨୦୨୧ ବିଧାନସଭା ନିର୍ବାଚନ ଜିତିବାପରେ ଟିଏମ୍ସି ଏହାର ନୂଆ କୋଠାର ନବୀକରଣ କାମ କରୁଥିଲା। ଏଥିପାଇଁ ୨୦୨୨ରୁ ଟିଏମ୍ସି ଦଳର ନେତାମାନେ ମଣ୍ଟୁ ସାହାଙ୍କ କୋଠାକୁ ଭଡ଼ାରେ ନେଇଛନ୍ତି। ଘର ମାଲିକଙ୍କ ଅନୁଯାୟୀ ଏହି ବିଲ୍ଡିଂର କଣ୍ଟ୍ରାକ୍ଟ ୨ ବର୍ଷ ପାଇଁ ସ୍ୱାକ୍ଷର କରାଯାଇଥିଲା ଏବଂ ଏହାକୁ ପରେ ପୁଣି ଏକ ବର୍ଷ ପାଇଁ ପରିବର୍ଦ୍ଧିତ କରାଯାଇଥିଲା। ୨୦୨୫ରେ ଏହି ଚୁକ୍ତି ଶେଷ ହେବାପରେ ଟିଏମ୍ସି କାର୍ଯ୍ୟକର୍ତ୍ତାମାନଙ୍କୁ ସେମାନେ ଲଗାତାର ଭାବେ ବିଲ୍ଡିଂ ଖାଲି କରିବାକୁ କହିଥିଲେ। କିନ୍ତୁ ସେମାନେ ଶୁଣି ନଥିଲେ। ଏବେ ଘର ମାଲିକ ପୁଣିଥରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍ସି ଦଳକୁ ୨ ମାସ ମଧ୍ୟରେ ଘର ଛାଡ଼ିବା ପାଇଁ ଅନୁରୋଧ କରିଛି। ନିର୍ବାଚନ ପରବର୍ତ୍ତୀ ହିଂସା ପାଇଁ ସେମାନେ ତୁରନ୍ତ ଟିଏମ୍ସିକୁ ଘର ଛାଡ଼ିବା ପାଇଁ କହିଛନ୍ତି।

### ଜି୭ରେ ଟ୍ରମ୍ପଙ୍କ ଧମକ

# ଇରାନ ଡିଲ୍ ଫାଇନାଲ୍ ହୋଇନି, ପସନ୍ଦ ନ ଆସିଲେ ଆକ୍ରମଣ

ନୂଆଦିଲ୍ଲୀ, ୧୭।୬: ଇରାନ ସହ ଚାଲିଥିବା ଆଲୋଚନା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶାନ୍ତି ଚୁକ୍ତିକୁ ନେଇ କଠୋର ସଂକେତ ଦେଇଛନ୍ତି । ଇଜିପ୍ଟ ରାଷ୍ଟ୍ରପତି ଅବ୍ଦେଲ ଫତାହ ଅଲ-ସିସିଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଟ୍ରମ୍ପ କହିଛନ୍ତି ଯେ ଇରାନ ସହ ପ୍ରସ୍ତାବିତ ଏମଓୟୁ ଏବେ ଚୂଡ଼ାନ୍ତ ରୂପ ଦିଆଯାଇ ନାହିଁ । ଯଦି ତାଙ୍କୁ ବୁଝାମଣା ପସନ୍ଦ ନଆସେ, ତେବେ ଆମେରିକା ସୈନ୍ୟ କାର୍ଯ୍ୟାନୁଷ୍ଠାନର ରାସ୍ତା ଅପଣାଇପାରେ । ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି, ଇରାନ ସହ ଆଲୋଚନା ପରେ ଏକ ଗୁରୁତ୍ୱପୂର୍ଣ୍ଣ ଡିଲ୍ ପ୍ରସ୍ତୁତ କରାଯାଇଛି । ତେବେ, ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଏହାର ଚୂଡ଼ାନ୍ତ ସ୍ୱରୂପ କିପରି ହେବ ତାହା ଏବେ ସୁଦ୍ଧା କେହି ଜାଣି ନାହାନ୍ତି । ସେ ଦାବି କରିଛନ୍ତି ଯେ ଅଧିକାଂଶ ଲୋକ ଏହି ବୁଝାମଣାକୁ ନେଇ ଖୁସି ନଜର ଆସୁଛନ୍ତି । ଏହି ବୁଝାମଣାର ବିକଳ୍ପ ସାରା ଦୁନିଆରେ ଆର୍ଥିକ ଅସ୍ଥିରତା ଏବଂ ମନ୍ଦାବସ୍ଥା ହୋଇପାରେ । କିଛି ଲୋକ ଦୁନିଆରେ ମାନ୍ଦାବସ୍ଥା ଦେଖିବାକୁ ଚାହୁଁଛନ୍ତି । ଟ୍ରମ୍ପ କହିଛନ୍ତି ଯେ ଯେଉଁମାନେ ବିଶ୍ୱ ମାନ୍ଦାବସ୍ଥା ଦେଖିବାକୁ ଚାହାନ୍ତି ସେମାନେ ମୂର୍ଖ । ଏପରି ଲୋକମାନେ ବିଶ୍ୱ ଅର୍ଥନୀତି ଏବଂ ସ୍ଥିରତାର ଗୁରୁତ୍ୱ ବୁଝନ୍ତି ନାହିଁ । ସେ ଏହା ମଧ୍ୟ କହିଛନ୍ତି, 'ପ୍ରଥମତଃ, ପ୍ରଣାଳୀ କେବେ ଖୋଲିବ ନାହିଁ ।' ଯଦିଓ ସେ କେଉଁ ସମୁଦ୍ର ମାର୍ଗ ବିଷୟରେ କହୁଛନ୍ତି ତାହା ସ୍ପଷ୍ଟ କରି ନଥିଲେ । ଟ୍ରମ୍ପ ଇରାନରେ ୩୦୦ ବିଲିୟନ ଡଲାରର ଏକ ପ୍ରମୁଖ ଆମେରିକୀୟ ନିବେଶକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଥିଲେ । ଏହି ଚୁକ୍ତିନାମାର ଅଂଶ ଭାବରେ ଆମେରିକା କୌଣସି ନିବେଶ କରୁନାହିଁ । ଇରାନ ସହିତ ଆଲୋଚନାର ସ୍ଥିତି ସ୍ପଷ୍ଟ କରି ଟ୍ରମ୍ପ କହିଛନ୍ତି ଯେ ବର୍ତ୍ତମାନର ଏମଓୟୁ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ । ସେ କହିଛନ୍ତି ଯେ ଯଦି ଆମେରିକା ଚୂଡ଼ାନ୍ତ ଚୁକ୍ତିକୁ ପସନ୍ଦ ନ କରେ ତେବେ ସେ ପୁଣି ଆକ୍ରମଣ କରିପାରେ । ଜି୭ ଶିଖର ସମ୍ମିଳନୀରେ ଟ୍ରମ୍ପଙ୍କ ବୟାନକୁ ସିଧାସଳଖ ଚେତାବନୀ ଭାବରେ ଦେଖାଯାଉଛି । ଗୋଟିଏ ପଟେ, ଆମେରିକା ଏକ ଚୁକ୍ତିର ସମ୍ଭାବନାକୁ ଖୋଲା ରଖିବାକୁ ଚାହୁଁଛି, ଅନ୍ୟପଟେ ଏହାର ରଣନୈତିକ ସ୍ୱାର୍ଥ ସହିତ ସାଲିସ୍ କରିବ ନାହିଁ ବୋଲି ସନ୍ଦେଶ ଦେଉଛି ।



### ଚୌଦ୍ୱାର ଜେଲ୍ ଅଧୀକ୍ଷକଙ୍କୁ ଜବାବ ତଲବ : କେମିତି ପଶିଲା ଗ୍ୟାଙ୍ଗଷ୍ଟରର 'ଥାର୍'

## ଦୁଇଦିନ ଭିତରେ ରିପୋର୍ଟ ଦେବାକୁ ଡିଆଇଜିଙ୍କ ନିର୍ଦ୍ଦେଶ

କଟକ(ନିପ୍ର): ଚୌଦ୍ୱାର କେନ୍ଦ୍ରୀୟ ଜେଲ୍ ଭିତରକୁ ଗ୍ୟାଙ୍ଗଷ୍ଟରର ଥାର ଗାଡ଼ି ପ୍ରବେଶ ପ୍ରସଙ୍ଗରେ ଜେଲ୍ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି । କଡ଼ା ନିୟମ ସତ୍ତ୍ୱେ ଜେଲ୍ ଭିତରକୁ କିପରି ଜଣେ ଅଭିଯୁକ୍ତର ଗାଡ଼ି ପ୍ରବେଶ କଲା ? ଦାୟିତ୍ୱରେ ଥିବା ଜେଲ୍ କର୍ମଚାରୀ କ'ଣ କରୁଥିଲେ ? କାହିଁକି ଗାଡ଼ିକୁ ବାରଣ କରାଗଲା ନାହିଁ ? ସିସିଟିଭି କ'ଣ ପାଇଁ ଯାଞ୍ଚ ହେଲାନାହିଁ ? ଜେଲ୍ କର୍ତ୍ତୃପକ୍ଷଙ୍କୁ ଏମିତି ଅନେକ ପ୍ରଶ୍ନର ଜବାବ ମାଗିଛନ୍ତି ଜେଲ୍ ଡିଆଇଜି । ଜେଲ ଭିତରକୁ କେମିତି, କାହିଁକି ଓ କେଉଁ ପରିସ୍ଥିତିରେ ଗ୍ୟାଙ୍ଗଷ୍ଟରଙ୍କ ଗାଡି ଗଲା ସେ ସମ୍ପର୍କରେ ଦୁଇ ଦିନ ମଧ୍ୟରେ ବିସ୍ତୃତ ତଥ୍ୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ଡିଆଇଜି ଅନସୂୟା ଜେନା । ଘଟଣା ପ୍ରଘଟ ହେବା ପରେ ଲିଟୁଆ ଏବଂ ସହଯୋଗୀ ରାଜ୍ୟ ବାହାରକୁ ଖସିଯାଇଥିବା ନେଇ ବିମାନବନ୍ଦରର ଏକ ଫଟୋ ଭାଇରାଲ ହେଉଥିବା ବେଳେ ଏହା ଜେଲ୍ ବିଭାଗର ଅଡୁଆକୁ ବଢ଼ାଇ ଦେଇଛି । ଏହା ପୂର୍ବରୁ ଅନେକ ଘଟଣାବଳୀକୁ ନେଇ ବଦନାମୀର ବୋଝ ମୁଣ୍ଡାଇ ଆସୁଛି ଚୌଦ୍ୱାର ଜେଲ୍ । ପାଚେରି ଡେଇଁ ହାର୍ଡକୋର ଅପରାଧିଙ୍କ ଫେରାର ଘଟଣା ହେଉ କି କଏଦୀଙ୍କ ଗହଣା ଗାୟବ କିମ୍ବା ଜେଲ୍ ରେଜିଷ୍ଟର ଜାଲିୟତି ଘଟଣା ହେଉ ଗୋଟିଏ ଗୋଟିଏ ପ୍ରମୁଖ ଉଦାହଣ । ସବୁ ଘଟଣାରେ ଆକ୍ସନ ନିଆଯାଉଛି ବୋଲି କୁହାଯାଉଛି । ହେଲେ ଛୋଟ କର୍ମଚାରୀଙ୍କ ଉପରେ ଚୋଟ ପଡୁଥିବା ବେଳେ ଖସି ଯାଉଛନ୍ତି ବଡ଼ବଡ଼ିଆ । ରାଜ୍ୟର ଅନ୍ୟ ଜେଲ୍ ତୁଳନାରେ ଏଠାରେ ୪୦% କର୍ମଚାରୀଙ୍କ ଅଭାବ ମଧ୍ୟ ସମସ୍ୟା ସୃଷ୍ଟି କରୁଛି । ଏବେ ପୁଣିଥରେ ତ୍ରୁଟି ସାମ୍ନାକୁ ଆସିବା ପରେ ଜେଲ୍ ବିଭାଗ ଏଯାଏଁ ଏତଲା ଦାୟର ନକରିବା ଜେଲ ବିଭାଗର ଦୁର୍ବଳତାକୁ ପଦାରେ ପକାଉଥିବା ଚର୍ଚ୍ଚା ହେଉଛି ।

## ଚାମେଲି ଓଝାଙ୍କୁ ଗିରଫ ଘଟଣା: ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ(ନିପ୍ର): ମହିଳା ସରପଞ୍ଚ ଚାମେଲି ଓଝାଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ ଓ ଥାନାରେ ମରଣାନ୍ତକ ଆକ୍ରମଣ ଘଟଣାରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି । ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି । ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଛି ବୋଲି ଆବେଦନକାରୀଙ୍କ ଆଇନଜୀବୀ ପବିତ୍ର କୁମାର ଦତ୍ତ କହିଛନ୍ତି । ମେଡ଼ିକାଲ ରିପୋର୍ଟ ଗୁଡ଼ିକ ହାଇକୋର୍ଟଙ୍କୁ ଦେବା ପାଇଁ ପ୍ରାର୍ଥନା କରାଯାଇଛି । ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଏକ ଗାଇଡଲାଇନ୍ ଆଣନ୍ତୁ ଯେଉଁଥିରେ ସାଧାରଣ ନାଗରିକ ପୋଲିସ ଦ୍ୱାରା ନିର୍ଯ୍ୟାତନାର ସମ୍ମୁଖୀନ ନହେବେ । ତେବେ ଏହି ସଂପୂର୍ଣ୍ଣ ଘଟଣାରେ ପୋଲିସ ପକ୍ଷରୁ ଦୁଇଟି ଏତଲା ହୋଇଥିବା ବେଳେ ଗୋଟିଏ ଏତଲା ଦିନ ୧ଟା ୧୦ ମିନିଟରେ ହୋଇଥିଲା ଏବଂ ଆଉ ଗୋଟେ ଦିନ ୨ଟା ୨୦ରେ ଦାୟର ହୋଇଥିଲା ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଜନସ୍ୱାର୍ଥ ମାମଲା ଦାୟର କରିଥିବା ଆଇନଜୀବି ପବିତ୍ର ଦତ୍ତ । ଏହି ଜନସ୍ୱାର୍ଥ ମାମଲାରେ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ, ପୋଲିସ ଡ଼ିଜି, କେନ୍ଦ୍ରାପଡ଼ା ଏସପି ଓ ମହାକାଳପଡ଼ା ଥାନାଧିକାରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି ।

## ବିକ୍ରି ସନ୍ଦେହରେ ଶିଶୁପୁତ୍ର ଉଦ୍ଧାର

କଟକ(ନିପ୍ର): ଜଗତପୁର ନିମପୁର ଅଞ୍ଚଳରେ ରହୁଥିବା ଜଣେ ମହିଳା ତାଙ୍କ ଶିଶୁପୁତ୍ରକୁ ଜଣେ ପଡ଼ୋଶୀଙ୍କୁ ବିକ୍ରି କରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ଜଗତପୁର ଥାନା ପୋଲିସ ଓ ଚାଇଲ୍ଡ ଲାଇନ୍ ମିଳିତ ଭାବେ ନିମପୁରରେ ଚଢ଼ଉ କରି ଶିଶୁପୁତ୍ରକୁ ଉଦ୍ଧାର କରିଛନ୍ତି । ଏହାପରେ ଶିଶୁକୁ ଚୌଦ୍ୱାରରେ ଥିବା ଏକ ଶିଶୁ ଯତ୍ନ ଅନୁଷ୍ଠାନରେ ଛଡ଼ାଯାଇଛି । ସୂଚନା ଅନୁଯାୟୀ, ଜଗତପୁର ଥାନା ନିମପୁର ଅଞ୍ଚଳରେ କେନ୍ଦ୍ରାପଡ଼ାର ଜଣେ ମହିଳା ୯ ମାସର ଶିଶୁ ପୁତ୍ର ସହିତ ରହନ୍ତି । ସ୍ୱାମୀ କେନ୍ଦ୍ରାପଡ଼ାରେ ରହନ୍ତି । ସେ ନିକଟରେ ଏକ ଦୋକାନ ଖୋଲିବା ଯୋଜନାରେ ଥିଲେ । ନିକଟରେ ତାଙ୍କ ଶିଶୁପୁତ୍ରକୁ ଜଣେ ପଡ଼ୋଶୀଙ୍କୁ ବିକ୍ରି କରିଥିବା କୁହାଯାଉଛି । କିନ୍ତୁ ପରବର୍ତ୍ତୀ ସମୟରେ ଏହି ଆର୍ଥିକ କାରବାରକୁ ନେଇ ସମସ୍ୟା ହେବାରୁ ମହିଳା ଜଣକ ଜଗତପୁର ଥାନାରେ ହାଜର ହୋଇଥିଲେ । ପୋଲିସ ଚାଇଲ୍ଡ ଲାଇନ୍ ସହାୟତାରେ ନିମପୁରରେ ଶିଶୁପୁତ୍ର ନେଇଥିବା ବ୍ୟକ୍ତିଙ୍କ ଘରେ ଚଢ଼ଉ କରି ଶିଶୁପୁତ୍ରକୁ ଉଦ୍ଧାର କରିବା ପରେ ଚୌଦ୍ୱାରରେ ଥିବା ଏକ ଶିଶୁ ଯତ୍ନ ଅନୁଷ୍ଠାନରେ ଛଡ଼ାଯାଇଛି । ପୂର୍ବରୁ ଏହି ମହିଳାଙ୍କ ପୁଅ ଓ ଝିଅ ମଧ୍ୟ କେଉଁଆଡ଼େ ଗାଏବ ହୋଇଯାଇଥିବା କୁହାଯାଉଛି । କିନ୍ତୁ ଏହି ଆର୍ଥିକ କାରବାର ସମ୍ପର୍କିତ ପ୍ରମାଣ ବର୍ତ୍ତମାନ ସୁଦ୍ଧା ପୋଲିସ ନିକଟରେ ନଥିବା ଥାନା ସୂତ୍ରରୁ ଜଣାପଡ଼ିଛି ।

## ମୋବାଇଲ ଲୁଟେରା ଅଟୋ ଡ୍ରାଇଭର ଗିରଫ




କଟକ(ନିପ୍ର): ଅଟୋ ଭଡାକୁ ନେଇ ବିବାଦ ଦେଖାଯିବା ପରେ ଯାତ୍ରୀ ଠାରୁ ଏକ ଆଇଫୋନ ଲୁଟି ନେଇ ଥିବା ଜଣେ ଅଟୋ ଡ୍ରାଇଭରକୁ ଚାଉଳିଆଗଞ୍ଜ ପୋଲିସ ଗିରଫ କରିବା ସହ ଲୁଟି ବିକ୍ରି କରିଥିବା ଆଇଫୋନକୁ ମଧ୍ୟ ଜବତ କରିଛି । ଗିରଫ ଅଭିଯୁକ୍ତ ମାଲଗୋଦାମ ଥାନା ଅନ୍ତର୍ଗତ ପାରେଶ୍ୱରସାହିର ଅସିତ କୁମାର ମିଶ୍ର ଓରଫ ଦେବୁ (୩୬) । ମିଳିଥିବା ସୂଚନା ଅନୁଯାୟୀ ମୟୁରଭଞ୍ଜ ତଳପଦାର ବିରୁପାକ୍ଷ ବେହେରା ଗତ ୩ ତାରିଖ ରାତିରେ ମଙ୍ଗଳାବାଗ ଟ୍ରାଫିକ ଛକ ନିକଟରୁ ଏକ ଅଟୋ (ଓଡି ୦୫ ସିଜେ ୮୭୪୬)କୁ ଭଡାରେ ନେଇ ରହିବା ପାଇଁ ବିଭିନ୍ନ ଲଜ ଖୋଜିଥିଲେ । ଶେଷରେ ଗଣ୍ଡରପୁର ନିକଟ ରେଳ ଷ୍ଟେସନ ନିକଟକୁ ଆସିଥିଲେ । ସେଠାରେ ଅଟୋ ଭଡାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଉପୁଜି ଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଅଟୋ ଚାଳକ ଦେବୁ ବିରୁପାକ୍ଷଙ୍କ ଏକ ଆଇଫୋନ ଛଡାଇ ନେଇ ଫେରାର ହୋଇଯାଇଥିଲା । ସେ ଏ ନେଇ ୪ ତାରିଖରେ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ । ଅଟୋ ମାଲିକ ସଞ୍ଜୟ ନାୟକଙ୍କୁ ପଚରା ଉଚରା ପରେ ଅଟୋ ଚାଳକ ଧରାପଡ଼ିଥିଲା ଓ ତା ତଥ୍ୟ ଆଧାରରେ ସେ ବିକ୍ରି କରିଥିବା ବ୍ୟକ୍ତିଙ୍କ ଠାରୁ ଆଇଫୋନ ଜବତ କରାଯାଇଥିଲା । ଅଟୋକୁ ଜବତ କରାଯିବା ସହ ଅଟୋ ଡ୍ରାଇଭରକୁ କୋର୍ଟ ଚାଲାଣ କରାଯାଇଛି ।

## ଟ୍ରେନରୁ ଦୁଇ ପ୍ରେମୀ ନାବାଳିକା ଉଦ୍ଧାର




କଟକ(ନିପ୍ର): ସାମାଜିକ ଗଣମାଧ୍ୟମ ଓ ମୋବାଇଲ ଫୋନ ଯୋଗାଯୋଗରେ ପ୍ରେମ ସମ୍ପର୍କ ସ୍ଥାପନ କରି ଅଭିଭାବକଙ୍କୁ ଲୁଚି ପ୍ରେମିକଙ୍କୁ ଦେଖାକରିବାକୁ ଆସାମରୁ ସୁଦୂର ବାଙ୍ଗାଲୋର ଯାଉଥିବା ଦୁଇ ନାବାଳିକାଙ୍କୁ ଆରପିଏଫ ପୋଲିସ କଟକ ରେଳ ଷ୍ଟେସନରୁ ଉଦ୍ଧାର କରିଛି । ଉଦ୍ଧାର ନାବାଳିକା ଦ୍ୱୟ ଆସାମ ବରପେଟା ଜିଲ୍ଲା ବାରଭିଟା ଗ୍ରାମର ବୋଲି ଜଣାପଡିଛି । ଜଣକର ବୟସ ୧୭ ହୋଇଥିବା ବେଳେ ଅନ୍ୟ ଜଣକର ବୟସ ୧୫ । ମିଳିଥିବା ସୂଚନା ଅନୁଯାୟୀ ଦୁଇ ନାବାଳିକା ଆସାମର ନିୟୁ ଟିନସୁକିଆ ଜଙ୍କସନରୁ ଚେନାଇ ତଂବାରମ ଯାଉଥିବା ୧୫୯୩୦ ନମ୍ବର ଟ୍ରେନରେ ଚଢ଼ିଥିଲେ । ଟ୍ରେନଟି କଟକ ଷ୍ଟେସନର ୩ ନମ୍ବର ପ୍ଲାଟଫର୍ମରେ ଦିନ ୧୧ଟା ୫୮ରେ ଲାଗିବା ପରେ ଆରପିଏଫ ଷ୍ଟାଫ ତନଖି ନେବା ବେଳେ ଦୁଇ ନାବାଳିକାଙ୍କୁ ଦେଖି ସନ୍ଦେହ କରିଥିଲେ । ଦୀର୍ଘ ସମୟ କାଉନସେଲିଂ କଲାପରେ ସେମାନେ ସେମାନଙ୍କ ପରିଚୟ ଓ ସମସ୍ତ ଘଟଣା ପ୍ରକାଶ କରିଥିଲେ । ଏହାପରେ ସେମାନଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ଅଭିଭାବକମାନଙ୍କୁ ଅବଗତ କରାଯାଇଛି ଓ ସେମାନେ ଆସି ପହଂଚି ଉଦ୍ଧାର ନାବାଳିକାଙ୍କୁ ନେବେ ବୋଲି ଆରପିଏଫ ପକ୍ଷରୁ ସୂଚନା ଦିଆଯାଇଛି ।

## ଚଳନ୍ତା ଟ୍ରେନରୁ ମହାନଦୀକୁ ଖସିପଡିଲେ ଯୁବକ : ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର

କଟକ(ନିପ୍ର): ଚଳନ୍ତା ଟ୍ରେନରୁ ଜଣେ ଯୁବକ ମହାନଦୀକୁ ଖସିପଡ଼ିଥିବା ବେଳେ ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏସସିବିରେ ଭର୍ତ୍ତି କରିଛନ୍ତି । ଉଦ୍ଧାର ଯୁବକ ଯାଜପୁର ବୈରୀ ଅଂଚଳର ସୁଶାନ୍ତ ପାତ୍ରୀ (୪୫) । ବୁଧବାର ପ୍ରାୟ ସାଢେ ଗୋଟାଏ ବେଳେ ଯୋବ୍ରା ଶନିମନ୍ଦିର ଗଡା ନିକଟରେ ଜଣେ ଯୁବକ ନଦୀରେ ପଡ଼ିଥିବା ଦେଖାଯାଇଥିଲା । ଏହା ଦେଖି ସ୍ଥାନୀୟ ଲୋକ ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ସେମାନେ ତତକ୍ଷଣାତ ସେଠାରେ ପହଂଚି ତାଙ୍କୁ ଉଦ୍ଧାର କରିଥିଲେ । ସେ ଟ୍ରେନରୁ ଖସି ପଡ଼ିଥିବା କହିଥିଲେ । ତାଙ୍କୁ ଚିକିତ୍ସା ପାଇଁ ଏସସିବିକୁ ପଠାଯାଇଥିଲା ଓ ତାଙ୍କ ପରିବାର ବର୍ଗଙ୍କୁ ଏ ନେଇ ଅବଗତ କରାଯାଇଥିଲା ।

## ଜୁଆ ଆଡ୍ଡା ଉପରେ ଚଡାଉ: ୪ ଗିରଫ



ପାରଳାଖେମୁଣ୍ଡି(ନିପ୍ର): ବିଶ୍ୱସ୍ତ ସୂଚନା ଆଧାରରେ ଅପରାହ୍ନ ପ୍ରାୟ ୪.୩୦ ଘଟିକା ସମୟରେ ପାରଳାଖେମୁଣ୍ଡି ପୋଲିସ କେରାଣ୍ଡି ଗ୍ରାମ ନିକଟ ଡାଲିମ୍ବପୁର ଜଙ୍ଗଲ ଭିତରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢାଉ କରିଥିଲା । ସେଠାରେ ପ୍ରାୟ ୨୦ଜଣ ବ୍ୟକ୍ତି ଜୁଆ ଖେଳୁଥିବା ବେଳେ ପୋଲିସକୁ ଦେଖି ଅନେକ ଲୋକ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ । ପୋଲିସ ଘଟଣାସ୍ଥଳରୁ କେ. ଖଗେଶ୍ୱର ରାଓ, ଗାଣ୍ଡେଡି ମାଧବ, ବିନୋଦ ଶ୍ରୀରାମ ଓ ମାଲିପୁରମ ସୋବନ ବାବୁଙ୍କୁ ଧରିଥିଲା । ସେମାନଙ୍କ ଠାରୁ ନଗଦ ଟଙ୍କା ୧୭,୮୦୦ ଟଙ୍କା, ତାସ ପତ୍ର, ୩ଟି ମୋବାଇଲ ଫୋନ ଓ ୩ଟି ମୋଟର ସାଇକେଲ ଜବତ କରାଯାଇଛି । ଏ ସମ୍ପର୍କରେ ପାରଳାଖେମୁଣ୍ଡି ଥାନା କେସ ନଂ ୨୩୪/୨୦୨୬ ରୁଜୁ କରାଯାଇ ତଦନ୍ତ ଚାଲିଛି ।

## ହାଇୱା ମ୍ୟାନେଜରଙ୍କୁ ବୀଭତ୍ସ ହତ୍ୟା

ଭୁବନେଶ୍ୱର(ନିପ୍ର): ରାଜଧାନୀ ଭୁବନେଶ୍ୱରରେ ଏବେ ଅପରାଧ ଉପରମୁହାଁ ହୋଇଛି । ମଙ୍ଗଳବାର ବିଳମ୍ବିତ ରାତିରେ ପାହାଳ ଥାନା ଅନନ୍ତପୁର ଗ୍ରାମର ପ୍ରଭାତ ବେହେରାଙ୍କୁ ଅତ୍ୟନ୍ତ ବୀଭତ୍ସ ଭାବେ ହାଣି ଦୁର୍ବୃତ୍ତମାନେ କେନାଲ କଡ଼ରେ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି । ମୃତକଙ୍କୁ ସଂଘ ବଦ୍ଧ ଭାବେ ଆକ୍ରମଣ ପରେ ହତ୍ୟା କରାଯାଇଥିବା ପରିବାର ଲୋକ ଅଭିଯୋଗ କରି ନିଆଳି-ନଖରା ମୁଖ୍ୟ ରାସ୍ତାକୁ ଶବ ରଖି ଘେରାଉ କରିଛନ୍ତି । ମୃତକ ଅନନ୍ତପୁର ଅଞ୍ଚଳର ହୋଇଥିବାବେଳେ ସେ ଜଣେ ହାଇୱା ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ । ହାଇୱା ମାଲିକଙ୍କ ସହ ମ୍ୟାନେଜରଙ୍କ ପୂର୍ବରୁ ବିବାଦ ଲାଗି ରହିଥିବାବେଳେ ମଙ୍ଗଳବାର ରାତିରେ ମୃତ ପ୍ରଭାତଙ୍କୁ ଜେସିବି ମାଲିକ ଟେନିସ୍ ପାତ୍ର, ତା ଭାଇ ଓ ଅନ୍ୟ ୩ ସହଯୋଗୀ ଘରୁ ଡ଼ାକି ନେଇଥିଲେ । ରାତିରେ ମୃତ ପ୍ରଭାତ ଘରକୁ ଫେରି ନଥିବାବେଳେ ସକାଳେ ଗ୍ରାମବାସୀ କେନାଲ ବନ୍ଧ ନିକଟରେ ପ୍ରଭାତଙ୍କ ମୃତ ଶରୀର ଦେଖିଥିଲେ । ବହୁ କଟା ଦାଗ ସହ ରକ୍ତାକ୍ତ ଅବସ୍ଥାରେ ଗ୍ରାମବାସୀ ପ୍ରଭାତଙ୍କୁ କେନାଲ କଡ଼ରେ ପାଇଥିବାବେଳେ ମୃତକଙ୍କ ଭାଇଙ୍କ ଅଭିଯୋଗ ଅନୁଯାୟୀ ମୃତ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚ଼ିହ୍ନ ଥିବାବେଳେ ନିକଟରେ ଭଙ୍ଗା ମଦବୋତଲ ପଡିଥିବା ଓ ନିକଟରେ ମୃତଙ୍କ ସ୍କୁଟି ଥୁଆ ହୋଇଥିଲା । ମୃତ ଦେହକୁ ଦେଖିଲେ, ପ୍ରଥମେ ସଂଘବଦ୍ଧ ଭାବେ ଆକ୍ରମଣ ପରେ ମାରଣାସ୍ତ୍ରରେ ତାଙ୍କୁ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି । ନ୍ୟାୟ ଦାବିରେ ଗ୍ରାମବାସୀ ରାସ୍ତା ରୋକ କରିଥିବାରୁ ଅନେକ ସମୟ ଲୋକଙ୍କ ଯାତାୟାତ ବ୍ୟାହତ ହୋଇଛି । ପାହାଳ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ କସରତ କରିବା ପରେ ରାସ୍ତା ରୋକ ହଟିଛି ।

## ଗାଡ଼ି ସାଇଡ଼ମରାକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର(ନିପ୍ର): ଗାଡ଼ି ସାଇଡ଼ମରାକୁ ନେଇ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ବୁଧବାର ଜଣେ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ଦଧିବାମନ ଜେନା ଓରଫ ଦଧି (୨୨) ଓ ତାଙ୍କ ଘର ପୁରୁଣା ଭୁବନେଶ୍ୱରର ବଡୁ ସାହିରେ ବୋଲି ଜଣାପଡ଼ିଛି । ଏନେଇ ଅଭିଜିତ ସାହୁ ଥାନାରେ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ,ଗତ ୧୦ ତାରିଖ ଦିନ ସକାଳ ୧୦ଟା୧୫ ମିନିଟ୍ ସମୟରେ ଅଭିଯୋଗକାରୀ ଇନ୍ଦିରା ମଇଦାନ ନିକଟରେ ନିଜ ସ୍କୁଟିରେ ଯାଉଥିବା ବେଳେ ଏକ ହୁଣ୍ଡାଇ ଆଇ-୨୦ କାର ବେପରୁଆ ଓ ବିପଦଜନକ ଭାବରେ ବିପରୀତ ଦିଗରୁ ଆସି ତାଙ୍କ ସହ ଧକ୍କା ହେବାରୁ ଅଳ୍ପକେ ବର୍ତ୍ତିଯାଇଥିଲା । ଏହାକୁ ନେଇ ଅଭିଯୋଗକାରୀ ଗାଡ଼ିଟିକୁ ଅଟକାଇ ପ୍ରତିବାଦ କରିବାରୁ କାରରେ ଥିବା ଅଭିଯୁକ୍ତ ଦଧିବାମନ ଓ ତାଙ୍କ ସହଯୋଗୀମାନେ ଲାଠି ଓ ହକି ଷ୍ଟିକ୍ ଧରି ବାହାରକୁ ଆସି ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପରେ ସେମାନେ ଅଭିଯୋଗକାରୀଙ୍କ ମୁଣ୍ଡ, ହାତ ଓ ଗୋଡ଼ରେ ଆକ୍ରମଣ କରି ଆହତ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଅଭିଯୋଗକାରୀ ସେଠାରୁ ଖସି ପଳାଇ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ଦଧିବାମନ ଜେନା ଉର୍ଫ ଦଧି ତାଙ୍କ ସହଯୋଗୀ ରାହୁଲ ମାଝୀ ଉର୍ଫ କାହ୍ନା, ସୋମନାଥ ଓ ପାଇଲଟଙ୍କ ସହ ମିଶି ଅଭିଯୋଗକାରୀଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ । ଘଟଣାରେ ବ୍ୟବହୃତ ହୁଣ୍ଡାଇ ଆଇ-୨୦ କାରଟି ରାଉରକେଲାର ସନକ ମହାନ୍ତିଙ୍କର ହୋଇଥିବା ବେଳେ ଘଟଣା ପୂର୍ବରୁ ଅଭିଯୁକ୍ତମାନେ ଏହାକୁ ନେଇ ଆସିଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିଲା । ଉକ୍ତ କାରକୁ ମଧ୍ୟ ଜବତ କରାଯାଇଥିଲା । ଅଧିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଦଧିବାମନ ଜେନା ଜଣେ ଅଭ୍ୟାସଗତ ଅପରାଧୀ ଏବଂ ହତ୍ୟା ଉଦ୍ୟମ, ମାଡ଼ମାରି, ଲୁଟ୍, ଆର୍ମ୍ସ ଆକ୍ଟ ଏବଂ ବିସ୍ଫୋରକ ଦ୍ରବ୍ୟ ଆଇନ ସମ୍ବନ୍ଧୀୟ ମୋଟ ୭ଟି ଅପରାଧିକ ମାମଲାରେ ପୂର୍ବରୁ ସଂପୃକ୍ତ ଅଛନ୍ତି ।

## ପରିବା କ୍ଷେତ ଓ କୁଡ଼ିଆକୁ ଜାଳିଦେଲେ ଦୁର୍ବୃତ୍ତ



ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳି ଥାନାର ହିଞ୍ଜିଳି ପି. ରାମଚନ୍ଦ୍ରପୁର ଗ୍ରାମ୍ୟ ସଡ଼କ ପାର୍ଶ୍ୱରେ ଥିବା ଏକ ପରିବା କ୍ଷେତରେ ଲାଗିଥିବା ବିଭିନ୍ନ ରକମର ଫଳ ଗଛଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବା ସହ ସେଥି ମଧ୍ୟରେ ଥିବା ଏକ କୁଡ଼ିଆକୁ ବୁଧବାର କିଛି ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଥିବା ଜଣାପଡିଛି । ହିଞ୍ଜିଳି ଗ୍ରାମର ପରିବା ଚାଷୀ ଶିବରାମ ସାବତ ସକାଳେ କ୍ଷେତକୁ ଗଲା ପରେ କୌଣସି ଦୁର୍ବୃତ୍ତ ଏଭଳି କାଣ୍ଡ ଭିଆଇ ଆର୍ଥିକ କ୍ଷୟକ୍ଷତି କରିଥିବା ଦେଖିବାକୁ ପାଇଥିଲେ । ପୀଡ଼ିତ ଚାଷୀ ଶିବରାମ ପରିବାରର ଆର୍ଥିକ ବୋଝ ଓ ଗୁଜୁରାଣ ମେଣ୍ଟାଇବା ପାଇଁ ଦିନ ତମାମ ଅକ୍ଳାନ୍ତ ପରିଶ୍ରମ କରି କ୍ଷେତରେ ବିଭିନ୍ନ ରକମର ପନିପରିବା ଚାଷ କରିବା ସହ ସେଗୁଡ଼ିକର ଉପଯୁକ୍ତ ଯତ୍ନ ନେବା ପାଇଁ ଏକ କୁଡ଼ିଆ ଘର ତିଆରି କରି ଜଗାରଖା କରୁଥିଲେ । କିନ୍ତୁ ତାଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ କୌଣସି ଦୁର୍ବୃତ୍ତ ପରିବା କ୍ଷେତରେ ଲାଗିଥିବା ବିଭିନ୍ନ ରକମର ଫଳ ଓ ପନିପରିବା ଗଛଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବା ସହ କୁଡ଼ିଆ ଘରକୁ ବି ନିଆଁ ଲଗାଇ ପୋଡ଼ି ଦେଇଥିବା ଜଣାପଡ଼ିଛି ।

## ସୁଧାର ଗୃହକୁ ଗଲା ସ୍ତ୍ରୀ ହତ୍ୟାକାରୀ

ପିପିଲି(ନିପ୍ର): ପିପିଲି ଥାନା ଅଧୀନରେ ଥିବା ସାତଶଙ୍ଖ ଫାଣ୍ଡି ଅଞ୍ଚଳର ଏକ ଯୌତୁକଜନିତ ହତ୍ୟାକାରୀ ସ୍ୱାମୀ ବୁଧବାର କୋର୍ଟ ଚାଲାଣ ହୋଇ ନିମାପଡା ସୁଧାର ଗୃହକୁ ପଠାଯାଇଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ଶାଶୁ ଶଶୁର, ନଣନ୍ଦମାନେ ଆତ୍ମଗୋପନ କରିଥିବା ପୋଲିସ ସୂଚନା ଦେଇଛି । ଅନ୍ୟ ହତ୍ୟାକାରୀମାନେ ଯଥାଶୀଘ୍ର ଗିରଫ କରିବା ପାଇଁ ପୋଲିସ ନଜର ରଖିଛି । ସୂଚନା ଅନୁଯାୟୀ କଟକ ଜିଲ୍ଲା ବାଙ୍କୀ ଅଞ୍ଚଳର ମୃତ ମହିଳା ସାତଶଙ୍ଖ ଫାଣ୍ଡି ଅଞ୍ଚଳର ସୁବ୍ରତ ପାତ୍ରକୁ ଭଲପାଇ ବାହା ହୋଇଥିଲେ । ଯୌତୁକ ଦାବିକରି ସ୍ୱାମୀ ଓ ତାର ପରିବାର ବର୍ଗ ନିର୍ଯାତନା ଦେବା ସହିତ ମଝିରେ ମଝିରେ ମରଣାନ୍ତକ ଆକ୍ରମଣ କରିଥାନ୍ତି । ଗତ ମଙ୍ଗବାର ସ୍ୱାମୀ ଓ ପରିବାର ସଦସ୍ୟମାନେ ମାରି ଦେଇ ତାର ମାଆକୁ ଖବର ଦେଇଥିଲେ । ଖବରପାଇ ମାଆ ଓ ସମ୍ପର୍କୀୟ ପହଞ୍ଚି ଝିଅର କାନମୁଣ୍ଡାରୁ ରକ୍ତ ବାହାରିଥିବା ଦେଖି ଓ ଜ୍ୱାଇଁ ସୁବ୍ରତ ପାତ୍ର ଘରେ ନଥିବା ସନ୍ଦେହ କରି ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପିପିଲି ପୋଲିସ କେସ ନଂ -୩୮୯/୨୬ ମାମଲା ଆଗତ କରି ସ୍ୱାମୀ ସୁବ୍ରତକୁ ଗିରଫ କରି ବୁଧବାର ପିପିଲି ଜୁଡ଼ିସିଆଲ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର କରିଥିଲେ । ମୃତ ମହିଳାଙ୍କ ୩ ଗୋଟି ସନ୍ତାନ ଥିବା ଜାଣିବାକୁ ମିଳିଛି ।

## ଯୁବକଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର



କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ସଂସାରଫଳ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ସଂସାରଫଳ ମଦ କାଉଣ୍ଟରଠାରୁ ମାତ୍ର ୧୦୦ ମିଟର ଦୂରତାରେ ଥିବା ଏକ ପୋଲ ପାଖରୁ ଜଣେ ଯୁବକଙ୍କ ମୁଣ୍ଡବିହୀନ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଛି । ଘଟଣା ସମ୍ପର୍କରେ ଖବର ପାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ୍ ପୁଲିସ ଟିମ୍ ସହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ପୋଲିସ ଶବକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି । ଯୁବକଜଣଙ୍କୁ ହତ୍ୟା କରାଯାଇଛି ନା ଏହା ପଛରେ ଅନ୍ୟ କିଛି ରହସ୍ୟ ରହିଛି, ସେ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଉତ୍ତେଜନା ପ୍ରକାଶ ପାଇଛି ।

## ବାଲି ବୋଝେଇ ଟ୍ରାକ୍ଟର ଜବତ




ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳିକାଟୁ ଓ ଆସିକା ଦେଇ ପ୍ରବାହିତ ଋଷିକୂଲ୍ୟା ଓ ଘୋଡାହାଡ ନଦୀରୁ ବେଆଇନ ଭାବେ ବାଲି ଚୋରାଚାଲାଣ ଚାଲିଛି । ପୁଲିସ ଓ ରାଜସ୍ୱ ବିଭାଗ ପକ୍ଷରୁ ଚଢାଉ କରାଯାଉଥିଲେ ମଧ୍ୟ ମାଫିଆମାନେ ପ୍ରଶାସନକୁ ଚକମା ଦେଖାଇ ପ୍ରତ୍ୟହ ରାତ୍ରଠାରୁ ଭୋର୍ ସମୟ ପର୍ଯ୍ୟନ୍ତ ଗଳାବାଟ ଦେଇ ହଜାର ହଜାର ସଂଖ୍ୟକ ହାଇୱା, ଟିପ୍ପର, ଟ୍ରକ୍ ଓ ଟ୍ରାକ୍ଟର ଯୋଗେ ବାଲି ଚୋରାଚାଲାଣ କରୁଥିବା ନଜିର ରହିଛି । ବୁଧବାର ସକାଳେ ହିଞ୍ଜିଳି ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଲିଜ୍ ହୋଇନଥିବା ବ୍ରାହ୍ମଣଛାଇ ଋଷିକୂଲ୍ୟା ବାଲିଘାଟରୁ ବେଆଇନ ଭାବେ ବାଲି ଚୋରାଚାଲାଣ କରୁଥିବା ଏକ ଟ୍ରାକ୍ଟରକୁ ଅଟକାଇ ଟ୍ରାଞ୍ଜିଟ୍ ପାସ୍ ଯାଞ୍ଚ କରିଥିଲେ । ବିନା ଟ୍ରାଞ୍ଜିଟ୍ ପାସରେ ବାଲି ଚାଲାଣ ଅଭିଯୋଗରେ ପୁଲିସ ସଂପୃକ୍ତ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଚାଳକଙ୍କୁ ଥାନାରେ ଅଟକ ରଖିଛି । ଏ ନେଇ ହିଞ୍ଜିଳି ଥାନାରେ କେସ ନଂ-୪୨୦/୨୬ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଛି । ଆଗାମୀ ଦିନରେ ବେଆଇନ ଭାବେ ବାଲି ଚୋରାଚାଲାଣ କରୁଥିବା ଗାଡିଗୁଡ଼ିକୁ ଜବତ କରାଯିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି । ଚଢ଼ାଉରେ ଥାନା ଏସଆଇ ସୁରେଶ କୁମାର ସାହୁ, ରଶ୍ମିରଞ୍ଜନ ସାମଲ, କନେଷ୍ଟବଳ ବସନ୍ତ ଉପାଧ୍ୟାୟ, ଦଣ୍ଡପାଣି ମଲ୍ଲିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ୩୮୦ ପେଟି ବେଆଇନ ମଦ ସହ ଗାଡି ଜବତ: ଜଣେ ଗିରଫ







ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ପୋଲିସକୁ ମିଳିଛି ଏକ ବଡ଼ ସଫଳତା । ବେଆଇନ ମଦ ଚାଲାଣ ହେଉଥିବା ବିଷୟରେ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜଂକିଆ ପୋଲିସ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୦୭:୧୬ ମିନିଟ ସମୟରେ ବାହାଡ଼ା ଛକ ନିକଟରେ ଚଢ଼ାଉ କରିଥିଲା । ଏହି ଚଢ଼ାଉ ସମୟରେ ଏକ ବେଆଇନ ମଦ ବୋଝେଇ ପିକଅପ୍ ଭ୍ୟାନକୁ ଜବତ କରାଯିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ପୋଲିସ ସୂଚନା ଅନୁଯାୟୀ, ବାହାଡ଼ା ଛକ ନିକଟରେ ସନ୍ଦେହଜନକ ଭାବେ ଗତି କରୁଥିବା ଏକ ମହିନ୍ଦ୍ରା ବୋଲେରୋ ପିକଅପ୍ ଗାଡ଼ି (ରେଜିଷ୍ଟ୍ରେସନ ନଂ- ଓଡ଼ି୦୨ବିକେ ୦୬୩୬)କୁ ପୋଲିସ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ସମୟରେ ଗାଡ଼ି ଭିତରୁ ୩୮୦ କାର୍ଟୁନ୍ 'ଆସ୍କା ଫର୍ଟି' ଦେଶୀ ମଦ ଉଦ୍ଧାର କରାଯାଇଥିଲା, ଯାହାର ଆନୁମାନିକ ପରିମାଣ ପ୍ରାୟ ୧,୯୦୦ ଲିଟର ହେବ ଓ ଆନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି । ଏହି ବେଆଇନ ମଦ ପରିବହନ ସମ୍ପର୍କରେ କୌଣସି ବୈଧ ଲାଇସେନ୍ସ କିମ୍ବା କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଗାଡ଼ି ଚାଳକକୁ ଘଟଣାସ୍ଥଳରୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ତରତୁଆ ଅଞ୍ଚଳର ଦେବାଶିଷ ପଣ୍ଡା (୨୭) । ଏହି ଘଟଣାରେ ଜଂକିଆ ଥାନା ଏସଆଇ ଜ୍ୟୋତ୍ସ୍ନା ରାୟଙ୍କ ଅଭିଯୋଗ କ୍ରମେ ଓଡ଼ିଶା ଅବକାରୀ ଆଇନ, ୨୦୧୬ ର ଧାରା ୫୨(ଏ)(ଆଇ) ଅନୁଯାୟୀ ଏକ ମାମଲା (କେସ୍ ନଂ- ୪୨୦/୨୦୨୬) ରୁଜୁ କରାଯାଇଛି । ଏହି ବେଆଇନ ମଦ କାରବାର ପଛରେ ଆଉ କାହାର ସଂପୃକ୍ତି ରହିଛି, ସେ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି । ଏହି ସଫଳତା ସମ୍ପର୍କରେ ଆୟୋଜିତ ପ୍ରେସ ମିଟ୍‌ରେ ଖୋର୍ଦ୍ଧା ଏସପି ପରମାର ସ୍ମିତ ପରଶୋତ୍ତମ ଦାସ, ଖୋର୍ଦ୍ଧା ଏସଡିପିଓ ପଙ୍କଜ କୁମାର ମାଝୀ ଏବଂ ଜଂକିଆ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ମାଳବନ୍ଧ ରାସ୍ତା ପାଲଟିଛି ମଦ୍ୟପଙ୍କ ଆଡ୍ଡାସ୍ଥଳ



ଖଣ୍ଡପଡ଼ା(ନିପ୍ର): ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ କୁସୁମୀ ମାଳବନ୍ଧ ରାସ୍ତା ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଜଣାପଡିଛି । କିବା ଦିନ ଓ ରାତିରେ ମାଳବନ୍ଧ ରାସ୍ତାର ବିଭିନ୍ନ ସ୍ଥାନରେ ମଦ୍ୟପଙ୍କ ଭିଡ ଜମୁଥିବାରୁ କୁସୁମୀ ନଦୀକୁ ସ୍ନାନ କରିବାକୁ ଆସୁଥିବା ଆଖପାଖ ଗ୍ରାମର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ମାଳବନ୍ଧ ସାରା ଯେଉଁଠି ଦେଖିବ ସେଇଠି ମଦ ବୋତଲ ଗଡୁଥିବା ପରିଲକ୍ଷିତ ହେଉଛି । ପ୍ରକାଶଥାଉକି କୁସୁମୀ ମାଳବନ୍ଧ ରାସ୍ତା ପାର୍ଶ୍ୱରେ ଖଣ୍ଡପଡ଼ା ଅଞ୍ଚଳର ଆରାଧ ମା ପାଟଚଣ୍ଡୀଙ୍କ ପୀଠ ଅବସ୍ଥିତ । ଦୈନିକ ମା'ଙ୍କ ପୀଠକୁ ଭକ୍ତଙ୍କ ସୁଅ ଛୁଟିଥାଏ । ତେବେ ମାଳବନ୍ଧ ରାସ୍ତା ଉପରେ ଓ ତଳେ କୁଢକୁଢ ମଦ ବୋତଲ ଗଡୁଥିବାକୁ ଦେଖି ଭକ୍ତମାନେ ଅସନ୍ତୋଷ ବ୍ୟକ୍ତ କରୁଥିବା ବେଳେ ମା'ଙ୍କ ପୀଠର ପବିତ୍ରତା ବେଳକୁ ବେଳ ନଷ୍ଟ ହେଉଥିବାରୁ ଅଞ୍ଚଳବାସୀ ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏ ଦିଗରେ ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

### ସୁପ୍ରିମକୋର୍ଟଙ୍କ ଛାଟ ପରେ ସକ୍ରିୟ ହେଲା ପ୍ରଶାସନ

# ନିର୍ଦ୍ଦେଶ ପରେ ହଟିଲା ଦୀପତଳ ଅନ୍ଧାର

ନୂଆଦିଲ୍ଲୀ/ସୁବର୍ଣ୍ଣପୁର, ୧୭/୬: ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ଫୋକସରେ ବିନିକାର ବୃଦ୍ଧା ମାଆ ଓ ଦୃଷ୍ଟିହୀନ ପୁଅ । ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ସେମାନଙ୍କ ପାଖକୁ ଛୁଟିଛି ସରକାରୀ ସହାୟତାର ସୁଅ । ଗତକାଲିଠାରୁ ଆକ୍ଟିଭ ମୋଡ୍‌ରେ ଜିଲ୍ଲା ପ୍ରଶାସନ । ଗାଁକୁ ପହଞ୍ଚି ମାଆ ପୁଅଙ୍କ ସମସ୍ୟା କଥା ବୁଝିବା ସହ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ବର୍ଷବର୍ଷ ଧରି ଅକଥନୀୟ ଦୁଃଖକଷ୍ଟ ସହି ବଞ୍ଚୁଥିଲେ ସୁବର୍ଣ୍ଣପୁର ଜିଲ୍ଲା ବିନିକା ବାଗଡ଼ିଆର ବୃଦ୍ଧା ରାଧିକା ଭୁଏ ଓ ତାଙ୍କ ଦୃଷ୍ଟିବାଧିତ ପୁଅ ଜପ ଭୁଏ । ହେଲେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ବଦଳିଛି ଚିତ୍ର, ଜାଗିଛି ଆଶା । ତାଙ୍କ ଘରେ ପଡ଼ିଛି ପ୍ରଶାସନର ପାଦ । ଜିଲ୍ଲା ପ୍ରଶାସନ ପହଞ୍ଚି ଜପ ଭୁଏଙ୍କ ଆଧାର କାର୍ଡ ଓ ବ୍ୟାଙ୍କ ଖାତା ଖୋଲିଛନ୍ତି । ଏଥିସହ ଉଭୟ ମାଆ ପୁଅଙ୍କୁ ଆମ୍ବୁଲାନ୍ସ



ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଛି । ଆଜି ଜିଲ୍ଲାପାଳ ହସ୍ପିଟାଲକୁ ଆସି ଉଭୟ ମାଆ ପୁଅଙ୍କୁ ଭେଟିଛନ୍ତି । ଦିବ୍ୟାଙ୍ଗ ଜପଙ୍କ ମୁଣ୍ଡରେ ଥିବା ଆବୁକୁ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟାଳୟରେ ଅସ୍ତ୍ରୋପଚାର କରାଯିବ ବୋଲି କହିଛନ୍ତି ଏଡିଏମଓ । ସୁବର୍ଣ୍ଣପୁର ଜିଲ୍ଲାପାଳ କହିଛନ୍ତି ମାଆ ରାଧିକାଙ୍କୁ ଆଗରୁ ପକ୍କା ଘର ମିଳିଥିବାବେଳେ, ଉଭୟ ମାଆ ଓ ପୁଅ ୩୫ଶହ ଟଙ୍କା ଲେଖାଏଁ ଭତ୍ତା ଓ ୫ କେଜି ଲେଖାଏଁ ଚାଉଳ ପାଉଛନ୍ତି । ତଥାପି ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ସେମାନଙ୍କ ବାକି ସମସ୍ୟା ଦୂର କରିବାକୁ ଗୁରୁତ୍ୱ ଦିଆଯାଉଛି । ବିକଶିତ ଓଡ଼ିଶା ପାଇଁ ସରକାର ସ୍ୱପ୍ନ ଦେଖୁଥିବା ବେଳେ ଏବେ ବି ଅନେକ ପରିବାର ମୁଣ୍ଡ ଉପରେ ଛାତ ଖଣ୍ଡିଏ ନାହିଁ । ବଞ୍ଚିବା ପାଇଁ ରାହା ଖୋଜୁଛନ୍ତି, ଅକଥନୀୟ କଷ୍ଟ ଭୋଗୁଛନ୍ତି । କିନ୍ତୁ ବିଡ଼ମ୍ବନାର ବିଷୟ ସେମାନଙ୍କ ଉପରେ ନା ପ୍ରଶାସନ ନା ରାଜନେତା, କାହାର ବି ନଜର ପଡୁନି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ରାଧିକା ଓ ଜପଙ୍କୁ ସହାୟତା ମିଳିଛି ସିନା, ହେଲେ ଏବେ ବି ଅନେକ ସଂଘର୍ଷ କରୁଛନ୍ତି ସାମାଜିକ ସୁରକ୍ଷା ଓ ସମ୍ମାନର ସହ ବଞ୍ଚିବା ପାଇଁ ।

## ରଥ ନିର୍ମାଣ ଅଗ୍ରଗତି, ତିନି ରଥରେ ପଡ଼ିଲା ମୂଳ କଇଞ୍ଚି

ପୁରୀ, ୧୭/୬(ନିପ୍ର): ବୁଧବାର ଅପରାହ୍ନରେ ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ଭୋଇ ସେବକମାନେ ମିଶି ତିନି ରଥର ମୂଳ କଇଞ୍ଚି ବା ଚାରି ନାହାକା କଇଞ୍ଚି ତିନିରଥରେ ଦୁଇଟି ଲେଖାଏଁ ଉଭୟ ପାର୍ଶ୍ୱରେ ପଡ଼ିଛି । (ଏହି କଇଞ୍ଚି ତିନିରଥ ଭୂଇଁକୁ ମଜଭୁତ କରି ରଖିବା ପାଇଁ ଚାରି ନାହାକା ଭିତର ପାର୍ଶ୍ୱରେ ଚାର ନାହାକା ମୂଳରୁ କ୍ରସ କରି ଫିଟିଙ୍ଗ କରାଯାଇଛି । ଏଥିସହ ରଥ ଚାଳିରେ ମହାରଣା ସେବକମାନେ ତିନିରଥର ବାକି ପୋଟଳ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଜାରି ରହିଛନ୍ତି । ମହାରଣା ସେବକମାନେ ତିନିରଥର ଦୁଆର ବେଢ଼ା ପାଇଁ ୮ ଟି ଲେଖାଏଁ ଗାରେଡ଼ି ଏବଂ ୪ ଗୋଟି ଲେଖାଏଁ ଅଁଳା ନିର୍ମାଣ ଶେଷ କରିଛନ୍ତି । ଏଥିସହ ଆଜି ତିନିରଥର ଘୋଡ଼ା ସେଟିଙ୍ଗ ପାଇଁ ତିନିରଥ ସମ୍ମୁଖ ଭାଗ ନୀରାଡ଼ି ତଳ ଭାଗରେ ଗୋଟିଏ ଗୋଟିଏ ଚାର ପରିଛା ଫିଟିଙ୍ଗ ସହ କଣ୍ଟା ପଡ଼ିବା ଶେଷ ହୋଇଛି । ଏହି ଚାର ପରିଛାରେ ଇସ ସଂଯୋଗ ହୋଇ ରଥରେ ଘୋଡ଼ା ଲାଗିବାରେ ସହାୟକ ହୋଇଥାଏ । ଏଥିସହ ଏହି ତିନିରଥର ଆଗ ଆଣି ପଛ ଆଣି ଦୁଇଟି ଲେଖାଏଁ କତରା ତିନିରଥରେ ସେଟିଙ୍ଗ କାର୍ଯ୍ୟ ଶେଷ ହୋଇଅଛି । ରୂପକାର ସେବକମାନେ ତିନିରଥର ଗୋଟିଏ ଗୋଟିଏ ଚାର ପରିଛାରେ ପଦ୍ମ ଫୁଲ, ମୟୂର ଏବଂ ଡାଳି ଲତା ଖୋଦେଇ ଶେଷ ପରେ ତିନିରଥର ଭୋଇ ସେବକମାନଙ୍କୁ ଫିଟିଙ୍ଗ



ପାଇଁ ଯୋଗାଇ ଦେବା ସହ ତିନିରଥର ଦୁଆର ବେଢ଼ା ପାଇଁ ନାଟ ଗୋଡ଼ ଗୁଡ଼ିକରେ କନ୍ଦର୍ପ ରୂପ ଖୋଦେଇ ଜାରି ରଖିଛନ୍ତି । ଚିତ୍ରକାର ସେବକମାନେ ପାର୍ଶ୍ୱ ଦେବ ଦେବୀମାନଙ୍କ ମୂର୍ତ୍ତି ଗୁଡିକରେ ରଙ୍ଗ କାର୍ଯ୍ୟ ସହ ତିନି ରଥର ବାହ୍ୟ ଅଂଶ ଯଥା ଚକ, କୋଣ ଗୁଜ, ପଟା ଗୁଜ ଇତ୍ୟାଦିରେ ଧାଳା ପ୍ରାଇମର୍ ଦେବା କାର୍ଯ୍ୟ ଜାରି ରଖିଛନ୍ତି । ଦୋଳ ବେଦୀ ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକମାନେ ତିନିରଥର ପୋଟଳ ପାଇଁ ବାଗିଆ କଣ୍ଟା, ଜଙ୍ଘା କଣ୍ଟା ଏବଂ ଓଲଟ ଶୁଆ ଫିଟିଙ୍ଗ ପାଇଁ ନରାଜ କଣ୍ଟା ନିର୍ମାଣ ଜାରି ରଖିଛନ୍ତି ।

## ଭତ୍ତା ଟଙ୍କା ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକେଇଲେ ବହୁ ବୃଦ୍ଧ ଓ ବୃଦ୍ଧା



ଆସିକା, ୧୭/୬(ନିପ୍ର): ଭତ୍ତା ଟଙ୍କା ପାଇଁ ଆସିକା ବ୍ଲକ ନିମିନା ପଞ୍ଚାୟତ ସରପଞ୍ଚ ଓ ପିଇଓଙ୍କୁ ତାଲା ପକେଇଲେ ବୃଦ୍ଧ ଓ ବୃଦ୍ଧା । ସାରା ରାଜ୍ୟରେ ଗରିବ ଅସହାୟ ହିତାଧିକାରୀମାନଙ୍କୁ ସରକାର ଯୋଗାଇ ଦେଉଥିବା ପେନସନ ଗତ ତିନି ମାସ ହେବ ଯୋଗାଇବାରେ ବିଫଳ ହୋଇଥିଲା ବେଳେ ଏହି ପେନସନ ବନ୍ଦ ହୋଇଥିବା ଘଟଣାକୁ ନେଇ ଦିନକୁ ଦିନ ହିତାଧିକାରୀମାନଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ରରୂପ ନେଇଛି । ଏହି ପେନସନ ବନ୍ଦ ଘଟଣାକୁ ନେଇ ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ନିମିନା ପଞ୍ଚାୟତ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏ. ଭିକାରି ପ୍ରଧାନଙ୍କୁ ପଞ୍ଚାୟତ ମଧ୍ୟରେ ତାଲା ପକାଇଛନ୍ତି ହିତାଧିକାରୀ । ପ୍ରକାଶ ଥାଉକି ଆସିକା ବ୍ଲକ ପ୍ରଶାସନ ନିର୍ଦ୍ଦେଶ କ୍ରମେ ନିମିନା ପଞ୍ଚାୟତର ଜୁନ ମାସର ୮୨୫ ଜଣ ମଧୁବାବୁ ପେନସନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ପାଇଁ ସବୁ ପ୍ରସ୍ତୁତି ଶେଷ ହୋଇଥିଲା । ସକାଳ ସମୟରୁ ଶତାଧିକ ବୃଦ୍ଧ, ବୃଦ୍ଧା, ବିଧବା, ଦିବ୍ୟାଙ୍ଗ ହିତାଧିକାରୀ ସେମାନଙ୍କ ଭତ୍ତା ପାଇବା ପାଇଁ ପଞ୍ଚାୟତ ନିକଟରେ ପହଞ୍ଚି ଥିଲେ । ନିମିନା ପଞ୍ଚାୟତ ପିଇଓ ଏ.ଭିକାରି ପ୍ରଧାନ ଏବଂ ସରପଞ୍ଚ ନଗଦ ଭତ୍ତା ଟଙ୍କା ବାଣ୍ଟୁଥିଲା ବେଳେ ହଠାତ ଗତ ତିନି ମାସ ହେଲା ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ପେନସନ ଯୋଜନା ଅନ୍ତର୍ଭୁକ୍ତ ବୃଦ୍ଧ ବୃଦ୍ଧା ୨୭୨ ଜଣ, ଦିବ୍ୟାଙ୍ଗ ୨୦, ବିଧବା ୯୪ ଜଣ ଯୋଜନାର ହିତାଧିକାରୀଙ୍କ ମଧ୍ୟରୁ କିଛି ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଯଦି ରାଜ୍ୟ ମଧୁବାବୁ ପେନସନ ବାଲାଙ୍କୁ ନଗଦ ଟଙ୍କା ଦେଉଛ ଆମକୁ ଭି ଦିଆଯାଉ ବୋଲି ପ୍ରତିବାଦ କରିଥିଲେ ଏବଂ ପଞ୍ଚାୟତ ଫାଟକରେ ତାଲା ପକାଇ ସରପଞ୍ଚ ଓ ପିଇଓ ଓ କିଛି ପେନସନ ହିତାଧିକାରୀଙ୍କୁ ବାହାରକୁ ଛାଡ଼ିନଥିଲେ । ଆସିକା ବିଡ଼ିଓ ରାଜେନ୍ଦ୍ର ନାୟକ, ଅତିରିକ୍ତ ବିଡ଼ିଓ ସୁଶାନ୍ତ କୁମାର ବେହେରା ପହଞ୍ଚି ହିତାଧିକାରୀମାନଙ୍କୁ ବୁଝା ସୁଝା କରିଥିଲେ ମଧ ହିତାଧିକାରୀମାନେ ନିଜ ଜିଦ୍‌ରେ ଅଟଳଥିଲେ ।

## ଭାରତର ଇତିହାସ ଦାସତ୍ୱର ନୁହେଁ, ବରଂ ଆକ୍ରମଣକାରୀଙ୍କ ବିରୋଧରେ ନିରନ୍ତର ସଂଘର୍ଷର: ଡକ୍ଟର ମୋହନ ଭାଗବତ

ଉଦୟପୁର, ୧୭/୬: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ଡକ୍ଟର ମୋହନ ଭାଗବତ କହିଛନ୍ତି ଯେ ଭାରତର ଇତିହାସ ଦାସତ୍ୱର ନୁହେଁ, ବରଂ ଆକ୍ରମଣକାରୀଙ୍କ ବିରୋଧରେ ନିରନ୍ତର ସଂଘର୍ଷର । ହଳଦୀଘାଟି ଯୁଦ୍ଧ କେବଳ ମହାରାଣା ପ୍ରତାପ କିମ୍ବା ତାଙ୍କ ସେନା ଦ୍ୱାରା ଲଢ଼ିଥିବା ଯୁଦ୍ଧ ନୁହେଁ, ବରଂ ସମଗ୍ର ସମାଜର ସାମୂହିକ ପ୍ରତିରୋଧର ପ୍ରତୀକ ଥିଲା । ସେ କହିଛନ୍ତି ଯେ ଉପଲବ୍ଧ ଐତିହାସିକ ତଥ୍ୟ ଏବଂ ମୋଗଲ ଇତିହାସକାରଙ୍କ ଦ୍ୱାରା ଲିଖିତ ବିବରଣୀ ସ୍ପଷ୍ଟ ଭାବରେ ସୂଚିତ କରେ ଯେ ମହାରାଣା ପ୍ରତାପ ହଳଦୀଘାଟିରେ ବିଜୟୀ ହୋଇଥିଲେ । ମହାରାଣା ପ୍ରତାପଙ୍କ ୪୮୬ତମ ଜନ୍ମବାର୍ଷିକୀ ଏବଂ ହଳଦୀଘାଟି ବିଜୟର ୪୫୦ତମ ବାର୍ଷିକୀ ପାଳନ ପାଇଁ ବୁଧବାର ଉଦୟପୁରର ଗାନ୍ଧୀ ମଇଦାନରେ ଆୟୋଜିତ 'ରାଷ୍ଟ୍ର ଚେତନା ସଂକଳ୍ପ ସଭା'ରେ ଭାଗବତ ଯୋଗଦେଇ କହିଥିଲେ । ସେ କହିଥିଲେ ଯେ



ଆଜି ସାରା ଦେଶରେ ମହାରାଣା ପ୍ରତାପଙ୍କ ଜନ୍ମବାର୍ଷିକୀ ଶ୍ରଦ୍ଧା ଏବଂ ଗର୍ବର ସହିତ ପାଳନ କରାଯାଉଛି । ଏହା ପ୍ରମାଣ କରେ ଯେ ଦେଶ ଆତ୍ମସମ୍ମାନ, ସ୍ୱାଧୀନତା ଏବଂ ସଂସ୍କୃତିକୁ ରକ୍ଷା କରିବା ପାଇଁ ଲଢ଼ିଥିବା ମହାପୁରୁଷମାନଙ୍କୁ ମନେ ରଖେ । ସେ କହିଥିଲେ ଯେ ହଳଦୀଘାଟି ଯୁଦ୍ଧରେ ମୋଗଲ ସାମ୍ରାଜ୍ୟ ସେନା, ସମ୍ବଳ ଏବଂ ଅସ୍ତ୍ରଶସ୍ତ୍ର ଦୃଷ୍ଟିରୁ ଶ୍ରେଷ୍ଠ ଥିଲା । ମହାରାଣା ପ୍ରତାପଙ୍କ ପାଖରେ ସୀମିତ ସମ୍ବଳ, କମ୍ ଟଙ୍କା ଏବଂ ସାମରିକ ଶକ୍ତି ଥିଲା, ତଥାପି ସେ ସଂଘର୍ଷର ପଥ ପରିତ୍ୟାଗ କରି ନଥିଲେ । ସେ କହିଥିଲେ ଯେ ଭାରତୀୟ ସମାଜ କେବେବି ପରାଧୀନତାକୁ ସହଜରେ ଗ୍ରହଣ କରିନାହିଁ । ଯେତେବେଳେ ବି କୌଣସି ଆକ୍ରମଣକାରୀ ଏହି ଭୂମିକୁ ନିଜ ନିୟନ୍ତ୍ରଣକୁ ନେବାକୁ ଚେଷ୍ଟା କରିଥିଲେ, ସେହି ମୁହୂର୍ତ୍ତରୁ ପ୍ରତିରୋଧ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ସରସଂଘଚାଳକ କହିଛନ୍ତି ଯେ ଇତିହାସରେ ଅନେକ ଘଟଣା ସମୟ ସମୟରେ ଏକ ନିର୍ଦ୍ଦିଷ୍ଟ କାହାଣୀ ଅଧୀନରେ ଉପସ୍ଥାପିତ ହୋଇଛି । ହଳଦୀଘାଟି ଯୁଦ୍ଧ ପରିପ୍ରେକ୍ଷୀରେ ସମାନ ପରିସ୍ଥିତି ଦେଖାଯାଏ । ସେ କହିଛନ୍ତି ଯେ ମୋଗଲ ଐତିହାସିକମାନଙ୍କ ବର୍ଣ୍ଣନାରେ ଉଲ୍ଲେଖ ଅଛି ଯେ ଯୁଦ୍ଧ ସମୟରେ ମୋଗଲ ସେନାକୁ ପଛକୁ ହଟିବାକୁ ପଡିଥିଲା । ଯଦି ଯୁଦ୍ଧର ବିଭିନ୍ନ ପର୍ଯ୍ୟାୟରେ ମୋଗଲ ସେନା ନିରନ୍ତର କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହୋଇଥିଲା ଏବଂ ଯୁଦ୍ଧ ପରେ ମଧ ଭୟ ଏବଂ ଅସୁରକ୍ଷାର ଅବସ୍ଥାରେ ରହିଥିଲା, ତେବେ ପ୍ରକୃତରେ କିଏ ଜିତିଥିଲା ତାହା ବିଚାର କରିବା ଆବଶ୍ୟକ ।

### ୨ ମାଟି ବୋଝେଇ ହାଇୱା ଜବତ

ପିପିଲି, ୧୭/୬(ନିପ୍ର): ପିପିଲି ପୋଲିସ ମଙ୍ଗଳବାର ସନ୍ଧ୍ୟା ସମୟରେ ପାଟ୍ରୋଲିଂ କରୁ ଥିବା ବେଳେ ଦୁଇ ଗୋଟି ହାଇୱାରେ ବେଆଇନ ମାଟି ଚାଲାଣ ବେଳେ ଧରିବାରେ ସଫଳ ହୋଇଛି । ଏନେଇ ପିପିଲି ଥାନା କେଶ ନଂ ୩୯୨/୨୬ ମାମଲା ଆଗତ ହୋଇଛି । . ସୁଚନା ଅନୁଯାୟୀ ପିପିଲି ଥାନାର କାର୍ଯ୍ୟରତ ଏସଆଇ ଭାସ୍କର ମାଣିଆ, ୧୬.୦୬.୨୦୨୬ ସନ୍ଧ୍ୟା ୬.ଘଟିକା ସମୟରେ ପାଟ୍ରୋଲିଂ କରିବା ବେଳେ ପିପିଲି ଅଭିମୁଖେ ଯାଉଥିବା ଦୁଇଟି ହାଇୱା ଟ୍ରକ ଦ୍ୱାରା ବେଆଇନ ଲଘୁ ଖଣିଜ ପଦାର୍ଥ (ମାଟି) ପରିବହନ ବିଷୟରେ ସୂଚନା ପାଇଥିଲେ । ପିପିଲି-ଜଟଣୀ ରାସ୍ତାରେ କାକୁଡିଆ ଛକ ନିକଟରେ ଯାନବାହନ ଯାଞ୍ଚ ଆରମ୍ଭ କରିଥିଲେ । ପରେ ଦୁଇ ହାଇୱା ନଂ - ଓଡ଼ି ୦୨ ବିୱାଇ ୭୯୦୫ ଏବଂ ନଂ.ଓଡ଼ି ୦୨ ଏଭି ୭୪୯୨ ସେହି ରାସ୍ତାରେ ଆସିଥିଲା । ଯାଞ୍ଚ ପରେ ଶ୍ରୀ ମାଣିଆ ଗାଡି ଦୁଇଟିକୁ ଥାନାକୁ ଆଣି ଏନେଇ ନିଜେ ଥାନାରେ ରିପୋର୍ଟ କରି ଥିଲେ ।

### ଘୋଷଯାତ୍ରା ସମୟରେ ରଥ ସମ୍ମୁଖରେ ଅନଧିକୃତ ନୃତ୍ୟକୁ ବିରୋଧ

ପୁରୀ, ୧୭/୬ (ନିପ୍ର): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଘୋଷ ଯାତ୍ରା (ରଥଯାତ୍ରା) ସମୟରେ ରଥ ସମ୍ମୁଖରେ ଅନଧିକୃତ ନୃତ୍ୟ ପ୍ରଦର୍ଶନ, ପରମ୍ପରାଗତ ରୀତିନୀତିର ସୁରକ୍ଷା ଆଦି ବିଷୟକୁ କରାଯାଇଛି ବିରୋଧ । ଗମ୍ଭୀରତାର ସହ ପୁରୀ ପରମ୍ପରା ସୁରକ୍ଷାମଞ୍ଚ, ଅଚ୍ୟୁତନ୍ତ ଟ୍ରଷ୍ଟ ଏବଂ ଅନ୍ୟ ଆଠଟି ଅନୁଷ୍ଠାନ ଏକ ୬ ଦଫା ସମ୍ବଳିତ ଦାବିପତ୍ର ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରିଛନ୍ତି । ମଞ୍ଚର ଆବାହିକା ରୋମା ଦାସମହାପାତ୍ରଙ୍କ ନେତୃତ୍ୱରେ ଏକ ୭ଜଣିଆ ପ୍ରତିନିଧି ମଣ୍ଡଳ ଯାଇ, ଜିଲ୍ଲାପାଳ ଓ ଏସପି ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଘୋଷଯାତ୍ରା ସମୟରେ, ରଥ ସମ୍ମୁଖରେ ହେଉଥିବା ସମସ୍ତ ନୃତ୍ୟ ପ୍ରଦର୍ଶନ ସମ୍ପର୍କରେ ଏକ ସ୍ପଷ୍ଟ ଓ ସର୍ବଜନୀନ ନିତି ଘୋଷଣା କରାଯାଉ । କେଉଁ ବ୍ୟକ୍ତି କିମ୍ବା ସଂଗଠନ ନୃତ୍ୟ କରିବାକୁ ଅନୁମତି ପାଇବେ ବା କେଉଁ ଆଧାର ରେ ଅନୁମତି ଦିଆଯିବ, ତାହା ସ୍ପଷ୍ଟ କରାଯାଉ । ଶ୍ରୀମନ୍ଦିର ପରମ୍ପରା, ରୀତିନୀତି ଓ ବରିଷ୍ଠ ସେବାୟତଙ୍କ ମତାମତ ଆଧାରରେ ନୃତ୍ୟ ପ୍ରଦର୍ଶନର ଯୋଗ୍ୟତା ନର୍ଦ୍ଧାରଣ କରାଯାଉ । ଅନଧିକୃତ ପ୍ରବେଶ, ସୁରକ୍ଷା ବଳୟ ଉଲ୍ଲଙ୍ଘନ, ଓ ଯେ କୌଣସି ଅନିୟମିତତା ସମ୍ପର୍କରେ ସ୍ୱତନ୍ତ୍ର ତଦନ୍ତ କରାଯାଉ । ଯେ କୌଣସି ସେବାୟତ କିମ୍ବା ଅଧିକାରୀ ଯଦି ପଦର ଦୁରୁପଯୋଗ କରନ୍ତି ।

### ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ



ପୁରୀ, ୧୭/୬(ନିପ୍ର): କାଲିନିନଗ୍ରାଡରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଲୁକା ଶିଳ୍ପ ମହୋତ୍ସବରେ ରସିଆନ ଗ୍ରାଣ୍ଡ ସ୍ୟାଣ୍ଡ ମାଷ୍ଟର କପ-୨୦୨୬ ଜିତି ଭାରତ ଫେରିବା ପରେ ବିଶ୍ୱପ୍ରସିଦ୍ଧ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କୁ ଆଜି ମାନ୍ୟବର ରାଜ୍ୟପାଳ ସମ୍ବର୍ଦ୍ଧନା ଜଣାଇଛନ୍ତି । ରାଜ୍ୟପାଳ କହିଛନ୍ତି, ଏହି ପ୍ରତିଷ୍ଠିତ ଅନ୍ତର୍ଜାତୀୟ ସମ୍ମାନ ପାଇବାରେ ସୁଦର୍ଶନ ପ୍ରଥମ ଭାରତୀୟ ବାଲୁକା ଶିଳ୍ପୀ । ଏହା ଓଡ଼ିଶା ଓ ଦେଶ ପାଇଁ ଗୌରବ ଆଣିଛି ଏବଂ ବିଶ୍ୱ ସ୍ତରରେ ଭାରତର କଳା-ସଂସ୍କୃତିକୁ ଆହୁରି ଉଚ୍ଚରେ ପହଞ୍ଚାଇଛି । ରାଜ୍ୟପାଳ ସୁଦର୍ଶନଙ୍କ ପୁରସ୍କାରପ୍ରାପ୍ତ ବାଲୁକା ଶିଳ୍ପକୁ ପ୍ରଶଂସା କରିଛନ୍ତି, ଯାହା ଜଳବାୟୁ ପରିବର୍ତ୍ତନ ଓ ମାନବଜାତି ଉପରେ ଏହାର ପ୍ରଭାବକୁ ଦର୍ଶାଇଛି । ସାମାଜିକ ଓ ପରିବେଶ ବାର୍ତ୍ତା ପାଇଁ କଳାକୁ ମାଧ୍ୟମ କରିଥିବାରୁ ସେ ଶିଳ୍ପୀଙ୍କୁ ସାଧୁବାଦ ଜଣାଇଛନ୍ତି । ରାଜ୍ୟପାଳ ସୁଦର୍ଶନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ତାଙ୍କ ସୃଜନଶୀଳତା ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେବ ବୋଲି ଆଶା ପ୍ରକାଶ କରିଛନ୍ତି ।

### ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ

ଆସିକା, ୧୭/୬(ନିପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଧରାକୋଟ ଥାନା ସରଧାପୁର ହରିଜନ ସାହିର ଜଣେ ବୃଦ୍ଧକୁ ମରଣାନ୍ତକ ଆକ୍ରମଣ ହୋଇଛି । ବୃଦ୍ଧଙ୍କୁ ତାଙ୍କ ପଡୋଶୀ ଘର ଯୁବକଙ୍କ ମରଣାନ୍ତକ ଆକ୍ରମଣ କରିଛନ୍ତି । ଆକ୍ରମଣରେ ଗୁରୁତର ହୋଇଥିବା ବୃଦ୍ଧ ଜଣକ ହେଲେ ସେହି ଗ୍ରାମର ୬୫ ବର୍ଷୀୟ ପାଣ ଗୌଡ଼ । ସୂଚନା ଅନୁସାରେ ପାଣ ଗୌଡ଼ ଓ ତାଙ୍କ ପଡୋଶୀଙ୍କ ମଧ୍ୟରେ ଘର କାନ୍ଥକୁ ନେଇ ଦୀର୍ଘଦିନ ହେଲା ତିକ୍ତତା ଲାଗି ରହିଥିଲା । ସେଇ ତିକ୍ତତାକୁ କେନ୍ଦ୍ରକରି ପଡୋଶୀ ଘର ଯୁବକ ସନ୍ଧ୍ୟା ସମୟରେ ପାଣ ଗୌଡ଼ ନିଜ କାମ ସାରି ଘରକୁ ଫେରୁଥିବା ସମୟରେ ଅଭିଯୁକ୍ତ ତାଙ୍କୁ ପଞ୍ଝାରେ ଆକ୍ରମଣ କରିଥିଲେ । ଘଟଣା ସ୍ଥଳରେ ବୃଦ୍ଧ ପାଣ ଗୌଡ଼ ଗୁରୁତର ହୋଇଥିବା ବେଳେ ପରିବାର ଲୋକେ ଉଦ୍ଧାର କରି ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ । ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣା ସ୍ଥଳରେ ଧରାକୋଟ ପୋଲିସ ପହଂଚି ଘଟଣାର ତଦନ୍ତ କରୁଥିବା ବେଳେ ଆକ୍ରମଣ କରିଥିବା ଯୁବକ ଜଣକ ଘଟଣା ସ୍ଥଳରୁ ଫେରାର ରହିଛି ।

## ଆଫଗାନିସ୍ତାନକୁ ୧୭୦ ରନରେ ପରାସ୍ତ କଲା ଗିଲ୍ ବାହିନୀ

ନୂଆଦିଲ୍ଲୀ, ୧୭/୬: ଦ୍ୱିତୀୟ ଦିନିକିଆରେ ଟିମ୍ ଇଣ୍ଡିଆର ବଡ଼ ବିଜୟ । ଆଫଗାନିସ୍ତାନକୁ ୧୭୦ ରନରେ ପରାସ୍ତ କଲା ଭାରତ । ୪୦୩ ରନର ବିଜୟ ଲକ୍ଷ୍ୟ ରହିଥିବାବେଳେ ୪୪ ଓଭର ୩ ବଲରେ ଅଲଆଉଟ୍ ହୋଇଛି ଆଫଗାନିସ୍ତାନ । ଭାରତ ପକ୍ଷରୁ ଗୁରନୂର ବ୍ରାର ଏବଂ ଅର୍ଶଦୀପ ୩ଟି ଲେଖାଏଁ ୱିକେଟ ନେବାରେ ସଫଳ ହୋଇଛନ୍ତି । ଭାରତ ତିନି ମ୍ୟାଚ ବିଶିଷ୍ଟ



ଦିନିକିଆ ସିରିଜକୁ ୨-୧ରେ ଆଗୁଆ ରହି ୪୦୩ ରନର ବିଶାଳ ଲକ୍ଷ୍ୟକୁ ଆଫଗାନିସ୍ତାନ ପିଛା କରୁଥିବାବେଳେ ରହମତ ଶାହ ସର୍ବାଧିକ ୭୯ ରନ୍ ସଂଗ୍ରହ କରିଥିଲେ । ସିଦ୍ଦିକୁଲ୍ଲା ଅଟଳ ୪୨ ରନ୍, ରହମାନୁଲ୍ଲା ଗୁରବାଜ ୪୧ ରନ୍ ଏବଂ ଇବ୍ରାହିମ ଜର୍ଦାନ ୨୧ ରନ୍ ସଂଗ୍ରହ କରିଥିଲେ । ରସିଦ ଖାନ ୧୨ ରନ୍ ସଂଗ୍ରହ କରିଥିବା ବେଳେ ଅନ୍ୟ ବ୍ୟାଟରଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା । ଭାରତ ପକ୍ଷରୁ ଅର୍ଶଦୀପ ସିଂହ ଏବଂ ଗୁରନୁର ବ୍ରାର ୩-୩ ୱିକେଟ୍ ଅକ୍ତିଆର କରିଥିଲେ । ପ୍ରୀନ୍ସ ଯାଦବ ୨ଟି ଏବଂ ୱାସିଂଟନ ସୁନ୍ଦର ଗୋଟିଏ ୱିକେଟ ନେଇଥିଲେ । ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଆଫଗାନିସ୍ତାନ । ଭାରତ ପ୍ରଥମେ ବ୍ୟାଟିଂ କରିଥିଲା । ଦଳ ୪୯.୫ ବଲରେ ଅଲଆଉଟ ହୋଇ ୪୦୨ ରନ କରିଥିଲା ଟିମ୍ ଇଣ୍ଡିଆ । ଦଳ ପକ୍ଷରୁ ଅଧିନାୟକ ଶୁଭମନ ଗିଲ୍ ସର୍ବାଧିକ ୧୫୪ ରନର ପାଳି ଖେଳିଥିବାବେଳେ ଇଶାନ କିଷନ ୧୨୫ ରନ କରିଛନ୍ତି । ଭାରତର ଓପନର ବ୍ୟାଟ୍ସମ୍ୟାନ ଜୟସ୍ୱାଲ ମାତ୍ର ୪ ରନ କରି ଆଉଟ୍ ହୋଇଥିଲେ ।

### ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ମାମଲା

## ସିବିଆଇ ତଦନ୍ତ ଦାବି: ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

ତାଳଚେର, ୧୭/୬(ନିପ୍ର): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ୨୦୦୮ ମସିହା ଅଗଷ୍ଟ ୨୩ ତାରିଖ ଜନ୍ମାଷ୍ଟମୀ ତିଥିରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଦୀର୍ଘ ୧୮ ବର୍ଷ ବିତି ଯାଇଥିଲେ ମଧ ପ୍ରକୃତ ହତ୍ୟାକାରୀଙ୍କୁ ଏ ଯାଏ ଦଣ୍ଡ ବିଧାନ ହୋଇ ପାରିଲା ନାହିଁ । ଉକ୍ତ ଘଟଣାର ସିବିଆଇ ତଦନ୍ତ ସହ ହତ୍ୟାକାରୀ ଓ ହତ୍ୟା ଷଡ଼ଯନ୍ତ୍ରକାରୀଙ୍କୁ କଠୋର ଦଣ୍ଡ ବିଧାନ ପାଇଁ ବରିଷ୍ଠ ବିଜେପି ନେତା ତଥା ସ୍ୱାମୀ ଲକ୍ଷଣା ନନ୍ଦ ସ୍ମୃତି କମିଟିର ଆବାହକ ପର୍ଶୁରାମ ବାରିକ ଦାବି କରିଛନ୍ତି । ବୁଧବାର ସ୍ୱାମୀ ଲକ୍ଷଣା ନନ୍ଦ ସ୍ମୃତି କମିଟି ତାଳଚେର ପକ୍ଷରୁ ଏ ମର୍ମରେ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ତାଳଚେର ଉପ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି ।



ସ୍ୱାମୀଜୀଙ୍କର ଜନ୍ମପୀଠ ତାଳଚେରର ଗୁରୁଜାଙ୍ଗ ଗ୍ରାମରେ । ବ୍ରହ୍ମଲିନ ସ୍ୱାମୀ ଲକ୍ଷଣା ନନ୍ଦ ସରସ୍ୱତୀଙ୍କୁ ୨୦୦୮ ମସିହାରେ ଜନ୍ମାଷ୍ଟମୀ ଦିନ ସାରା ଦେଶ ଉତ୍ସବ ମୁଖରିତ ଥିବା ବେଳେ ନିର୍ମମ ଭାବେ ହତ୍ୟା କରାଗଲା । ଏହା ପୂର୍ବରୁ ମଧ ସ୍ୱାମୀଜୀଙ୍କ ଉପରେ ଆକ୍ରମଣ ହୋଇଥିଲା । ତତ୍କାଳୀନ ସରକାର ଓ ପୋଲିସ ପ୍ରଶାସନକୁ ସ୍ୱାମୀଜୀ ଜଣାଇଥିବା ସତ୍ତ୍ୱେ ତାଙ୍କୁ ଉପଯୁକ୍ତ ସୁରକ୍ଷା ଦିଆ ନଯାଇ ମରଣ ମୁହଁକୁ ଠେଲି ଦିଆ ଯାଇଥିଲା । ଯାହାକି ଏକ ଷଡ଼ଯନ୍ତ୍ର । ହିନ୍ଦୁ ସମାଜକୁ ଜାଗ୍ରତ କରିବା ପାଇଁ ଏବଂ ଗରିବ ଆଦିବାସୀ ପିଲାମାନଙ୍କୁ ଏବଂ ବାଳିକାମାନଙ୍କୁ ପାଠ ପଢ଼ାଇ ମଣିଷ କରିବା ପାଇଁ ସ୍ୱାମୀଜୀ ପ୍ରୟାସ ଜାରି ରଖିଥିଲେ । ଚକାପାଦ, ଜଳେଶପଟା ପରି ଦେଶର ବିଭିନ୍ନ ସ୍ଥାନରେ ଆଶ୍ରମ ସ୍ଥାପନ କରି ଗରିବ ପିଲାମାନଙ୍କୁ ପାଠ ପଢ଼ାଇ ଆତ୍ମନିର୍ଭର କରୁଥିଲେ ।

### ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଚାମେଲୀ

କେନ୍ଦ୍ରାପଡା୧୭।୬(ନିପ୍ର): ଚର୍ଚ୍ଚିତ ଚାମେଲୀ ଓଝା ଘଟଣାକୁ ନେଇ ଏକ ନୂଆ ମୋଡ଼ ସାମ୍ନାକୁ ଆସିଛି । ନିଜ ସୁରକ୍ଷା ସୁନିଶ୍ଚିତ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ ଦାବିରେ ଚାମେଲୀ ଓଝା ପ୍ରଧାନମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି । ଚିଠିରେ ସେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ବିରୋଧରେ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର କରାଯାଇଥିବା ବେଳେ ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ । ତେଣୁ ଘଟଣାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ କରାଯିବା ସହ ଦୋଷୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ସେ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ଏହାସହ ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସୁରକ୍ଷା ପ୍ରଦାନ କରିବାକୁ ମଧ ଚିଠିରେ ନିବେଦନ କରିଛନ୍ତି ଚାମେଲୀ ଓଝା । ବର୍ତ୍ତମାନ ଏହି ଚିଠିକୁ ନେଇ ଜିଲ୍ଲା ତଥା ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଛି । ସମ୍ପୃକ୍ତ ପ୍ରଶାସନ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ମିଳିନଥିବା ବେଳେ ଆଗାମୀ ଦିନରେ ଏହି ଘଟଣା କେଉଁ ଦିଗକୁ ମୋଡ଼ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

### ଶ୍ରୀମନ୍ଦିର ରୋଷଘରକୁ ଭିନ୍ନ ଘିଅ ପଠାଇବାକୁ ଉଦ୍ୟମ !

ପୁରୀ,୧୭।୬ : ଶ୍ରୀମନ୍ଦିର ରୋଷଘରେ ଭିନ୍ନ ଘିଅ ପ୍ରବେଶ କୁ ବାରଣ ରହିଛି । କେବଳ ଗୁଆ ଘିଅ ବ୍ୟବହାର ପାଇଁ ରହିଛି ନିୟମ । କିନ୍ତୁ କିଛି ଲାଭଖୋର ସୁଆର ଭିନ୍ନ ବ୍ରାଣ୍ଡ ଘିଅରେ ମହାପ୍ରସାଦ ପ୍ରସ୍ତୁତ କରିବାକୁ ହୀନ ଉଦ୍ୟମ କରିବା ଘଟଣା ଚର୍ଚ୍ଚାକୁ ଆସିଛି । ସୂଚନାନୁଯାୟୀ ମହାପ୍ରସାଦ ପ୍ରସ୍ତୁତିରେ କେବଳ ଓମଫେଡ୍ ଘିଅ ବ୍ୟବହାର ପାଇଁ କଟକଣା ରହିଛି । ମାତ୍ର ନିୟମ ଉଲ୍ଲଂଘନ କରି ଅନ୍ୟ ବ୍ରାଣ୍ଡର ଘିଅ ନିଆଯାଉଥିଲା ବୋଲି କୁହାଯାଇଛି ।ସୂଚନା ଅନୁସାରେ, ଆଜି ରୋଷ ଘରକୁ ଘିଅ ନେବା ସମୟରେ ସୁରକ୍ଷା କର୍ମୀ ଯାଞ୍ଚ କରି ବନସ୍ପତି ଘିଅର ୩୦ଟି ପ୍ୟାକେଟ୍ ଧରିଥିଲେ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତୁରନ୍ତ ଘିଅ ଜବତ କରାଯିବା ସହ ଘଟଣାର ତଦନ୍ତ ଆରମ୍ଭ ହୋଇଛି ।ଶ୍ରୀମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତି ପାଇଁ କେବଳ ଓମଫେଡ୍ ଘିଅ ବ୍ୟବହାର କରିବାକୁ ପୂର୍ବରୁ ନିର୍ଦ୍ଦେଶ ରହିଛି ।

### ୟୁନିଟ୍-୧ ହାଟର ସୁରକ୍ଷା ପାଇଁ ବଡ଼ ପଦକ୍ଷେପ

# ଲାଗିବ ୱାଟର ସ୍ପ୍ରିଙ୍କଲର, ମଞ୍ଜୁର ହେଲା ୨୬ କୋଟି

ଭୁବନେଶ୍ୱର,୧୭।୬(ନିପ୍ର): ୟୁନିଟ୍-୧ ହାଟରେ ନିଆଁ ଲାଗିବା କ୍ଷଣି ପାଣି ବର୍ଷା ହେବ । ବଡ ବିପଦକୁ ମାତ୍ର କେଇ କ୍ଷଣରେ ଅଟକାଯାଇ ପାରିବ । ହାଟରେ ନିର୍ମାଣ ହେବାକୁ ଯାଉଛି ୱାଟ୍ର ସ୍ପ୍ରିଙ୍କଲର ସିଷ୍ଟମ ବା ଫାୟାର ଫାଇଟିଙ୍ଗ ସିଷ୍ଟମ । ବିଏମ୍ସି ପକ୍ଷରୁ ଖୁବ୍‌ଶୀଘ୍ର ଏହାର କାମ ଆରମ୍ଭ ହେବାକୁ ଯାଉଛି । ୟୁନିଟ୍-୧ ହାଟରେ ଶେଷ ୫ ମାସ ଭିତରେ ଦୁଇଥର ଅଗ୍ନିକାଣ୍ଡ ଘଟିଲାଣି । ଏଥିରେ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ଦୋକାନ ପୋଡ଼ି ପାଉଁଶ ହୋଇଛି । ହାଟ ଭିତରେ ଏଭଳି ଅଗ୍ନିକାଣ୍ଡ ରୋକିବାକୁ ବିଏମସି ପକ୍ଷରୁ ମେଗା ପ୍ଲାନ ପ୍ରସ୍ତୁତ କରାଯାଇଛି । ୟୁନିଟ-୧



ହାଟରେ ୱାଟର ସ୍ପିଙ୍କଲର ଲଗାଯିବାକୁ ନିଷ୍ପତ୍ତି ହୋଇଛି । ଏଥିପାଇଁ ଓଡିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା) ପକ୍ଷରୁ ବିଏମ୍ସିକୁ ୨୬ କୋଟି ଟଙ୍କା ପ୍ରଦାନ କରାଯାଇଛି । ଖୁବଶୀଘ୍ର ଟେଣ୍ଡର ପରେ କାମ ଆରମ୍ଭ ହେବ । ହାଟର ପାର୍କିଂ ଥିବା ସ୍ଥାନରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ । ଏଥିରେ ବଡ଼ ଭୂତଳ ପାଣି ଟାଙ୍କି ନିର୍ମାଣ କରାଯିବ । ଏଥିସହ ପମ୍ପ ହାଉସ ରହିବ । ପୂରା ପାଇପ ଲାଇନ୍ ହାଟ ଭିତରେ ବିଛାଯିବ । ସବୁ ଦୋକାନର ଆଗରେ ୱାଟର ସ୍ପିଙ୍କଲର ଲାଗିବ । କୌଣସି ସ୍ଥାନରେ ଯଦି ନିଆଁ ଲାଗେ, ଆପେ ଆପେ ସେଠାରୁ ପାଣି ବାହାରିବ । ଏଥିପାଇଁ ବିଏମସି, ଓସଡମା ଏବଂ ଅଗ୍ନିଶମ ବିଭାଗର ମିଳିତ ଟିମ୍ ସର୍ଭେ କରିଥିଲେ । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ, ହାଟ ଭିତରେ ନିଆଁ ଲାଗିବା ଭଳି ବିପଦକୁ ଏଡାଇ ଦିଆଯାଇ ପାରିବ । ହାଟରେ ଥିବା ୧୩ଶହରୁ ଅଧିକ ଦୋକାନୀ ଉପକୃତ ହେବ ।

## ପତରପେଣ୍ଡି ରୀତିନୀତିରେ ସ୍ଥିର ହେଲା ହର-ପାର୍ବତୀଙ୍କ ଦିବ୍ୟ ବିବାହ

**ବରପାଲି, ୧୭/୬:** ଭକ୍ତି, ପରମ୍ପରା ଓ ଆଧ୍ୟାତ୍ମିକତାର ଅନନ୍ୟ ସଙ୍ଗମ ପାଲଟିଥିବା ୧୪୯ତମ ବରପାଲି ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବର ଦ୍ୱିତୀୟ ଦିବସ ଭକ୍ତିମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଛି । ବାବା କପିଳେଶ୍ୱରଙ୍କ ପକ୍ଷରୁ ଶ୍ରୀଶ୍ରୀ ହରପାର୍ବତୀ ଓ ନଟରାଜଙ୍କ ଦିବ୍ୟ ସ୍ନାନ, ଶତ ଆରତି ଏବଂ ବିଶେଷ ଭୋଗ ଅର୍ପଣ କରାଯାଇଥିବା ବେଳେ ସମଗ୍ର ଅଞ୍ଚଳ ଭକ୍ତିରେ ମଗ୍ନ ହୋଇଯାଇଥିଲା । ମଧ୍ୟାହ୍ନରେ ଅମୃତ ମଣୋହୀ ଭୋଗ ନୀତି ସମ୍ପନ୍ନ ହେବା ପରେ ଦେବଦମ୍ପତିଙ୍କ ବିଶ୍ରାମ ବିଧି ଅନୁଷ୍ଠିତ ହୋଇଥିଲା । ତେବେ ସନ୍ଧ୍ୟାବେଳେ ହିମାଦ୍ରିନଗରରେ ଆୟୋଜିତ ବହୁ ପ୍ରତୀକ୍ଷିତ ପତରପେଣ୍ଡି ବା କନ୍ୟା ମନୋନୟନ ରୀତି ଉତ୍ସବର ପ୍ରମୁଖ ଆକର୍ଷଣ ପାଲଟିଥିଲା । ଆରତି ଓ ପ୍ରାର୍ଥନା ପରେ ବରପକ୍ଷ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଦାଶ ଶ୍ଳୋକ ମାଧ୍ୟମରେ ବାବା କପିଳେଶ୍ୱରଙ୍କ ମହିମା ବର୍ଣ୍ଣନା କରିଥିବା ବେଳେ କନ୍ୟାପକ୍ଷ ପଣ୍ଡିତ ତାପ୍ତିକୁମାର ସିଂହ ମାତା ପାର୍ବତୀଙ୍କ ଗୁଣଗାନ କରିଥିଲେ । ପରମ୍ପରା ଅନୁଯାୟୀ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଓ ପ୍ରଶ୍ନୋତ୍ତର ପର୍ବ ଚାଲିଥିଲା । ତାରକାସୁର ବଧ ଓ ବିଶ୍ୱ କଲ୍ୟାଣ ପାଇଁ ଶିବ-ପାର୍ବତୀଙ୍କ ବିବାହର ଆବଶ୍ୟକତା ସମ୍ପର୍କରେ ବରପକ୍ଷ ଯୁକ୍ତି ରଖିଥିଲେ । ଶେଷରେ ଉଭୟ ପକ୍ଷ ମଧ୍ୟରେ ସହମତି ପ୍ରକାଶ ପାଇବା ସହ ହର-ପାର୍ବତୀଙ୍କ ଦିବ୍ୟ ବିବାହ ସ୍ଥିର ହୋଇଥିଲା । ପରେ କମିଟି ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀ ଓ ଅନ୍ୟ ସଦସ୍ୟମାନେ କନ୍ୟାପିତା ଶିବୁ ଅଗ୍ରୱାଲଙ୍କୁ ସର୍ଗିପତ୍ର ପ୍ରଦାନ କରି ନିର୍ବନ୍ଧ କାର୍ଯ୍ୟ ସମାପନ କରିଥିଲେ ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ